R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୭୫
ତିଥି : ଚତୁର୍ଥୀ
୦୨ ଏପ୍ରିଲ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 175
02 April 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore


ସମଗ୍ର ଶିକ୍ଷା
समग्र शिक्षा
Samagra Shiksha



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ
# ୨୦୨୫
# ଶିଶୁ ବାଟିକାର ଶୁଭାରମ୍ଭ

## ସଭିଏଁ ସ୍କୁଲ ଯିବା

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ**
ବିଧାୟକ, ଖୋର୍ଦ୍ଧା

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର

**ଶ୍ରୀମତୀ ସୁଲୋଚନା ଦାସ**
ମେୟର, ଭୁବନେଶ୍ୱର ମହାନଗର ନିଗମ

୦୨ ଅପ୍ରେଲ ୨୦୨୫
ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗଡ଼, ଭୁବନେଶ୍ୱର

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

OIPR: 27068/13/0044/2425 DSPL-08

ଅଟିଜିମ୍‌ର ଡାକ୍ତରୀ ଭାଷାରେ ପୂରା ନାମ ହେଲା ଅଟିଜିମ୍ ସ୍ପେକ୍ଟ୍ରମ ଡିଜ୍‌ଅର୍ଡର ବା ଏଏସ୍‌ଡି । ଯାହା ଏକ ପ୍ରକାର ସ୍ନାୟୁବିକାଶ ଜନିତ ସମସ୍ୟା ବା ପରିସ୍ଥିତି । ଏହା ବ୍ୟକ୍ତିର ବିଭିନ୍ନ କାର୍ଯ୍ୟ ଉପରେ ପ୍ରଭାବ ପକାଇଥାଏ । ଯେପରି ସେ କିଭଳି କଥା ହେବ, କିଭଳି ନିଜର ଦୈନନ୍ଦିନ କାର୍ଯ୍ୟ କରିବା ସବୁ ଉପରେ ଏହାର ପ୍ରଭାବ ରହିଥାଏ । ସେମାନଙ୍କ ନିକଟରେ ଭିନ୍ନଭିନ୍ନ ପରିସ୍ଥିତି ବା ଲକ୍ଷଣ ଦେଖିବାକୁ ମିଳିଥାଏ ।

■ **ସାମାଜିକ ବାର୍ତ୍ତାଳପ**

ଏହି ରୋଗୀଙ୍କ ନିକଟରେ ସାମାଜିକ ବାର୍ତ୍ତାଳପ କରିବାରେ ସମସ୍ୟା ସୃଷ୍ଟି ହେବାର ଦେଖିବାକୁ ମିଳିଥାଏ । ସେମାନେ କାହା ସହ କଥା ହେବା ସମୟରେ ସଠିକ୍ ଭାବେ ନିଜ ଭାବ ପ୍ରକାଶ କରି ପାରନ୍ତି ନାହିଁ । ଏପରିକି ସେମାନେ ଆଗ ଲୋକର କଥାବାର୍ତ୍ତାକୁ ବୁଝି ମଧ୍ୟ ପାରନ୍ତି ନାହିଁ । ଯାହା ଫଳରେ ସେମାନଙ୍କ ସହିତ କୌଣସି ବି ବିଷୟବସ୍ତୁ ସମ୍ପର୍କରେ କଥା ହେବା କଷ୍ଟ ହୋଇପଡେ ।

■ **ଭାବ ଆଦାନପ୍ରଦାନ**

ଏମାନଙ୍କ ନିକଟରେ ଭାବ ଆଦାନ ପ୍ରଦାନର କ୍ଷମତା ଖୁବ କମ ଦେଖିବାକୁ ମିଳିଥାଏ । ସେମାନେ କାହା ସହ କଥା ହେବା ସମୟରେ କିଭଳି କଥାହେବାର ଆବଶ୍ୟକତା ରହିଛି , ଯେପରି ଆଖି ମିଶାଇ କଥା ହେବା କିମ୍ବା କଥା ଶୁଣିବା ଓ ବୁଝିବାରେ ଆଗ୍ରହ ପ୍ରକାଶ କରିବା ଆଦି ଦେଖିବାକୁ ମିଳିନଥାଏ । ଯାହା ବେଳେବେଳେ ଏକ ମାନସିକ ସମସ୍ୟାକୁ ବୁଝାଇଥାଏ ।

■ **ବାରମ୍ବାର ଗୋଟିଏ ବ୍ୟବହାର**

ବେଳେବେଳେ ଗୋଟିଏ ବ୍ୟବହାରକୁ ବାରମ୍ବାର ମଧ୍ୟ ସେମାନେ କରିଥାଆନ୍ତି । ଯେପରି ପାଟି କରିବା, ହାତ ଝଟକିବା, କୌଣସି କଥା ପାଇଁ ଜିଦି କରିବା ଆଦି ଦେଖିବାକୁ ମିଳେ । ଯାହା ସମୟେ ସମୟେ ନିୟନ୍ତ୍ରଣ ବାହାରକୁ ଯାଇଥାଏ ।

■ **ଅଧିକ ଜିଦି** ବେଳେବେଳେ କୌଣସି ଘଟଣାକୁ ନେଇ ହେଉ କିମ୍ବା ସାମଗ୍ରୀକୁ ନେଇ ଜିଦି କରିବା । କୌଣସି ଉପାୟରେ ବି ସେମାନେ ବୁଝି ନଥାନ୍ତି, ଯାହା ପାଇବାକୁ ଚାହିଁ ଥାଆନ୍ତି ତାହା ପାଇବା ପରେ ଯାଇ ବୁଝି ଥାଆନ୍ତି ।

■ **ରିସ୍କ ଫ୍ୟାକ୍ଟର** ବର୍ତ୍ତମାନ ପର୍ଯ୍ୟନ୍ତ ଅଟିଜିମ୍‌ର କାରଣ ସଠିକ୍ ଭାବେ ଜଣା ପଡିନାହିଁ । ହେଲେ ଡାକ୍ତରମାନେ କିଛି ଟା କାରଣକୁ ଏଥିପାଇଁ ଦାୟୀ କରିଥାଆନ୍ତି । ଯେପରି ଏହା କିଛି କ୍ଷେତ୍ରରେ ଜେନେଟିକ୍ ହୋଇପାରେ । ଯଦି ଆପଣଙ୍କ ପରିବାରରେ କିଏ ଏହି ରୋଗରେ ପୀଡିତ ଥିବେ ତେବେ ଏହି ସମସ୍ୟା ଆପଣଙ୍କ ପିଲାଙ୍କ ନିକଟରେ ମଧ୍ୟ ଦେଖିବାକୁ ମିଳିବାର ସମ୍ଭାବନା ରହିଛି । ସେହିଭଳି ଆମ ମସ୍ତିଷ୍କର ଆକାର, କାର୍ଯ୍ୟକ୍ଷମତାରେ ସମସ୍ୟା ଥିଲେ ଅଟିଜିମ୍ ହେବାର ସମ୍ଭାବନା ରହିଥାଏ । ମସ୍ତିଷ୍କ ବିକାଶ ନହେଲେ ଏହି ସମସ୍ୟା ହେବାର ଆଶଙ୍କା ବେଶି ରହିଥାଏ । ସେହିଭଳି ସାଧାରଣତଃ ୨ ରୁ ୩ ବର୍ଷ ଭିତରେ ଏହି ସମସ୍ୟା ନେଇ ଜଣା ପଡିଯାଇଥାଏ । ଏହାକୁ କୌଣସି ଟେଷ୍ଟ ନୁହେଁ ବରଂ ରୋଗୀର ବ୍ୟବହାର, କଥା ହେବାର ଶୈଳୀ ଆଦିରୁ ଜାଣିବାକୁ ହୋଇଥାଏ ।





## ଏଆଇ କରୁଛି ସୁବିଧା

**ଆଜିକାଲି ଏଆଇର ବ୍ୟବହାର ସମସ୍ତ କ୍ଷେତ୍ରରେ ଜାରି ରହିଛି । ଏଆଇକୁ ବ୍ୟବହାର କରି ଲୋକମାନେ ବିଭିନ୍ନ ସୁବିଧାର ଲାଭ ଉଠାଇପାରୁଛନ୍ତି । ଚିକିତ୍ସା କ୍ଷେତ୍ରରେ ମଧ୍ୟ ଏହାର ଅବଦାନ ଖୁବ ଅଧିକ । ସେହିଭଳି ଏଆଇ ଅଟିଜିମ୍ କ୍ଷେତ୍ରରେ ମଧ୍ୟ ଅନେକ ପ୍ରକାର ସୁବିଧା ପ୍ରଦାନ କରୁଛି ।**

- ଏହା ଅଟିଜିମ୍ ରୋଗକୁ ଶୀଘ୍ର ଚିହ୍ନଟ ସହିତ ଚିକିତ୍ସା କରାଇବାରେ ସାହାଯ୍ୟ କରୁଛି । ଏଆଇ ଦ୍ୱାରା ଜଣଙ୍କର ବ୍ୟବହାର ଓ ଚାଲିଚଳନକୁ ସମୀକ୍ଷା କରି ସେ ଅଟିଜିମ୍‌ରେ ପୀଡିତ କି ନାହିଁ ସେ ସମ୍ପର୍କରେ ଜାଣି ହେଉଛି । ତେଣୁ ଖୁବ ପୂର୍ବରୁ ରୋଗ ସମ୍ପର୍କରେ ଜାଣି ହେଉଛି ଏବଂ ଚିକିତ୍ସା ମଧ୍ୟ ହୋଇ ପାରୁଛି । ଏଥିରେ ସ୍ପିଚ୍ ପ୍ରୋସେସିଂ, ଆଇ ଟ୍ରାକିଂ ଆଦି ପ୍ରକ୍ରିୟା ସମ୍ପୃକ୍ତ ରହିଛି ।
- ଏଆଇର ବ୍ୟବହାର କରି ବର୍ତ୍ତମାନ ବିଭିନ୍ନ ଉନ୍ନତ ମାନର ଥେରାପି ଅଟିଜିମ ପୀଡିତଙ୍କୁ ଦେଇ ହେଉଛି । ଯାହା ସେମାନଙ୍କୁ ମାନସିକ ଓ ଶାରିରୀକ ଉଭୟ ସ୍ତରରେ ସାହାଯ୍ୟ କରୁଛି । ଏଆଇ ଦ୍ୱାରା ନିର୍ମିତ ବିଭିନ୍ନ ଆପର ବ୍ୟବହାର କରି ପିଲାମାନେ କିଭଳି ଅନ୍ୟଙ୍କ ସହିତ କଥା ହେବେ, ନିଜର ମନର କଥାକୁ ଅନ୍ୟ ଆଗରେ କିଭଳି ପ୍ରକାଶ କରିବେ ଆଦି ଶିଖି ଥାଆନ୍ତି ।
- ଆଜିକାଲି ଏଆଇରେ ଅନେକ ପ୍ରକାର କମୁନିକେସନ ଟୁଲ ରହୁଛି ଯାହାକୁ ବ୍ୟବହାର କରି ସେମାନେ ଅନେକ କିଛି ଶିଖି ପାରିବେ । ସେମାନେ ଏହି ଟୁଲର ବ୍ୟବହାର କରି ନିଜର ମନର ଭାବକୁ ପ୍ରକାଶ କରିବାର ଉପାୟ ଜାଣି ପାରିବେ । ଏହି ଟୁଲ ସାହାଯ୍ୟରେ ଅଭ୍ୟାସ କରିବା ଫଳରେ ସେମାନେ ଅଧିକରୁ ଅଧିକ ଏକ୍ସପ୍ରେସିଭ୍ ହୋଇପାରିବେ ।
- ଏଆଇକୁ ବ୍ୟବହାର କରି ସେମାନଙ୍କୁ ପାଠ ମଧ୍ୟ ପଢାଯାଇ ପାରୁଛି । ସେମାନଙ୍କ ପାଇଁ ସ୍ମାର୍ଟ କ୍ଲାସ୍‌ରୁମର ଆୟୋଜନ କରାଯାଉଛି । ଯେଉଁଠାରେ ବିଭିନ୍ନ ପ୍ରକାରର ଶିକ୍ଷଣୀୟ ସଫ୍ଟୱେୟାରର ବ୍ୟବହାର କରାଯାଇ ପାଠ ପଢାଯିବ ।

# ଅଟିଜିମ୍

**ବେଳେବେଳେ ଆମେ ଦେଖୁ କିଛି ଶିଶୁ ଅନ୍ୟମାନଙ୍କ ଠାରୁ ଭିନ୍ନ ଭାବେ ବ୍ୟବହାର କରିଥାଆନ୍ତି । ବାହାରୁ ଦେଖିଲେ ଲାଗେ ସେମାନେ ଯେପରି ନିଜର ଏକ ଦୁନିଆ ତିଆରି କରିଦେଇଛନ୍ତି । ଅନ୍ୟ କାହା ପ୍ରତି ତାଙ୍କର ନିଘା ନାହିଁ । ଏଭଳି ଶିଶୁଙ୍କୁ ଡାକ୍ତରୀ ଭାଷାରେ ଅଟିଜିମ୍ ରୋଗୀ ବୋଲି ସମ୍ବୋଧନ କରାଯାଇଥାଏ ।**

### ଥିମ୍

୨୦୨୫ – ଅଟିଜିମ୍ ଆଣ୍ଡ ଦି ୱାର୍ଲ୍ଡ ୱାର୍କ

୨୦୨୪ – ସେଲିବ୍ରେଟିଂ ଦି ଡାଇଭର୍ସିଟି ଅଫ୍ ଅଟିଜିମ୍

୨୦୨୩ – ଟ୍ରାନ୍ସଫର୍ମିଂ ଦି ନ୍ୟାରେଟିଭ୍ : କଣ୍ଟ୍ରିବ୍ୟୁସନ ଅଫ୍ ପିପୁଲ୍ ଉଇଥ୍ ଅଟିଜିମ୍

୨୦୨୨ – କ୍ୱାଲିଟି ଏଜୁକେସନ ଫର୍ ଅଲ୍

୨୦୨୧ – ଇନ୍‌କ୍ଲୁଜନ୍ ଇନ୍ ଦି ୱାର୍କପ୍ଲେସ : ଚାଲେଞ୍ଜ ଆଣ୍ଡ ଅପର୍ଚ୍ୟୁନିଟି

୨୦୨୦ – ଦି ଟ୍ରାଞ୍ଜିସନ ଅଫ୍ ଆଡଲ୍ଟହୁଡ

## ବିଶ୍ୱ ଅଟିଜିମ୍ ଦିବସ

ବିଭିନ୍ନ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱରେ ଅନେକ ଦିବସ ପାଳନ କରାଯାଇଥାଏ । ସେହିଭଳି ଏକ ଦିବସ ହେଲା ବିଶ୍ୱ ଅଟିଜିମ୍ ଦିବସ, ଯାହାକୁ ଅଟିଜିମ୍ ରୋଗ ସମ୍ପର୍କରେ ସଚେତନ କରିବା ପାଇଁ ପାଳନ କରାଯାଇଥାଏ । ପ୍ରଥମଥର ପାଇଁ ୟୁନାଇଟେଡ୍ ନ୍ୟାସନାଲ ଜେନେରାଲ ଆସ୍‌ମ୍ବେଲି ପକ୍ଷରୁ ୨୦୦୭ରେ ଏହି ଦିବସ ପାଳନ କରାଯିବା ଆରମ୍ଭ ହୋଇଥିଲା । ଯାହାର ମୂଳ ଉଦ୍ଦେଶ୍ୟ ଥିଲା ଅଟିଜିମ୍ ରୋଗ ବିଷୟରେ ସର୍ବସାଧାରଣଙ୍କୁ ସଚେତନ କରାଇବା । କିଭଳି ଜଣେ ଅଟିଜିମ୍ ଶିଶୁକୁ ସମାଜରେ ସମସ୍ତେ ସହଜରେ ଗ୍ରହଣ କରିବା ସହିତ ସେ ସୁସ୍ଥ ହେବା ପାଇଁ ତାକୁ ସାହାଯ୍ୟ କରିବେ ସେ ନେଇ ଲୋକଙ୍କୁ ଜଣାଇବା ପାଇଁ ଏହି ଦିବସ ପାଳନ କରାଯିବା ଆରମ୍ଭ ହୋଇଥିଲା । ୨୦୦୭ ଏପ୍ରିଲ୍ ୨ ତାରିଖରେ ଏହାକୁ ପ୍ରଥମଥର ପାଇଁ ପାଳନ କରାଯାଇଥିଲା । ସେହିଭଳି ଏହି ଦିବସ ପାଳନ ପଛରେ ଉଦ୍ଦେଶ୍ୟଥିଲା ବ୍ୟକ୍ତିଗତ ଅଧିକାର ସମ୍ପର୍କରେ ମଧ୍ୟ ଲୋକଙ୍କୁ ସଚେତନ କରିବା, ଯାହାର ଆବଶ୍ୟକ ଏହି ରୋଗୀଙ୍କୁ ଅଧିକ ଦରକାର ହୋଇଥାଏ । ଏହି ଦିବସର ରଙ୍ଗ ଭାବେ ନୀଳ ରଙ୍ଗକୁ ଗ୍ରହଣ କରାଯାଇଛି ।

### ଉଦ୍ଦେଶ୍ୟ

୨୦୦୭ ପରେ ଯେପରି ଏହା ଏକ ବିଶ୍ୱ ବିପ୍ଳବରେ ପରିଣତ ହୋଇଛି । ଲୋକମାନେ ଏବେ ଏହି ରୋଗ ସମ୍ପର୍କରେ ଖୁବ ଅଧିକ ଜାଣିବାକୁ ଚେଷ୍ଟା କରିବା ସହିତ ଅଧିକ ଜାଣୁଛନ୍ତି ମଧ୍ୟ । ଲୋକମାନେ ଧୀରେଧୀରେ ଏହି ରୋଗୀଙ୍କୁ ବୁଝିବା ସହିତ ସେମାନଙ୍କୁ ସାହାଯ୍ୟ ମଧ୍ୟ କରୁଛନ୍ତି । ସମାଜରେ ସେମାନଙ୍କର ମଧ୍ୟ ମୌଳିକ ଅଧିକାର ରହିଛି ବୋଲି ଏହି ଦିବସ ବୁଝାଇବାରେ ସାହାଯ୍ୟ କରିଥାଏ । ବିଗତ ୧୭ ବର୍ଷ ଭିତରେ ଏହି ଦିବସକୁ ନେଇ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଅନେକ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗବେଷକ ଏହି ରୋଗୀଙ୍କୁ ସେମାନଙ୍କ ମୌଳିକ ଅଧିକାର ସହିତ ସେମାନଙ୍କ ଜୀବନକୁ ସହଜ କରିବାରେ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳୁଛି । ବିଶ୍ୱ ସ୍ତରରେ ଅଟିଜିମ୍ ରୋଗୀଙ୍କୁ କିଭଳି ସବୁ ସୁବିଧା ସହିତ ନିଯୁକ୍ତିରେ ସମାନ ସୁଯୋଗ ମିଳିବ ସେ ନେଇ କାର୍ଯ୍ୟ କରୁଛନ୍ତି ।





## ଆକ୍ଟିଭିଟି

**ଅଟିଜିମ୍ ରୋଗୀପାଇଁ ସବୁଠାରୁ ଭଲ ଚିକିତ୍ସା ହେଲା ସେମାନଙ୍କୁ ବିଭିନ୍ନ ପ୍ରକାରର ଆକ୍ଟିଭିଟିରେ ବ୍ୟସ୍ତ ରଖିବା । ଯାହାକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପିଲାଙ୍କୁ ଏନେଇ ସଚେତନ କରାଯାଇଥାଏ । ଏହାସହ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଆସନ୍ତୁ ସେହିଭଳି କିଛି କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବା ।**

**ଅଟିଜିମ୍ ସଚେତନ ୱାର୍କସପ୍–** ଏହି ଦିନ ବିଭିନ୍ନ ସ୍ଥାନରେ ଅଟିଜିମ୍ ସଚେତନତାକୁ ନେଇ ସଚେତନତା ୱାର୍କସପର ଆୟୋଜନ କରାଯାଇଥାଏ । ଯେଉଁମାନେ ଏଏସ୍‌ଡି ରୋଗରେ ପିଡିତ ଥାଆନ୍ତି ସେମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥାଆନ୍ତି । ଏହି ୱାର୍କସପ୍ ଗୁଡିକରେ ବିଭିନ୍ନ ଟ୍ରେନର ମାନେ ଥାଆନ୍ତି ଯେଉଁମାନେ ସେମାନଙ୍କୁ ବିଭିନ୍ନ ଆକ୍ଟିଭିଟି ଜରିଆରେ ସଚେତନ କରାଇଥାଆନ୍ତି । କେବଳ ଯେ ଅଟିଜିମ୍ ପିଲାମାନେ ଏଥିରେ ଭାଗ ନେଇଥାଆନ୍ତି ସେପରି ନୁହେଁ । ଏଥିରେ ବାପା ମା' ମଧ୍ୟ ଭାଗ ନେଇଥାଆନ୍ତି । ଯେଉଁମାନଙ୍କୁ ଏହି ରୋଗ ସମ୍ପର୍କିତ ଶିକ୍ଷା ଦିଆଯାଇଥାଏ ।

**ଆର୍ଟ ୱାର୍କସପ୍–** ବିଭିନ୍ନ ସ୍ଥାନରେ ସେମାନଙ୍କ ପାଇଁ ଆର୍ଟ ୱାର୍କସପ୍‌ର ଆୟୋଜନ କରାଯାଇଥାଏ । ଯେଉଁଥିରେ ଏହି ପିଲାମାନେ ନିଜକୁ ଚିତ୍ର ମାଧ୍ୟମରେ ପ୍ରକାଶ କରିଥାଆନ୍ତି । ସେମାନେ ମନରେ ଯାହା ଭାବୁଥାଆନ୍ତି ସେଗୁଡିକୁ ଚିତ୍ର କଳା ମାଧ୍ୟମରେ ପ୍ରକାଶ କରନ୍ତି । ମନର ଭାବକୁ ରଙ୍ଗ ତୂଳୀ ମାଧ୍ୟମରେ କାନଭାସରେ ଆଙ୍କିଥାଆନ୍ତି । ଏଗୁ ଡିକ ସେମାନଙ୍କ ମସ୍ତିଷ୍କ ପାଇଁ ଖୁବ ଉପକାରୀ ହୋଇଥାଏ । ଏହା ସେମାନଙ୍କୁ ରିଲାକ୍ସ କରିବା ସହିତ ସେମାନଙ୍କୁ ଖୁବ ଶାନ୍ତ ମଧ୍ୟ ରଖିଥାଏ । ଏଥିରେ ସେମାନଙ୍କୁ ମାଇଣ୍ଡଲେସ୍ ଆର୍ଟ ଫର୍ମାଟ, ଥ୍ରିଡୀ ଆର୍ଟ,ଷ୍ଟୋନ୍ ଆର୍ଟ ଆଦି ଶିଖାଯାଇଥାଏ ।

**ସାଂସ୍କୃତିକ କାର୍ଯ୍ୟକ୍ରମ–** ବିଭିନ୍ନ ସ୍ଥାନରେ ଛୋଟଛୋଟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଯେଉଁଥିରେ ଅଟିଜିମ୍‌ରେ ପୀଡିତ ରୋଗୀ ମାନେ ହିଁ ଭାଗ ନେଇଥାଆନ୍ତି । ସେମାନଙ୍କ ମଧ୍ୟର ବି ଖୁବ ଭଲଭଲ ପ୍ରତିଭାଙ୍କୁ ଦେଖିବାକୁ ମିଳିଥାଏ । ଯେଉଁମାନେ ସଙ୍ଗୀତ ସହିତ ବାଦ୍ୟ ଯନ୍ତ୍ର ବଜାଇବାରେ ନିପୁଣ ହୋଇଥାଆନ୍ତି । ସେମାନଙ୍କ ଭିତରେ କିଛି ଏଭଳି ପ୍ରତିଭା ବି ଥାଆନ୍ତି ଯେଉଁମାନେ ଡ୍ରାମା କିମ୍ବା ଥିଏଟରରେ ମଧ୍ୟ ଭାଗ ନେଇଥାଆନ୍ତି । ବିଶ୍ୱରେ ଏହି ଦିବସ ସହିତ ଅନ୍ୟ ସମୟରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ହେଉଥିବାର ଦେଖିବାକୁ ମିଳିଥାଏ ।



**କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତି–** ଏହି ସବୁ ୱାର୍କସପ୍‌ରେ ବିଭିନ୍ନ କମ୍ପାନୀର କର୍ମଚାରୀଙ୍କୁ ମଧ୍ୟ ଶିକ୍ଷା ଦିଆଯାଏ । ଯେଉଁମାନେ ନିଜ ଅଫିସ୍‌ରେ କିଭଳି ଜଣେ ଅଟିଜିମ୍ ରୋଗୀଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବେ ସେନେଇ ଏଠାରେ ଶିଖନ୍ତି ।

**ସ୍ନାୟୁ ରୋଗ ସମ୍ବନ୍ଧରେ ଆଲୋଚନା–** ଏହି ସବୁ ୱାର୍କସପ୍‌ରେ ବିଭିନ୍ନ ନ୍ୟୁରୋ ବା ସ୍ନାୟୁ ବିଭାଗର ଡାକ୍ତରମାନେ ଭାଗ ନେଇଥାଆନ୍ତି । ଯେଉଁମାନେ ଅଟିଜିମ୍ ସମ୍ପର୍କରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହିତ କିଭଳି ଜଣେ ଅଟିଜିମ୍ ପିଲାକୁ ସମ୍ଭାଳିବା ସହିତ ତାର ବିକାଶ କରିହେବ ସେ ସମ୍ପର୍କରେ ବୁଝାଇଥାଆନ୍ତି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୧୭୫
ତିଥି : ଚତୁର୍ଥୀ
୦୨ ଏପ୍ରିଲ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 175
02 April 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ

## ବରପୁତ୍ରଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ : ମୁଖ୍ୟମନ୍ତ୍ରୀ

କଟକ, ୧।୪ (ସବ୍ୟୁ) : ମଙ୍ଗଳବାର ଓଡିଶା ଦିବସ । ସାରା ରାଜ୍ୟରେ ଓଡିଆ ଅସ୍ମିତାର ଉତ୍ସବ । ଏହି ଅବସରରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଓଡିଶା ଗଠନର ମୁଖ୍ୟ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ମାଟି ସତ୍ୟଭାମାପୁରରେ ଆୟୋଜନ କରିଛନ୍ତି ରାଜ୍ୟସ୍ତରୀୟ ଓଡିଶା ଦିବସ କାର୍ଯ୍ୟକ୍ରମ । ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି ଆମ ପାଇଁ ଏକ ପବିତ୍ର ସ୍ଥାନ, ଏକ ତୀର୍ଥ । ଏ ସ୍ଥାନକୁ ଓଡିଆ ଜାତୀୟତା ଭାବର ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ



ମାଝୀ କହିଲେ, ଆଜି ଦିନଟି ହେଉଛି ଓଡ଼ିଆ ଅସ୍ମିତାର ଦିବସ । ଓଡ଼ିଆ ସ୍ୱାଭିମାନର ଦିବସ । ଓଡ଼ିଆ ଅସ୍ମିତା ଓ ଓଡ଼ିଆ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଆଣିଥିଲେ, ତାକୁ ସମ୍ମାନ ଦେଇ ଆଜି ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କ ଗାଁ ମାଟିରେ 'ଓଡ଼ିଶା ଦିବସ' ପାଳନ କରୁଛୁ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ 'ମଧୁସୂଦନ ଦାସଙ୍କ ଜନ୍ମ ସ୍ଥାନର ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ରଖିଥିଲେ । ୨୧ କୋଟି ଟଙ୍କା ବିନିଯୋଗରେ ବିକଶିତ ହେଉଥିବା ଏହି କାର୍ଯ୍ୟକ୍ରମରେ ମଧୁବାବୁଙ୍କ ଜନ୍ମ ଏନ୍ତୁଡିଶାଳର ଉନ୍ନତିକରଣ, ପ୍ରତିମୂର୍ତ୍ତି ନିର୍ମାଣ, ଅତିଥି ଭବନ, ପାଠାଗାର ଏବଂ ସେଠାରେ ଥିବା ଜଳାଶୟରେ ଲାଇଟ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା ଆଦି ସ୍ଥାପନ କରାଯିବ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର

**ଓଡିଆ ପକ୍ଷ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

**ମଧୁବାବୁଙ୍କ ଜନ୍ମପୀଠକୁ ଓଡିଆ ଜାତୀୟତା ଭାବର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ**

**ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ, ଖର୍ଚ୍ଚ ହେବ ୨୧ କୋଟି**

**ସମୃଦ୍ଧ ଓଡିଶା ଗଠନରେ ମୁଖ୍ୟ ଆଧାର ହେବ ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ**

ସ୍ଥାନର ଉନ୍ନତିକରଣ ସହିତ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ, ବରପୁତ୍ରମାନେ ଯେଉଁ ତ୍ୟାଗ ଓ ସଂଗ୍ରାମ (୯ ପୃଷ୍ଠାରେ)

### ଓଡ଼ିଶା ଦିବସରେ ରାଷ୍ଟ୍ରପତିଙ୍କ, ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ଆଜିଠୁ ଶିଶୁ ବାଟିକା ବ୍ୟବସ୍ଥା ଆରମ୍ଭ : ମୁଖ୍ୟମନ୍ତ୍ରୀ**



ନୂଆଦିଲ୍ଲୀ, ୧।୪ : ଓଡ଼ିଶା ଦିବସ ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଏହି ଦିବସ ଓଡ଼ିଶାର ସମୃଦ୍ଧ, ସାଂସ୍କୃତିକ, ଐତିହ୍ୟ ଏବଂ ନାନା କ୍ଷେତ୍ରରେ ଓଡ଼ିଶାବାସୀଙ୍କ ଉଲ୍ଲେଖନୀୟ ଅବଦାନକୁ ମନେପକାଇବାର ଏକ ସୁନ୍ଦର ଅବକାଶ । ବେଶ୍ ମେଳାପୀ ଓ ଅତିଥିବତ୍ସଳ ଓଡ଼ିଶାବାସୀ ଆପଣାର ଗୌରବମୟ ପରମ୍ପରାକୁ ଉଜ୍ଜୀବିତ ରଖି ଓଡ଼ିଶାର ଉନ୍ନତି ନିମନ୍ତେ କଠିନ ପରିଶ୍ରମ କରନ୍ତୁ ।

ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସରେ ପୋଷ୍ଟ କରି ଉତ୍କଳ ଦିବସର ହାର୍ଦ୍ଦିକ (୯ ପୃଷ୍ଠାରେ)

## ଭିଆଇପି ବ୍ୟାଗ୍ ସୋ'ରୁମ୍‌ରେ ଅଗ୍ନିକାଣ୍ଡ

କଟକ, ୧।୪ (ସବ୍ୟୁ) : ବାଦାମବାଡ଼ି ଥାନା ଅନ୍ତର୍ଗତ ଦୋଳମୁଣ୍ଡାଇ ଛକରେ ଥିବା ଏକ ପ୍ରତିଷ୍ଠିତ ଟ୍ରଲି ବ୍ୟାଗ ସୋରୁମ(ଭିଆଇପି)ରେ ଆଜି ଏକ ବଡ ଧରଣର ଅଗ୍ନିକାଣ୍ଡ ଘଟିଛି । କୋଠାର ଉପର ମହଲାରେ ଥିବା ସୋରୁମରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଛି । ତା' ପାର୍ଶ୍ୱରେ ଥିବା ଅନ୍ୟ ଏକ ଡ୍ରେସ ଦୋକାନରେ ମଧ୍ୟ କ୍ଷତି ହୋଇଛି । ଅଗ୍ନିଶମର ତ୍ୱରିତ ଉଦ୍ୟମ ଯୋଗୁଁ ତଳ ମହଲାରେ ଥିବା ୨ଟି ଦୋକାନ ଅଳ୍ପକେ ବର୍ତ୍ତିଯାଇଛି । ନିଆଁ ଲିଭାଇବାକୁ ୬ଟି ଅଗ୍ନିଶମ ଗାଡି ଓ ୫୦ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ । ଏସି ଅତ୍ୟଧିକ ଗରମ ହେବାରୁ ଏଭଳି ବିପତ୍ତି ଘଟିଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡିଛି ।

ବାଦାମବାଡି ଦୋଳମୁଣ୍ଡାଇ ରାସ୍ତାରେ ଏକ ବହୁ ପୁରୁଣା ପ୍ରତିଷ୍ଠିତ କମ୍ପାନିର ଆଟାଚି ଓ ବ୍ୟାଗ କମ୍ପାନୀର ସୋରୁମ ରହିଛି । ଏହି ଦୋକାନ ହୋଇଥିବା କୋଠାର ତଳ ମହଲାର ଏକ ଡ୍ରେସ ସୋରୁମ ରହିଛି । ଦିନ ପ୍ରାୟ ୧୦ଟା ୪୫ରେ ଉପର ମହଲାରେ ଥିବା ଆଟାଚି ଦୋକାନର କର୍ମଚାରୀ ଏସି(ଶୀତତାପ ନିୟନ୍ତ୍ରିତ) ମେସିନ ଗୁଡିକ ଚାଲୁ କରିଥିଲେ । ଏତିକିବେଳେ ଗୋଟିଏ ଏସି

**ଅତ୍ୟଧିକ ଗରମରୁ ଏସି ଫାଟି ନିଆଁ ଲାଗିଲା**

**ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ**

ଅଧା ଅଂଶରେ ଏକ ପ୍ରତିଷ୍ଠିତ କମ୍ପାନିର ଡ୍ରେସ ଦୋକାନ ଅଛି । ସମାନ ଢଙ୍ଗରେ ଉପର ମହଲାର ଅଧା ସ୍ଥାନରେ ବ୍ୟାଗ ଓ ଆଟାଚି ଦୋକାନ ଏବଂ ବାକି ଅଧା ସ୍ଥାନରେ ଚାଲିବାର କିଛି ସମୟ ପରେ ହଠାତ ଗରମ ହୋଇ ଫାଟି ଯାଇଥିଲା । ଫାଟିବା ବେଳେ କିଛି ନିଆଁ ଖଣ୍ଡ ବାହାରିବାରୁ ଏସି ମେସିନ ଜଳିବା (୯ ପୃଷ୍ଠାରେ)

## ଆଜି ସଂସଦରେ ୱାକଫ୍ ସଂଶୋଧନ ବିଲ୍

ନୂଆଦିଲ୍ଲୀ, ୧।୪ : ଆସନ୍ତାକାଲି ସଂସଦରେ ୱାକଫ୍ ସଂଶୋଧନ ବିଲ୍ ଆଗତ ହେବାର ସମ୍ଭାବନା ରହିଛି । ତେବେ ବିଲ୍‌କୁ ନେଇ ବାଦ ବିବାଦ ବିତର୍କ ଲାଗି ରହିଛି । ବିରୋଧୀ ମେଣ୍ଟ 'ଇଣ୍ଡିଆ' ବିଲ୍ ବିରୋଧରେ ଭୋଟ୍ ଦେବ ବୋଲି ନିଷ୍ପତ୍ତି ନେଇଛି । ଆସନ୍ତାକାଲି ଲୋକସଭାରେ ବିଲ୍‌କୁ ନେଇ ଆଲୋଚନା ହୋଇପାରେ । ତେବେ ଏନ୍‌ଡିଏ ସହଯୋଗୀ ଜେଡିୟୁ ଓ ଟିଡିପି ଉପରେ ନଜର ରହିଛି । ଟିଡିପି ସଂଶୋଧିତ ବିଲ୍‌କୁ ସମର୍ଥନ କରିବ ବୋଲି କହିଥିବାବେଳେ ଜେଡିୟୁ ଏପର୍ଯ୍ୟନ୍ତ ତା'ର ମତ ସ୍ପଷ୍ଟ କରିନାହିଁ । ଅପରପକ୍ଷରେ ବିଜେପି ଓ କଂଗ୍ରେସ ପକ୍ଷରୁ ହ୍ୱିପ୍ ଜାରି



କରାଯାଇ ଦଳର ସବୁ ସାଂସଦଙ୍କୁ ଗୃହରେ ଉପସ୍ଥିତ ହେବାପାଇଁ କୁହାଯାଇଛି ।

ବିଲ୍‌କୁ ନେଇ କ୍ଷମତାସୀନ ଏନ୍‌ଡିଏ ଓ ବିରୋଧୀ ମୁହାଁମୁହିଁ ହେବାର ସ୍ଥିତି ରହିଛି । ବିଲ୍‌ର ଆଲୋଚନା ପାଇଁ ୮ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଛି । ତେବେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏନ୍‌ଡିଏ ପାଖରେ ୫୪୩ ଲୋକସଭା ସଦସ୍ୟଙ୍କ ମଧ୍ୟରୁ ୨୯୩ଙ୍କର ସମର୍ଥନ ରହିଛି । ଯଦି ଜେଡିୟୁ ଅମଙ୍ଗ ହୁଏ ତେବେ ୧୨ ସାଂସଦଙ୍କ ସମର୍ଥନ ଏନ୍‌ଡିଏ ହରାଇପାରେ । ରାଜ୍ୟସଭାରେ ମଧ୍ୟ ବିଲ୍ ପାରିତ କରିବାରେ ଏନ୍‌ଡିଏ ସରକାରକୁ କୌଣସି ବାଧା ହେବନାହିଁ । ଏନ୍‌ଡିଏର ୧୨୫ ସାଂସଦ ରହିଛନ୍ତି । ସଂଖ୍ୟାଗରିଷ୍ଠତା ପାଇଁ ୧୧୮ ଆବଶ୍ୟକ । ତେବେ ବିଲ୍‌ରେ ଥିବା କେତେକ ବିଷୟକୁ ନେଇ ଅଲ୍‌ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ' ବୋର୍ଡ ଏହାକୁ ବିରୋଧ କରୁଛି । ବିଲ୍‌ର କେତେକ ପ୍ରସ୍ତାବକୁ ମୁସ୍‌ଲିମ୍ ସମ୍ପ୍ରଦାୟ ବିରୋଧ କରୁଛନ୍ତି । ଗତବର୍ଷ ଅଗଷ୍ଟରେ ବିଲ୍‌କୁ ଆଗତ କରାଯାଇଥିଲା । (୯ ପୃଷ୍ଠାରେ)

**ନୀତିଶଙ୍କ ଆଭିମୁଖ୍ୟ ଉପରେ ନଜର**

**ହ୍ୱିପ୍ ଜାରି କଲେ କଂଗ୍ରେସ, ବିଜେପି**

**ଆଲୋଚନାରେ ଭାଗ ନେବାସହ ବିଲ୍ ବିରୋଧରେ ଭୋଟ୍ ଦେବ ବିରୋଧୀ ମେଣ୍ଟ**

## ଦନ୍ତାହାତୀର ମୃତଦେହ ଠାବ, ତଦନ୍ତ ଆରମ୍ଭ

ପାଲଲହଡା, ୧।୪ (ସବ୍ୟୁ) : ପାଲଲହଡାକୁ ଦିନିକିଆ ଗସ୍ତରେ ଆସି ବନାଗ୍ନୀ ଓ ଗଜ ସୁରକ୍ଷା ଉପରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମିଥ୍ୟା ସଚେତନତା ସଭାର ଆୟୋଜନ କରି ମିଥ୍ୟା ଭାଷଣବାଜି ଚାଲିଥିବାବେଳେ ସେପଟେ ପାଲଲହଡା ରେଞ୍ଜ ଅନ୍ତର୍ଗତ ସଇଡ଼ା ଗ୍ରାମ ପଞ୍ଚାୟତର ସଇଡ଼ା ଗ୍ରାମ ବିଜୁ ସାହି ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ନାଳ ଭିତରେ ଏକ ଦନ୍ତା ହାତୀ ର ମୃତ୍ୟୁ ହେବା ଘଟଣା ବନ ବିଭାଗର ସ୍ୱଚ୍ଛତା ଉପରେ ଅଙ୍କୁଶ ଲଗାଇଛି । ପାଲଲହଡା ବନାଞ୍ଚଳ ଅନ୍ତର୍ଗତ ସଇଡା ଗ୍ରାମର ବିଜୁ ସାହି ସଂରକ୍ଷିତ ଜଙ୍ଗଲ ଭିତରୁ ଥିବା ଏକ ଗାତରୁ ଦନ୍ତା ହାତୀର ମୃତଦେହ ଉଦ୍ଧାର ହେବା ଘଟଣା ଚର୍ଚ୍ଚା ର ବିଷୟ ପାଲଟିଛି । ଖବର ପାଇ ପାଲଲହଡା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ସହିତ ତାଙ୍କ ଅଧୀନରେ ଥିବା ଜମରଡିହ ବିଟର ବନପାଳ, ବନରକ୍ଷୀ ପ୍ରମୁଖ ସଦଳବଳେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ମୃତ୍ୟୁ ହୋଇଥିବା ଦନ୍ତା ହାତୀକୁ ଠାବ କରିଥିଲେ । ଖବର ପାଇ ଦେବଗଡ଼ ବନଖଣ୍ଡ ଅଧିକାରୀ, ଆର ସି ସି ଏଫ, ଖମାର ବନାଞ୍ଚଳ ଅଧିକାରୀ ଓ ପଶୁ ଚିକିତ୍ସା ଅଧିକାରୀ ପହଂଚି ଶବ ବ୍ୟବଚ୍ଛେଦରେ ସାମିଲ ହୋଇ ଏହାର ସାମ୍ପୁଲ ସବୁ ଗ୍ରହଣ କରି (୯ ପୃଷ୍ଠାରେ)

### ପ୍ରୟାଗରାଜରେ ଘର ଭାଙ୍ଗିବା ନେଇ ୟୁପି ସରକାର ଉପରେ ବର୍ଷିଲେ ସୁପ୍ରିମ୍‌କୋର୍ଟ

## ୧୦ ଲକ୍ଷ ଲେଖାଏଁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧।୪ : ଉତ୍ତରପ୍ରଦେଶ ସରକାରଙ୍କ ଉପରେ ସୁପ୍ରିମ୍‌କୋର୍ଟ ବର୍ଷିଛନ୍ତି । ପ୍ରୟାଗରାଜ ବିକାଶ ସଂସ୍ଥା ଯେଉଁଭଳି ଭାବରେ ଅମାନବିକ ଓ ବେଆଇନ୍ ଭାବେ ଘର ଭାଙ୍ଗିଛି ତାହାକୁ ନେଇ ତାଗିଦ କରିଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ କର୍ତ୍ତୃପକ୍ଷଙ୍କ ମନେରଖିବା ଉଚିତ୍, ଦେଶରେ ଆଇନ୍‌ର ଶାସନ ଚାଲିଛି । ବାସଗୃହ ଢ଼ାଞ୍ଚାଗୁଡ଼ିକୁ ହେଉଛି ଦେଶର ନାଗରିକଙ୍କର । ଏଭଳି



ଢ଼ଙ୍ଗରେ ଧ୍ୱଂସ କରାଯାଇପାରିବ ନାହିଁ ।

ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଆଇନ୍‌ର ବ୍ୟବସ୍ଥାରେ ଏହା ଉଲ୍ଲେଖ ରହିଛି ଯେ ରହିବାର ଅଧିକାର ନାଗରିକଙ୍କର ଅଛି । ଏହାଛଡା ସୁପ୍ରିମ୍‌କୋର୍ଟ କର୍ତ୍ତୃପକ୍ଷଙ୍କୁ କହିଛନ୍ତି ଯେ ୬ ସପ୍ତାହ ମଧ୍ୟରେ ଘରର ମାଲିକମାନଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ । ମାର୍ଚ୍ଚ ୨୪ରେ ସୁପ୍ରିମ୍‌କୋର୍ଟ ମଧ୍ୟ (୯ ପୃଷ୍ଠାରେ)

## ଆଜି ଟ୍ରମ୍ପଙ୍କ ନୂଆ ଟାରିଫ ଘୋଷଣା

ନୂଆଦିଲ୍ଲୀ, ୧।୪ : ଆସନ୍ତାକାଲି ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ନୂଆ ଶୁଳ୍କ ଘୋଷଣା କରିବେ । ଏବେ ସମାନୁପାତିକ ଶୁଳ୍କର ସମୟ ଆସିଛି ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି । ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଭାରତ ଆମେରିକାର କୃଷି ସାମଗ୍ରୀ ଉପରେ ୧୦୦% ଶୁଳ୍କ ଲାଗୁ କରୁଛି, ଯାହା ବାସ୍ତବିକ ଅସମ୍ଭବ । ଫଳରେ ଆମେରିକାର ସାମଗ୍ରୀଗୁଡ଼ିକ କିଛି ନିର୍ଦ୍ଦିଷ୍ଟ ବିଦେଶ ବଜାରରେ ପହଞ୍ଚିପାରୁଛି । ଏପ୍ରିଲ ୨ରୁ ଯେଉଁମାନେ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ଯେତିକି ଟିକସ ନେଉଛନ୍ତି ତାଙ୍କ ଦେଶର ସାମଗ୍ରୀ ଉପରେ ସେତିକି ଟିକସ ନିଆଯିବ । ଏହି ତାଲିକାରେ ଭାରତ ମଧ୍ୟ ରହିଛି ।

ହ୍ୱାଇଟ୍ ହାଉସ୍‌ର ପ୍ରେସ୍ ସଚିବଙ୍କ ମତ ଅନୁଯାୟୀ ଭାରତ ଆମେରିକାର ଆମଦାନୀ ସାମଗ୍ରୀ ଉପରେ ଶତ ପ୍ରତିଶତ ଶୁଳ୍କ ନେଉଛି । ଯାହା ଫଳରେ କି ଆମ ଦେଶ ଏବେ ଏହି ବୋଝକୁ ବରଦାସ୍ତ କରିବ ନାହିଁ । ଆମେରିକାର ଦୁଗ୍ଧଜାତୀୟ ସାମଗ୍ରୀ ଉପରେ ୟୁରୋପ ସମୂହ ୫୦% ଶୁଳ୍କ ଲାଗୁ କରୁଛନ୍ତି । ଜାପାନରେ ଆମେରିକା ଚାଉଳ ଉପରେ ୭୦୦% ଓ କାନାଡାରେ ଆମେରିକାର ବଟର ଓ ଚିଜ୍ (୯ ପୃଷ୍ଠାରେ)

### କୁନାଲ କାମ୍ରାଙ୍କ କମେଡ଼ି ଶୋ' ବିବାଦ

## ଦର୍ଶକଙ୍କୁ ସମନ କରୁଛି ମୁମ୍ବାଇ ପୋଲିସ

ନୂଆଦିଲ୍ଲୀ, ୧।୪ : କୁନାଲ କାମ୍ରାଙ୍କ ନୟା ଭାରତ କମେଡି ଶୋ'କୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି । ଯେଉଁମାନେ ମୁମ୍ବାଇର ୟୁନି କଣ୍ଟିନେଣ୍ଟାଲ ହୋଟେଲର ହାବିଟାଟ୍ ଷ୍ଟୁଡିଓରେ ଏହି ଶୋ' ଦେଖୁଥିଲେ ତାଙ୍କୁ ସମନ କରାଯାଇଛି । ପଚରା ଉଚରା ପାଇଁ ସେମାନଙ୍କୁ ଡକାଯାଉଛି । ଏହି ଶୋ'ରେ କୁନାଲ ନାଁ ନନେଇ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସମାଲୋଚନା କରିଥିଲେ ।

ତେବେ ଲୋକମାନଙ୍କୁ ସମନ କରିବା ଆଇନ୍‌ଗତ ଦୃଷ୍ଟିରୁ ଠିକ୍ ନୁହେଁ । ଏହା ମଧ୍ୟ ବାଧ୍ୟତାମୂଳକ ନୁହେଁ । ମୁମ୍ବାଇ ପୋଲିସ ଏକ ଭିଡ଼ିଓ



ପ୍ରମାଣକୁ ଦୃଷ୍ଟିରେ ରଖି ଏଭଳି କରୁଛି । ମୁମ୍ବାଇ ପୋଲିସ ମଧ୍ୟ ସୋମବାର ମହିମ୍ ଠାରେ ଥିବା କୁନାଲଙ୍କ ବାସଭବନକୁ ଯାଇଥିଲେ । ଯେଉଁଠାରେ ସେ ୧୦ ବର୍ଷ ତଳେ ରହୁଥିଲେ । କୁନାଲ କାମ୍ରା ମୁମ୍ବାଇ ପୋଲିସର ଏହି ପଦକ୍ଷେପକୁ ସମୟ ବରବାଦ ବୋଲି କହି ପୁଣି ସମାଲୋଚନା କରିଥିଲେ । ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଟିକେଟ ବୁକିଂ ପ୍ଲାଟ୍‌ଫର୍ମକୁ ସେୟାର କରି ସେମାନେ ଏହି ଶୋ' ଯାଇଥିଲେ ବୋଲି ଉଲ୍ଲେଖ କରିଥିଲେ । ସୋସିଆଲ ମିଡିଆରେ ମଧ୍ୟ କେତେକ ଟିକେଟ ପୋଷ୍ଟ କରାଯାଇଛି । ମୁମ୍ବାଇ ପୋଲିସ ଏବେ ସୂଚନା ପାଇଁ ସେମାନଙ୍କ ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡିରୁ ସୂଚନା ସଂଗ୍ରହ କରୁଛି । ଫେବୃଆରୀ ୨ରେ କେଉଁମାନେ ଏହି ଶୋ' ଦେଖୁଥିଲେ ତା'ର ତର୍ଜମା ଆରମ୍ଭ କରିଛି । ଏହା ତଦନ୍ତରେ ଏକ ଦିଗ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ସିଆର୍‌ପିସିର ଧାରା ୧୭୯ ଅନୁଯାୟୀ ପୋଲିସ ସମନ କରୁଛି । ପୋଲିସ ଏଥିରେ ସେମାନଙ୍କୁ ପଚରାଉଚରା କରି ସାକ୍ଷ୍ୟ ଗ୍ରହଣ କରିବ । ଶିବସେନା ନେତା ରାହୁଲ କନାଲ କହିଛନ୍ତି ଯେ ଶିବସେନା ଢ଼ାଞ୍ଚାରେ କୁନାଲ କାମ୍ରାଙ୍କୁ ମୁମ୍ବାଇରେ ସ୍ୱାଗତ କରାଯିବ । ଯେତେବେଳେ ସେ ମୁମ୍ବାଇ ଆସିବେ (୯ ପୃଷ୍ଠାରେ)

## ୮୨ ସୀମାନ୍ତ ଗ୍ରାମରେ ପଶ୍ଚିମବଙ୍ଗର ରାଜୁତି!

ବାଲେଶ୍ୱର, ୧।୪ (ସବ୍ୟୁ) : ରାଜ୍ୟର ଉତ୍ତର ଉପାନ୍ତ କୁହାଯାଉଥିବା ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଓ ଭୋଗରାଇ ତହସିଲ ଅଞ୍ଚଳର ୮୨ଟି ସୀମାନ୍ତ ଗ୍ରାମରେ ଏବେ ପଶ୍ଚିମବଙ୍ଗର ରାଜୁତି ଦେଖିବାକୁ ମିଳିଛି। ଏହି ଗ୍ରାମଗୁଡ଼ିକ ପଶ୍ଚିମ ମେଦିନୀପୁର ସୀମାକୁ ଲାଗିରହିଛି। ଏହାସହ ବାଲେଶ୍ୱର ଜିଲ୍ଲାର ୯୦ଟି ଗାଁ ପୂର୍ବ ମେଦିନୀପୁରକୁ ଲାଗିଛି। ସୁବର୍ଣ୍ଣରେଖା ନଦୀ ତଟଦେଶରେ ଥିବା ଏହି ଗାଁ ଓଡ଼ିଶାର। ସର୍ଦ୍ଦାରବନ୍ଧ, ଓଲମରା ଓ ମାକଡ଼ିଆ ପଞ୍ଚାୟତର ଶତାଧିକ ଚାଷୀଙ୍କ ନାମରେ ବିଳାସପୁରରେ ଥିବା ପାଳଜମି ପାଇଁ ଖଜଣା ଦେଉଥିଲେ। ଏବେ କିନ୍ତୁ ବିଳାସପୁର ମୌଜାରେ ବଙ୍ଗାଳୀମାନଙ୍କ ରାଜୁତି । କୁହାଯାଉଛି ସୁବର୍ଣ୍ଣରେଖା ନଦୀ ଗତିପଥ ପରିବର୍ତ୍ତନ କରିବା କାରଣରୁ ବିଳାସପୁର ଗାଁ ନଦୀର ଅପରପାର୍ଶ୍ୱକୁ ଚାଲିଗଲା। ଫଳରେ ପଶ୍ଚିମବଙ୍ଗର ବେଲମୂଳା ଅଞ୍ଚଳର ବଙ୍ଗାଳୀମାନେ ବିଳାସପୁର ମୌଜାକୁ ସମ୍ପୂର୍ଣ୍ଣ ଭାବେ ନିଜ କବଜାରେ ରଖିଛନ୍ତି।

ସେହିପରି, ପଶ୍ଚିମବଙ୍ଗ ସୀମାରେ ଥିବା ସର୍ଦ୍ଦାରବନ୍ଧ ପଞ୍ଚାୟତର ସର୍ଦ୍ଦାରବନ୍ଧ, ଚୁଡ଼ାମଣିପୁର, ରାଉତରାପୁର, କିତାଝୁରୀ ଏବଂ ଓଲମରା ପଞ୍ଚାୟତର ରାଜନଗର, ଗୋପାଳପୁର, ମାକଡ଼ିଆ, କୁଆଁରପୁର, ଖୁଦିଆମାଝିସାହି ପଞ୍ଚାୟତର ତୋଟାପଡ଼ା, ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ଦକ୍ଷିଣ ପ୍ରହରାଜପୁର, ପ୍ରହରାଜପୁର, ଗୁଆଗଡ଼ିଆ ଆଦି ସୁବର୍ଣ୍ଣରେଖା ନଦୀ ତଟବର୍ତ୍ତୀ ଗାଁଗୁଡ଼ିକରେ ମଧ୍ୟ ସୀମା ବିବାଦ ରହିଛି। ପଶ୍ଚିମବଙ୍ଗ ବାଲି ମାଫିଆମାନେ ଦାଦାଗିରି କରି ଓଡ଼ିଶା ସୀମାରୁ ବାଲି ଉତ୍ତୋଳନ କରୁଛନ୍ତି।ଏବେ ପୁଣି ସାହାବାଜିପୁର ମୌଜାର ପାଖାପାଖି ୬ ଏକର ଜମି ଉପରେ ପଶ୍ଚିମବଙ୍ଗର ଲୋଲୁପ ଦୃଷ୍ଟି ପଡ଼ିଛି। ଏହି ଜମିରେ ଓଡ଼ିଶା ଲୋକଙ୍କ ବାସଘର ଓ ଚାଷଜମି ରହିଛି। ତେବେ, ଦୀଘା ଜଗନ୍ନାଥ ମନ୍ଦିର ପାଇଁ ପଶ୍ଚିମବଙ୍ଗର ପଦିମା ଗାଁକୁ ଲାଗିଥିବା ସାହାବାଜିପୁରର ଏହି ଜମିକୁ ଦଖଲ ପାଇଁ (୯ ପୃଷ୍ଠାରେ)

**ମନଇଚ୍ଛା ହେଉଛି ବାଲି ଉତ୍ତୋଳନ**





ସତ୍ୟଭାମାପୁରରେ ଆୟୋଜିତ ରାଜ୍ୟ ସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା
# 'ଓଡ଼ିଶା ଦିବସ' ଠାରୁ 'ଓଡ଼ିଆ ନବବର୍ଷ' ପର୍ଯ୍ୟନ୍ତ ୧୪ ଦିନ 'ଓଡ଼ିଆ ପକ୍ଷ' ଭାବେ ପାଳନ ହେବ

ଭୁବନେଶ୍ୱର (ସବ୍ୟୁ): ୧ ଏପ୍ରିଲ ଓଡ଼ିଶା ଦିବସ ଠାରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାର୍ତ୍ତା ଦେଇ ପକ୍ଷର ପ୍ରତ୍ୟେକ ମୁହୂର୍ତ୍ତ ସବୁ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ସମୟ ହେଉ ବୋଲି କହିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ । ଏହି ସମୟ ମଧ୍ୟରେ ଯେଉଁ ମହାପୁରୁଷ ଓ ମହିୟସୀ ମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ୧୯୩୬ ମସିହାରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ସମ୍ଭବ ହୋଇଥିଲା, ସେହି ବିଦ୍ଧାଣୀ ମାନଙ୍କୁ ଆମେ ସ୍ମରଣ କରିବା ଓ ସମ୍ମାନ ଦେବା । ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର । ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେବା ସହ ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲୁ ୧୪ ଏପ୍ରିଲ୍ ଯାଏଁ 'ଓଡ଼ିଆ ପକ୍ଷ' ପାଳନ କରିବା ପାଇଁ ଆହ୍ୱାନ କରିଛନ୍ତି ।

# ଉତ୍କଳ ଦିବସ ଉପଲକ୍ଷେ ବିରାଟ ଗଣଦୌଡ ପ୍ରତିଯୋଗିତା

କଟକ, (ସବ୍ୟୁ):ଜିଲ୍ଲା କ୍ରୀଡା ଉତ୍ସବ ଆନୁକୂଲ୍ୟରେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଏପ୍ରିଲ ପହିଲା ଦିନ ପବିତ୍ର ଉତ୍କଳ ଦିବସ ପାଳନ ଉପଲକ୍ଷେ ବିରାଟ ଗଣଦୌଡ ପ୍ରତିଯୋଗିତା ପ୍ରାତଃ ୭ ଘଟିକା ସମୟରେ କଟକର ବାରବାଟୀ ଦୁର୍ଗଠାରେ ଆୟୋଜନ କରାଯାଇଥିଲା । ଜୁନିୟର, ସିନିୟର ତଥା ପୁରୁଷ ଓ ମହିଳା ଏହିପରି ଭାବେ ୩ ଗୋଟି ବିଭାଗରେ ମୋଟ ୮୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ସିଏମ୍‌ସି ମେୟର ସୁବାସ ସିଂହ ଓ କ୍ରୀଡା ସଂସଦର ସାଧାରଣ ସଂପାଦକ ଆଶୀର୍ବାଦ ବେହେରା ପତାକା ହଲାଇ ଏହି ପ୍ରତିଯୋଗିତାଟିକୁ ଉଦ୍ଘାଟନ କରିଥିଲେ । ଦୌଡାଳୀମାନେ ବାରବାଟୀ ଦୁର୍ଗ ଠାରୁ ବାହାରି କଟକ ସହରର ବିଭିନ୍ନ ଗଳି, ସାହିବସ୍ତି ପରିକ୍ରମା ପୂର୍ବକ ପ୍ରାୟ ୧୦ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରି ବାରବାଟୀ ଷ୍ଟାଡିୟମ କ୍ଲବ୍‌ହାଉସ୍ ଠାରେ ପହଞ୍ଚିଥିଲେ ।

ସକାଳ ଘ.୮.୩୦ମି. ସମୟରେ ବାରବାଟୀ ଷ୍ଟାଡିୟମର କ୍ଲବହାଉସରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂହ ଯୋଗଦେଇ ଗଣଦୌଡରେ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଦୌଡାଳୀମାନଙ୍କୁ ଟ୍ରଫି, ମାନପତ୍ର ଏବଂ ପୁରସ୍କାର ଅର୍ଥରାଶି ଦେଇସମ୍ବର୍ଦ୍ଧିତ କରିଥିଲେ । ଏହାଛଡା ଗତବର୍ଷ କଟକ ଜିଲ୍ଲାକୁ ପ୍ରତିନିଧିତ୍ୱ କରି ବିଭିନ୍ନ କ୍ରୀଡାର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦଳଗତ ଚଂପିଆନ ଦଳର ସମସ୍ତ ସଦସ୍ୟ, କୋଚ, ମ୍ୟାନେଜର ତଥା ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ବିଜେତା କ୍ରୀଡାବିତମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ପୁରସ୍କାର ବିତରଣ ଉତ୍ସବରେ କଟକ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ଆଶୀର୍ବାଦ ବେହେରାଙ୍କ ସହିତ କାର୍ଯ୍ୟକାରୀ ସଭାପତି ଭକ୍ତବଲ୍ଲଭ ଦାସ, ଉପ-ସଭାପତି ଗଣ ସର୍ବଶ୍ରୀ ବିଜୟ ଦାସ, ଦିଲ୍ଲିପ ସାହୁ, ରମେଶ ମଲ୍ଲିକ, ସହଦେବରାଉତ, ଯୁଗ୍ମ ସଂପାଦକ ନବକିଶୋର ମିଶ୍ର, ବିଶ୍ୱରଂଜନ ଘଡେଇ, କଟକ ଜିଲ୍ଲା କ୍ରୀଡା ଅଧିକାରୀ ତଥା ଯୁଗ୍ମ ସଂପାଦକ ରଶ୍ମିରଂଜନ ସାମନ୍ତରାୟ ତଥା ଓଡିଶା ଅଲମ୍ପିକ ଆସୋସିଏସନର ସାଧାରଣ ସଂପାଦକ ଅଭିଜିତ ପାଲ ଏବଂ କୋଷାଧକ୍ଷ ଦିନେଶ୍ୱର ଭଗତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଶ୍ରୀ ରମେଶ ମଲ୍ଲିକ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଖୋର୍ଦ୍ଧା ପୁଲିସ ପକ୍ଷରୁ ୯୦ତମ ପ୍ରତିଷ୍ଠା ଦିବସ
# ସମ୍ବର୍ଦ୍ଧିତ ହେଲେ ୬ପୁଲିସ ଅଧିକାରୀ




ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ତରତୁଆସ୍ଥିତ ରିଜର୍ଭ ପଡିଆ ଠାରେ ଖୋର୍ଦ୍ଧା ପୁଲିସ ପକ୍ଷରୁ ୯୦ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ସମ୍ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରିବା ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତା ପାଠ କରିବା ସହିତ ଅଧିକ୍ଷକ କହିଥିଲେ ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ର ମାନ୍ୟତା ପାଇଲା ଏବଂ ସେହିଦିନ ଠାରୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଓଡିଶା ପୁଲିସ ଏହାର ଦାୟିତ୍ୱ ତୁଲାଇବା ଆରମ୍ଭ କରିଥିଲା । ସେହିଦିନ ଠାରୁ ଉତ୍କଳ ଦିବସ ସମଗ୍ର ଓଡିଶା ପାଇଁ ଗୌରବ ର ଦିବସ ଅଟେ । ବର୍ତମାନର ଗଣତାନ୍ତ୍ରିକ ରାଷ୍ଟ୍ରର ଆଇନଶୃଙ୍ଖଳା ଦିଗରେ ପୋଲିସ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତିବଦ୍ଧତା, ନିଷ୍ଠା ପରିଶ୍ରମ ଦ୍ୱାରା ନିଜ ପ୍ରତିଷ୍ଠା ବଜାଏ ରଖିଛି । ସେହିପରି ପୁଲିସ ର ଏହି ଗୁରୁ ଦାୟିତ୍ୱ ଓ ସାଧାରଣ ଲୋକଙ୍କ ଭରସା ଯେ ଭଳି ସବୁଦିନ ପାଇଁ ରହିବ ତାହା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ପୁଲିସ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ ।

ଏହି ଅବସରରେ ବାଲୁଗାଁ ଥାନା ଏସଆଇ ଶ୍ରୀନିବାସ ସାମନ୍ତ, ବୋଲଗଡ ଥାନାର ଏଏସ୍‌ଆଇ ତୁଷାରକାନ୍ତ ନାୟକ, ହାବିଲଦାର ରାମଦାସ ମାଝୀ, ରୀନା କୁଜୁର, ଅର୍ଜୁନ କୁମାର ପ୍ରହରାଜ ଓ ମନୋରଞ୍ଜନ ବେହେରା ଙ୍କୁ ଉତ୍କୃଷ୍ଟ ସେବା ପାଇଁ ଏସପି ଅର୍ଥରାଶି, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଅତିରିକ୍ତ ଏସ୍‌ପି ଅମ୍ରିତ ପାଲ ସିଂ, ଅନାଦି ସେଠୀ, ଡିଏସ୍‌ପି ଯୁଗୋଳ ମଲ୍ଲିକ, ଡିଏସ୍‌ପି ଜ୍ୟୋତ୍ସ୍ନା କାଉଁରୀ, ଡିଏସ୍‌ପି ସ୍ମିତାମଞ୍ଜରୀ ମଲ୍ଲିକ, ଡିଏସ୍‌ପି ଅନୀଲ ମହାନ୍ତି, ଏସଡିପିଓ (ସଦର) ନିହାର ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଗିଫ୍ଟ ସ୍ୱୟଂଶାସିତ କଲେଜରେ ୧୭ତମ ଯୁବ ସଂସଦ 'ଭବିଷ୍ୟତର ସ୍ୱର'



ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜରେ ଭାରତ ସରକାରଙ୍କ ସଂସଦ ବ୍ୟାପାର ମନ୍ତ୍ରଣାଳୟ ଓ ଗିଫ୍ଟ ସ୍ୱୟଂଶାସିତ କଲେଜର ମିଳିତ ସହଯୋଗରେ ୧୭ତମ ଯୁବ ସଂସଦ (ଭବିଷ୍ୟତର ସ୍ୱର) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ଛାତ୍ରଛାତ୍ରୀ ଭାଗନେଇ ସେମାନଙ୍କର ଶାଣିତ ସ୍ୱର ଅତିଥି ମାନଙ୍କ ଆଗରେ ଉପସ୍ଥାପନ କରିଥିଲେ । ଏହି ପ୍ରତିଯୋଗିତାରେ ଅତିଥିଭାବେ ସ୍ଥାନୀୟ ସାଂସଦ ଅପରାଜିତା ଷଡଙ୍ଗୀ, କମିଶନର କମ୍ ସେକ୍ରେଟାରୀ ଭୁବ୍ରେଜ ସିଂ ପୁନିଅ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମର ଗିଫ୍ଟର ଅଧ୍ୟକ୍ଷ ଡଃ ତ୍ରିଲୋଚନ ସାହୁ, ଡାଇରେକ୍ଟର ଡଃ ପତିତପାବନ ପଣ୍ଡା ପ୍ରମୁଖ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଶେଷରେ ଗିଫ୍ଟର ଡାଇରେକ୍ଟର ଡଃ ପଣ୍ଡା ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ ସମ୍ମାନିତ କରିଥିଲ । ସମସ୍ତ କାର୍ଯ୍ୟକ୍ରମକୁ ପ୍ରଫେସର ସୀତାରାମ ଶତପଥୀ, ପ୍ରଫେସର ବିସ୍ମିତା ମଞ୍ଜରୀ ବିଶ୍ୱାଳ ଓ ଦୀପ୍ତି ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

## ଉତମ ସ୍ୱାସ୍ଥ୍ୟ ପାଇଁ ୭ଦିନର ପ୍ରଭାବଶାଳୀ ଆୟୁର୍ବେଦ ଡାଏଟ ପ୍ଲାନ

ଭୁବନେଶ୍ୱର, (ସବ୍ୟୁ): ଋତୁଜନିତ ଅସନ୍ତୁଳନକୁ ରୋକିବା ପାଇଁ ଆୟୁର୍ବେଦରେ ମୁଠାଏ ଆଲମଣ୍ଡ ସହିତ ସନ୍ତୁଳିତ ଖାଦ୍ୟର ସେବନ ଉପରେ ଗୁରୁତ୍ୱାରୋପ କରାଯାଇଛି । ଘରେ ପ୍ରସ୍ତୁତ ଘିଅ, ପନିପରିବା ପ୍ରସ୍ତୁତ ସୁପ, ଋତୁକାଳୀନ ସବୁଜ ପନିପରିବା ଏବଂ ହାତ ମୁଠା ଭରି ଆଲମଣ୍ଡକୁ ଦୈନିକ ଖାଦ୍ୟରେ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି ଆୟୁର୍ବେଦ ବିଶେଷଜ୍ଞ ଡା.ମଧୁମିଥା କ୍ରିଷ୍ଣନ। ୭ ଦିନର ଏକ ସୁପରିକଳ୍ପିତ ଆୟୁର୍ବେଦିକ ଖାଦ୍ୟ ଆପଣଙ୍କୁ ଋତୁକାଳୀନ ରୋଗକୁ ଦୂରେଇ ରଖିବା ସହିତ ଏକ ପାତ୍ର ଆଲମଣ୍ଡ, ତାଜା ପନିପରିବା ସାଲାଡ ପରି ପୁଷ୍ଟିକର, ସ୍ୱାଦିଷ୍ଟ ଖାଦ୍ୟର ମଜା ନେବାରେ ସାହାଯ୍ୟ କରିଥାଏ । ୭ ଦିନର ଆୟୁର୍ବେଦୀୟ ଖାଦ୍ୟ ଯୋଜନା ଉପରେ ମତବ୍ୟକ୍ତ କରି ଡା. କ୍ରିଷ୍ଣନ କହିଛନ୍ତି ପ୍ରଥମ ଦିନରେ ଜଳଖିଆରେ ମେଥି ଥେପଲା ସହିତ ଦହି, ମଧ୍ୟାହ୍ନ ଭୋଜନରେ ବାଜାରା ରୁଟି ସହିତ ପାଲକ-ପନିର ତରକାରୀ, ସବୁଜ ପନିପରିବାର ସାଲାଡ, ହାତ ମୁଠା କାଲିଫର୍ଣ୍ଣିଆ ଆଲମଣ୍ଡ ଏବଂ ରାତ୍ରିଭୋଜନରେ ଘିଅରେ ରନ୍ଧା ଯାଇଥିବା ମୁଗଡ଼ାଲି ଖେଚୁଡ଼ି, ଜିରା ତଥା ଗୋଲମରିଚ୍, ଯାହାକି ବିଟରୁଟ ଏବଂ ଗାଜର ତରକାରୀ ସହିତ ଏକାଠି ପରସିପାରିବେ ।

## ବିଶ୍ୱ ଓଡ଼ିଆ ପରିବାର ତରଫରୁ ଉତ୍କଳ ଦିବସ
# 'ଶିକ୍ଷା ବିକାଶର ବାତାୟନ'-ପ୍ରଜ୍ଞାନ' ଶୀର୍ଷକ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଓଡ଼ିଆ ପରିବାର ତରଫରୁ ଉତ୍କଳ ଦିବସ ଉପଲକ୍ଷେ ଏକ କର୍ମଶାଳା ଭିନ୍ନ ଢଙ୍ଗରେ ଭୁବନେଶ୍ୱରର ହୋଟେଲ ପ୍ରେସିଡେନ୍ସି ଠାରେ ଅନୁଷ୍ଠିତ ହୋଇଯାଇଛି । ଯାହାର ଶୀର୍ଷକ ଥିଲା 'ଶିକ୍ଷା ବିକାଶର ବାତାୟନ' ପ୍ରଜ୍ଞାନ । ଏହି କର୍ମଶାଳାରେ ବିକଶିତ ଓଡ଼ିଶାର-୨୦୩୬ର ସଫଳତା ପାଇଁ ବ୍ୟାପକ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କର ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟର ଶିକ୍ଷା ବିଭାଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ବିକଶିତ ଓଡ଼ିଶା ପାଇଁ ସରକାର ବହୁ ସୁଚିନ୍ତିତ ଯୋଜନା ଓ ପଦକ୍ଷେପ ନେଉଛନ୍ତି । ଏହି ଆଭିମୁଖ୍ୟକୁ ସଫଳ କରିବା ପାଇଁ ବ୍ୟକ୍ତି ବିଶେଷ, ଅନୁଷ୍ଠାନ, ବୁଦ୍ଧିଜିବୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ଓଡ଼ିଶାର ବିକାଶ ଦିଗରେ ଶିକ୍ଷା ବ୍ୟବସ୍ଥା କିଭଳି ସହାୟକ ହେବ ତାହା ଉପରେ ସେ ଗୁରୁତ୍ୱଆରୋପ କରିଥିଲେ । ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରାଧାପକ ଗୌରାଙ୍ଗ ଚରଣ ନନ୍ଦ କହିଥିଲେ ଯେ, କେବଳ ବ୍ୟବସ୍ଥାର ସମାଲୋଚନା କଲେ ସମସ୍ୟାର ସମାଧାନ ହେବ ନାହିଁ । ଆମକୁ ବିକଶିତ ଓଡ଼ିଶା ଗଠନ ଦିଗରେ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଦିଗରେ ସକରାତ୍ମକ ପଦକ୍ଷେପ କରିବାକୁ ପଡ଼ିବ । ବିଶ୍ୱ ଓଡ଼ିଆ ପରିବାରର ଅଧକ୍ଷ ସଜ୍ଜନ ଶର୍ମା ତାଙ୍କର




ଉଦ୍ଘାଟନୀ ଅଭିଭାଷଣରେ କହିଥିଲେ ଯେ, ସମୃଦ୍ଧ ଶିଳ୍ପ ଓ ଭାସ୍କର୍ଯ୍ୟ ସଂସ୍କୃତିର ପରମ୍ପରା ସୁଦୀର୍ଘ ନଦୀ, ପର୍ବତର ସରସ ସୁନ୍ଦର ବେଳାଭୂମି ଏବଂ ସମ୍ମୋହିତ ପର୍ଯ୍ୟଟନ ବିଭବରେ ପରିପୂର୍ଣ୍ଣ ଆମ ଓଡ଼ିଶା । ଆଜି ଓଡ଼ିଶା ଦିବସରେ ଆମେ ସେହି ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଅଖଣ୍ଡ ଓଡ଼ିଶା ଐକ୍ୟ, ସମୃଦ୍ଧି ବଜାୟ ରଖିବା ପାଇଁ ପ୍ରତିଶୃତିବଦ୍ଧ ହେବା । ଓଡ଼ିଆ ଭାଷା, ସଂସ୍କୃତି, ନୃତ୍ୟ, ପରମ୍ପରା, ଐତିହ୍ୟର ପୋଷାକ, ପରିଧାନ ଚାଲିଚଳନି ଓ ଖାଦ୍ୟପାନୀୟର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପ୍ରଥମ ଥର ପାଇଁ ଆଜିଠୁ ଓଡ଼ିଆ ନୂଆବର୍ଷ ଯାଏ ଓଡ଼ିଆ ପକ୍ଷ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ବିଶ୍ୱ ଓଡ଼ିଆ ପରିବାର ତରଫରୁ ସେ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ବିଶ୍ୱ ଓଡ଼ିଆ ପରିବାର ଏହି ଆନ୍ଦୋଳନର ଏକ ଅଂଶ ବିଶେଷ ସେ କହିଥିଲେ । ବିଶ୍ୱ ଓଡ଼ିଆ ପରିବାର ଏହି ଆନ୍ଦୋଳନର ଏକ ଅଂଶବିଶେଷ ମାତ୍ର । ଓଡ଼ିଶାର ପ୍ରତ୍ୟେକ ଓଡ଼ିଆଙ୍କର ସ୍ୱରକୁ ସମଗ୍ର ବିଶ୍ୱରେ ପରିଚିତ ଓ ସମ୍ମାନିତ କରିବା ପାଇଁ ଉଦ୍ୟମ ଜାରି ରଖିବା ପାଇଁ ସେ କହିଥିଲେ ।

ଏହି କର୍ମଶାଳାରେ ପୂର୍ବତନ ପ୍ରଶାସକ ଅଲେଖ ପଢିଆରୀ, ପ୍ରଫେସର ଡଃ ବଦ୍ରିନାଥ ପଟ୍ଟନାୟକ, କେଦାର ନାଥ ଆଚାର୍ଯ୍ୟ, ହରିହର ମିଶ୍ର, ସୁଧାଂଶୁ ପାତ୍ର, ଚିତ୍ରଲେଖା ମହାନ୍ତି, ସମ୍ୟକ ମହାନ୍ତି, ଡଃ ରାଧାଗୋବିନ୍ଦ ପଣ୍ଡା, ଚକ୍ରଧର ବେହେରା, ସୁବାଷ ଚନ୍ଦ୍ର ରାଉତ, ସୁଦର୍ଶନ ମିଶ୍ର, ଅମ୍ବିକା ଦାସ, ପଲ୍ଲବୀ ମହାପାତ୍ର, କାଳିପଦ ଦାସ, ଆୟସା ଦାସ, ବ୍ରଜକିଶୋର ଜେନା, ହରିହର କାନୁନଗୋ, ପ୍ରମୁଖ ଶିକ୍ଷା, ଶିକ୍ଷାୟତନ ଓ ଶିକ୍ଷାନୀତି ଉପରେ ସେମାନଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ତଥା କବି ଡଃ ପ୍ରୀତି ପ୍ରତିଭା ଭୋଳ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ଭବାନୀ ପ୍ରସାଦ ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନେଶ୍ୱରରେ ପୋଲିସ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ପକ୍ଷରୁ ଭୁବନେଶ୍ୱର ରିଜର୍ଭ ପ୍ୟାରେଡ୍ ପଡିଆରେ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ପୋଲିସ କମିଶନରେ ସୁରେଶ ଦେବଦତ ସିଂହ ଯୋଗ ଦେଇଥିଲେ । ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା । ସେହି ସମୟରେ ଆଇନ ଶୃଙ୍ଖଳାରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ପୋଲିସ ବିଭାଗ ଗଠିତ ହୋଇଥିଲା । ପୋଲିସ ବିଭାଗ ଗଠିତ ହେବା ଦିନଠାରୁ ଉତ୍ସର୍ଗୀକୃତ ଭାବେ ପୋଲିସ କାର୍ଯ୍ୟ କରିଆସୁଛି ବୋଲି କମିଶନରେ ଶ୍ରୀ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ ।

ଏହି ଅବସରରେ ପୋଲିସ ବିଭାଗରେ ଯୋଗ ଦେଇଥିବା ନୂଆ କର୍ମଚାରୀଙ୍କୁ ନିଜ କର୍ତ୍ତବ୍ୟ ସାଧନ ଉପରେ ପ୍ରେରଣା ଦେବା ସହ କର୍ତ୍ତବ୍ୟରତ କାମ କରିବା ସମୟରେ ସହିଦ ହୋଇଥିବା କର୍ମଚାରୀଙ୍କୁ ମୁଖ୍ୟଅତିଥି ଶ୍ରୀ ସିଂହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆଜିର ଦିନ ଓଡ଼ିଶା ପୋଲିସ ପାଇଁ ସ୍ୱତନ୍ତ୍ର ଦିନ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ୭ଟି କଣ୍ଟିଜେନ୍ସ ପ୍ୟାରେଡ୍ ପ୍ରଦର୍ଶନ କରିଥିଲେ । ଏହି ଅବସରରେ କଟକ, ଭୁବନେଶ୍ୱରରେ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଥିବା ପୋଲିସ କର୍ମଚାରୀଙ୍କୁ କମିଶନର ଶ୍ରୀ ଦେବଦତ୍ତ ସିଂହ ପୁରସ୍କୃତ କରିଥିଲେ ।

ପ୍ରତିଷ୍ଠା ଉତ୍ସବରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମିନା, ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ବହୁ ପୋଲିସ ଅଫିସର ଯୋଗ ଦେଇଥିଲେ ।

## ଓଡିଶା ହୋମିଓ ପାଥିକ ଫିଲ୍ଡ ଷ୍ଟାଫ ଆସୋସିଏସନ ର ଉତ୍କଳ ଦିବସ ପାଳନ

କଟକ, (ସବ୍ୟୁ):ଓଡିଶା ହୋମିଓ ପାଥିକ ଫିଲ୍ଡ ଷ୍ଟାଫ ଆସୋସିଏସନ ଆନୁକୂଲ୍ୟରେ ଆଜି କଟକ ରେ ପବିତ୍ର ଉତ୍କଳ ଦିବସ ପାଳନ ହୋଇଯାଇଅଛି । ଏଥିରେ କଟକରେ ଥିବା ବିଭିନ୍ନ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପଥପ୍ରାନ୍ତ ସଭା ଓ ସାଧାରଣ ସଭା ପ୍ରମୁଖ ଆୟୋଜିତ ହୋଯାଇଛି । ଓଡିଶା ହୋମିଓ ପାଥିକ ଫିଲ୍ଡ ଷ୍ଟାଫ ଆସୋସିଏସନ ର ସଭାପତି ଶିବ ବଲ୍ଲଭ ମହାନ୍ତିଙ୍କ ସଭାପତିତ୍ୱରେ ତୁଳସୀପୁର ସ୍ଥିତ ପାର୍ବତୀ ନିଳୟ ଠାରେ ଆୟୋଜିତ ସଭାରେ ଫେଡ଼େରେସନ୍ ଅଫ୍ ଇଣ୍ଡିଆନ ବ୍ଲଡ଼ ଡୋନର୍ସ ଅର୍ଗାନାଇଜେସନ୍ ର ଜାତୀୟ ଉପସଭାପତି ଡ଼ଃ.ପ୍ରଶାନ୍ତ କୁମାର ଦାଶ, ମୁଖ୍ୟ ଅତିଥି, ବରିଷ୍ଠ ହୋମିଓପାଥିକ ଚିକତ୍ସକ ତଥା ସମାଜ ସେବୀ ଡାକ୍ତର ବିକାଶ କୁମାର ପ୍ରସାଦ ସଂମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ଉତ୍କଳ ଦିବସର ବିଶେଷତ୍ୱ ଓ ଉତ୍କଳ ପ୍ରଦେଶ ଓ ଓଡ଼ିଆ ଭାଷା ସୁରକ୍ଷା ପାଇଁ କାଯ୍ୟ କରିଥିବା ବରପୁତ୍ର ମାନଙ୍କ ସ୍ମୃତି ଚାରଣ କରିଥିଲେ ।

## ଓସିଏର ସାଧାରଣ ନିର୍ବାଚନ
# ବିନୟ ସଭାପତି, ଦେବୀପ୍ରସାଦ ସମ୍ପାଦକ

ଭୁବନେଶ୍ୱର, (ସବ୍ୟୁ) : କ୍ୟାଟରିଂ ଆସୋସିଏସନ୍ ଅଫ ଓଡିଶା(ଓସିଏ)ର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ଅନୁପ କୁମାର ବାଗାଇ ସଂଘର ଅଧକ୍ଷ ଓ ନବରଂଜନ ପଟ୍ଟନାୟକ ପାଟର୍ନ ହୋଇଛନ୍ତି । ବିନୟ ଭୂଷଣ ପଟ୍ଟନାୟକ ସଭାପତି ଓ ଦେବୀ ପ୍ରସାଦ ରଥ ସାଧାରଣ ସମ୍ପାଦକ ପଦ ବଜାୟ ରଖିଛନ୍ତି । ସେମିତି ଏମ ଜୟ ପ୍ରସାଦ ରାଓ କୋଷାଧ୍ୟକ୍ଷ, ପ୍ରବୋଧ କୁମାର ଦାସ ମୁଖ୍ୟ ଦିଗଦର୍ଶକ ଓ ଦେବାଶିଷ ଧଳ ନିର୍ବାଚିତ ହୋଇଛନ୍ତି ।




ନିର୍ବାଚନ ପରେ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଆୟୋଜିତ ହୋଇଥିଲା । ଏହା ଆମେ ଦେଖି ଆସୁଛୁ ଯେ ପ୍ରତ୍ୟେକ ସାମାଜିକ ଭୋଜି ଭାତ କିମ୍ବା ଅନ୍ୟ କାର୍ଯ୍ୟରେ ଅତିଥିମାନେ ନିଜ ଥାଳିରେ ଖାଦ୍ୟ ନଷ୍ଟ କରୁଛନ୍ତି । ଭୋଜି ଭାତରେ ଖାଦ୍ୟ ନଷ୍ଟ ନକରିବା ପାଇଁ ଆମକୁ ଲୋକଙ୍କ ମଧ୍ୟରେ ଏକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ପଡିବ ବୋଲି ଓସିଏର ସଭାପତି ବିନୟ ଭୂଷଣ ପଟ୍ଟନାୟକ କହିଥିଲେ । ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଓଡିଶାର ଖାଦ୍ୟର ପ୍ରଚାର ପ୍ରସାର କରାଯିବ । ଆମ ଖାଦ୍ୟ ଓ ଆମ ସଂସ୍କୃତି ହେଉଛି ଆମର ପରିଚୟ ବୋଲି ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ରଥ ପ୍ରକାଶ କରିଥିଲେ । ଓସିଏର ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ଜିଲ୍ଲା ସଂଘର ସଦସ୍ୟମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ଡ୍ରିମ୍ସରେ ପବିତ୍ର ଉତ୍କଳ ଦିବସ



କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରେ ସ୍ଥାପିତ ପୁଣ୍ୟାତ୍ମା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଉଚ୍ଚ ପଦାଧିକାରୀ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଉତ୍କଳ ଦିବସର ଅଭିନନ୍ଦନ ଜଣାଇବା ସହ ନିଜର ଜ୍ଞାନଗାରିମା ଆଧାରରେ ବିକଶିତ ଓଡିଶାର ନିର୍ମାଣ ଲାଗି ସଂକଳ୍ପବଦ୍ଧ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ବିନ୍ଧାଣୀ ତଥା ବରପୁତ୍ରମାନଙ୍କ ଅତୁଳନୀୟ ଅବଦାନ ସଂପର୍କରେ ଉଲ୍ଲେଖ କରି ଓଡିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିବା ଲାଗି ଛାତ୍ରଛାତ୍ରୀଙ୍କୁ ଦିଗ୍ଦର୍ଶନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଭାରତ ବର୍ଷରେ ଉତ୍କଳ ପ୍ରଦେଶର ମହିମା ସଂପର୍କରେ ବର୍ଣ୍ଣନା କରି ପ୍ରତ୍ୟେକ କ୍ଷେତ୍ରରେ ଯେଭଳି ଓଡିଆମାନେ ଆଜି ନିଜର ପ୍ରତିଭା ଓ ପରାକାଷ୍ଠାର ପରିଚୟ ଦେଇଛନ୍ତି ତାହା ଆମକୁ ଗର୍ବିତ କରିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା (ସମନ୍ୱୟ) ଚିନ୍ମୟୀ ରଥ ଉତ୍କଳ ଦିବସର ଶୁଭେଚ୍ଛା ଜଣାଇଥିଲେ । ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, ନିର୍ଦ୍ଦେଶକ ଲୋକନାଥ ବେହେରା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଲ୍ଲିକ, ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଅଧ୍ୟାପକ ଗୁରୁପ୍ରସାଦ ମୁଖାର୍ଜୀ, ଜୟକୃଷ୍ଣ କର, ଅଧ୍ୟାପିକା ସ୍ୱପ୍ନା ମଙ୍ଗରାଜ, କୀର୍ତ୍ତୀ କିରଣ କର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରଶ୍ମୀରେଖା ମହାନ୍ତ, ଜିଜ୍ଞାସା ମିଶ୍ର, ଶୁଭଲକ୍ଷ୍ମୀ ଭଦ୍ରା, ଅନନ୍ୟା କର ଓ ଶୁଭାଶିଷ ଦତ୍ତ ଉତ୍କଳ ଦିବସ ସଂପର୍କରେ ନିଜସ୍ୱ ଅଭିମତ ରଖିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଜଳଛତ୍ର ଉଦ୍‌ଘାଟନ କଲେ ଗଞ୍ଜାମ ଏସ୍‌ପି

ଛତ୍ରପୁର, (ସବ୍ୟୁ): ବର୍ତ୍ତମାନ ପ୍ରବଳ ଖରା ବଢିଥିବା ବେଳେ ଦିନ ୯ ଟା ରୁ ରାସ୍ତା ରେ ଯିବା ଆସିବା ଅସମ୍ଭବ ହୋଇ ପଡିଛି। ଖରାରେ ଯିବା ଆସିବା ସମୟରେ ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହେଉଥିବା ବେଳେ ପାଣି ଟୋପାଏ ମିଳି ପାରୁନାହିଁ। ବାହାରେ କାମ କରୁଥିବା ଶ୍ରମିକମାନେ ମଧ୍ୟ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଛତ୍ରପୁର ଜିଲ୍ଲା ସଦର ମହକୁମା ହୋଇଥିବାରୁ ଦୈନିକ କୌଣସି ନା କୌଣସି ଅଫିସ କାର୍ଯ୍ୟ ପାଇଁ ବିଭିନ୍ନ ସ୍ଥାନରୁ ଜନସାଧାରଣ ମାନେ କୌଣସି କାମ ପାଇଁ ଆସିଥାନ୍ତି । ଏହି ସବୁକୁ ଦୃଷ୍ଟିରେ ରଖି ଗଞ୍ଜାମ ପୋଲିସ ପକ୍ଷରୁ ଆରାଇ କାର୍ଯ୍ୟାଳୟ ଭିଆଇପି ରୋଡ଼ରେ ଏକ ଜଳଛତ୍ର ଖୋଲାଯାଇଛି । ଏହାକୁ ଗଞ୍ଜାମ ଏସପି ସୁଭେନ୍ଦୁ ପାତ୍ର ଉଦଘାଟନ କରିଥିଲେ। ଏହି ଜଳଛତ୍ରରେ ଜଣେ ପୋଲିସ କର୍ମଚାରୀ ନିୟୋଜିତ ରହିବେ ।

## ୯୦ତମ ପୁଲିସ ପ୍ରତିଷ୍ଠା ଦିବସ, ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫ ପୁରସ୍କୃତ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ପୁଲିସ ପଡିଆ ଠାରେ ୯୦ ତମ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଗଞ୍ଜାମ ପୁଲିସ ଜିଲ୍ଲା ଏସପି ସୁଭେନ୍ଦୁ ପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଆଜିର ଦିବସ ଓଡିଶା ପୁଲିସ ପାଇଁ ଗର୍ବ ଓ ଗୌରବର ଦିବସ । ଜନସାଧାରଣଙ୍କ ସେବା ମନଭାବ ନେଇ ନିଜକୁ ଉତ୍ସର୍ଗ କରିବା । ଏହି ସଙ୍କଳ୍ପ ହିଁ ହେବ ଆମମାନଙ୍କ ପାଇଁ ସହିଦ୍‌ଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଉପସ୍ଥିତ ପୁଲିସ ବାହିନୀକୁ ଉଦବୋଧନ ଦେଇଥିଲେ । ଏବେ ପୁଲିସର ଦିନକୁ ଦିନ ତାର ଦାୟିତ୍ୱ ବଢ଼ି ଯାଇଛି । ପୁଲିସ ସବୁ ଚ୍ୟାଲେଞ୍ଜକୁ ସଫଳତା ସହ ମୁକାବିଲା କରୁଛି । ଧନଜୀବନ ଓ ଆଇନଶୃଙ୍ଖଳା ରକ୍ଷା କାର୍ଯ୍ୟ ପୁଲିସ କାର୍ଯ୍ୟକାରୀ କରି ଆସୁଛି । ପୁଲିସ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଲ୍ଲେଖନୀୟ କାର୍ଯ୍ୟକରି ଲୋକଙ୍କୁ ସୁରକ୍ଷା ଯୋଗାଉଛି । ଶାନ୍ତି ଶୃଙ୍ଖଳା ରକ୍ଷା ମଧ୍ୟ ପୁଲିସର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପନ୍ଥା । ଆଇନଶୃଙ୍ଖଳା ରକ୍ଷା କରିବା ସହ ଅପରାଧ ନିୟନ୍ତ୍ରଣ କରୁଛି ପୁଲିସ । ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ହେଉଛି ଆମ୍ଭର ପ୍ରଥମ ଧର୍ମ । ୧୯୩୬ ମସିହାରୁ ଏହି ଦିବସ ପାଳନ କରାଯାଉଅଛି । ଏହି ଅବସରରେ ଏସପି ଶ୍ରୀ ପାତ୍ର ଓଡିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ । ସମାରୋହରେ ରିଜର୍ଭ ଇନିସପେକ୍ଟର ଅମୁଲ୍ୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପ୍ୟାରେଡ୍ ପରିଚାଳନା କରିଥିବା ବେଳେ ସରଜେଣ୍ଟ ବିକାଶ କୁମାର ସେନାପତି ସହଯୋଗ କରିଥିଲେ । ଏହି ସମାରୋହରେ ଗଞ୍ଜାମ ପୁଲିସ ଜିଲ୍ଲାରେ କର୍ତ୍ତବ୍ୟନିଷ୍ଠା ଓ ସାହସିକତା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ କରିଥିବା ୫ଜଣ ଙ୍କୁ ପୁରସ୍କୃତ କରାଯାଇଥିଲା । ହୁମ୍ମା ଫାଣ୍ଡି ସବ୍‌ଇନ୍ସପେକ୍ଟର ଶୁଭ୍ରଜିତ ସାମନ୍ତରାୟ, ବୁଗୁଡ଼ା ଥାନା ଏଏସଆଇ ସୁମନ୍ତ କୁମାର ବେହେରା, ଶ୍ରେଷ୍ଠ ଏପିଆର ହାବିଲଦାର ବି. କାମରାଜୁ ଦୋରା, ଶ୍ରେଷ୍ଠ ଏପିଆର କନଷ୍ଟେବଲ ଟୁନା ମଲ୍ଲିକ ଓ ଶ୍ରେଷ୍ଠ କନଷ୍ଟେବଲ ଦିଲ୍ଲୀପ କୁମାର ବେହେରାଙ୍କୁ ଏସପି ସମ୍ମାନିତ କରିବା ସହ ପୁରସ୍କୃତ କରିଥିଲେ । ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଚିନ୍ମୟ କୁମାର ନାୟକ, ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି ଗୋରାଚାନ୍ଦ ତ୍ରିପାଠୀ , ସଂପାଦକ ସୁବାସ ସେଠୀ, ଏ.ରାବଣା ରାଓ ଙ୍କ ସମେତ ବହୁ ପୁଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ପୂର୍ବଶତ୍ରୁତାରୁ ନାବାଳକକୁ ଖଣ୍ଡାରେ ଆକ୍ରମଣ

## ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ): ସହରରେ ଧୀରେ ଧୀରେ ଅଶାନ୍ତି ବଢ଼ିବାରେ ଲାଗିଛି। ପୂର୍ବଶତ୍ରୁତାକୁ ନେଇ ଝଗଡା ଆରମ୍ଭ ହେଉଛି। ପୁଣି ବଡ଼ବଜାର ଥାନା ଅଞ୍ଚଳରେ ଜଣେ ନାବାଳକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ପୁର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ଥାନୀୟ ଭେଙ୍କେଟେଶ୍ୱର ମନ୍ଦିର ନିକଟରେ ଜଣେ ନାବାଳକକୁ ଖଣ୍ଡାରେ ଆକ୍ରମଣ ହୋଇଛି। ଖଣ୍ଡା ଚୋଟରେ ସମ୍ପୃକ୍ତ ନାବାଳକଙ୍କ ହାତ ପାପୁଲିରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ଏନେଇ ମିନାକ୍ଷୀ ଗୌଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ୧୩୯/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଆକ୍ରମଣକାରୀଙ୍କୁ ପୋଲିସ ଧରିଥିବା କହିଛି। ତାଙ୍କ ନିକଟରୁ ପୋଲିସ ଏକ ଖଣ୍ଡା ଜବତ କରିଛି। ଆକ୍ରମଣକାରୀ ଜଣଙ୍କ ନାବାଳକ ବୋଲି ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ. ସୂଚନା ଦେଇଛନ୍ତି ।

## ଶୌଚାଳୟରେ ଭଙ୍ଗାରୁଜା ସହ ଚୋରି ଅଭିଯୋଗ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକର ବାଲିପଦର ଗ୍ରାମ ପଞ୍ଚାୟତ ଦ୍ୱାରା ବାଲିପଦର-ବେଲଗୁଣ୍ଠା ରାସ୍ତାର ତିନି ଛକିଆଠାରେ ନବ ନିର୍ମୀତ ଶୌଚାଳୟରେ ଭଙ୍ଗାରୁଜା ସହ କେତେକ ସାମଗ୍ରୀ ଚୋରିକୁ ନେଇ ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନଙ୍କ ପକ୍ଷରୁ ବାଲିପଦର ଫାଣ୍ଡିରେ ଅଭିଯୋଗ ହୋଇଥିବା ଜଣାଯାଇଛି। ଗତ ମାର୍ଚ୍ଚ ୨୯ ଓ ୩୦ ତାରିଖ ଉଭୟ ରାତିରେ ଦୁର୍ବୃତ୍ତଙ୍କ ଦ୍ୱାରା ସର୍ବସାଧାରଣଙ୍କ ନିମନ୍ତେ ନର୍ମୀତ ଶୌଚାଳୟର କାଚ୍ଚ ଓ କବାଟ, ପାଣିପମ୍ପ ଓ ପାଣିଟାଙ୍କିକୁ ସଂଯୋଗ କରୁଥିବା ପାଇପ୍ ,ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା, ପାଇଖାନା ଓ ପରିସ୍ରା ଷ୍ଟାଣ୍ଡକୁ ଭଙ୍ଗାରୁଜା କରିବା ସହ ସେଠାରେ ବ୍ୟବହୃତ ସାମଗ୍ରୀମାନ ଚୋରି ହୋଇଥିବାର ଦେଖିବାକୁ ମିଳିଥିଲା। ଏନେଇ ୩୧ତାରିଖ ଦିନ ସରପଞ୍ଚଙ୍କ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ଓଳମ୍ବା ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା



ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ଓଳମ୍ବା ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଅଚାନକ ଅଗ୍ନିକାଣ୍ଡ ଘଟିବା ଫଳରେ ଗ୍ରାମର ନବା ନାଇକ ଓ ଭିକା ନାଇକ ନାମକ ଦୁଇ ଜଣ ବ୍ୟକ୍ତି ଙ୍କର ଦୁଇଟି ଚାଳ ଛପର ଘର ସମ୍ପୂର୍ଣ ଜଳି ପୋଡ଼ି ଛାରଖାର ହୋଇଯାଇଛି । ଏହି ଅଗ୍ନିକାଣ୍ଡ ଘଟିବା ଫଳରେ ଉଭୟ ପରିବାରର ବର୍ଷକର ସାଇତା ହୋଇ ରହିଥିବା ଧାନ, ମୁଗ, ବିରି, ମାଣ୍ଡିଆ ଫସଲ ଓ ଆସବାବ ପତ୍ର ଜଳି ଯାଇଛି । ଖବର ପାଇ ଧରାକୋଟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଭୟ ପରିବାରକୁ ସରକାରୀ ସହାୟତା ପ୍ରଦାନ ସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବୀ ହେଉଛି ।

## ବାଲୁଙ୍କେଶ୍ୱର ପବ୍ଲିକ୍ ସ୍କୁଲର ୩ୟ ବାର୍ଷିକୋତ୍ସବ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବ୍ଲକର ବାଲିପଦର ଗ୍ରାମସ୍ଥ ଶ୍ରୀ ବାଲୁଙ୍କେଶ୍ୱର ପବ୍ଲିକ୍ ସ୍କୁଲର ତୃତୀୟତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ସିମାଞ୍ଚଳ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣିକ ସଂଘ ସଭାପତି ଲକ୍ଷ୍ମୀ ପ୍ରସାଦ ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁରଲିଧର ନନ୍ଦ, ସମ୍ମାନିତଅତିଥି ଭାବେ ସ୍କୁଲ ଚେୟାରମ୍ୟାନ ଚିନ୍ମୟ କୁମାର ଦାଶ, କେ.ରାଘବ ପାତ୍ର, ଜି.ରାଜେଶ୍ୱର ପାତ୍ର, ବାଲୁଙ୍କେଶ୍ୱର ଏଚ୍‌ଏସସି ଅଧ୍ୟକ୍ଷ ପଞ୍ଚାନନ ନାହକ ଓ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଲିପସା ପ୍ରଧାନ, ଶିକ୍ଷୟିତ୍ରୀ ସୁଧା କୁମାରୀ ସାହୁ ଓ ଉଷାରାଣୀ ଜେନା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପକ ପବିତ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ଉତ୍କଳ ଦିବସ



ବାରିପଦା, (ସବ୍ୟୁ) : ପ୍ରଦେଶ କଂଗ୍ରେସର ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ତରଫରୁ ‘ଉତ୍କଳ ଦିବସ ମହାସମାରୋହରେ ପାଳନ କରାଯାଇଛି। ଉତ୍କଳ ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ତାପରେ ସହରର ବିଭିନ୍ନ ସ୍ଥାନରେ ଥିବା ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷ ଯଥା ସୁନାରାମ ସୋରେନ, ବିର୍ଷା ମୁଣ୍ଡା, ମୟୂରଭଞ୍ଜର ପ୍ରଥମ ପ୍ରଧାନମନ୍ତ୍ରୀ ଶରତ ଚନ୍ଦ୍ର ଦାସ, ଗଡ଼ଜାତ ଆନ୍ଦୋଳନର ନେତା ପ୍ରଶନ୍ନ ଦାଶ ପ୍ରମୁଖଙ୍କୁ ମାଲ୍ୟାର୍ପଣ କରାଯାଇ ସାରିବା ପରେ ଗାନ୍ଧୀପାର୍କ ସ୍ଥିତ ଜାତିର ଜନକ ମହାତ୍ମାଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଓ କସ୍ତୁରିବା ଗାନ୍ଧୀଙ୍କୁ ମାଲ୍ୟାର୍ପଣ କରି ଶ୍ରୁତି ଗାନ କରାଯାଇଥିଲା । ସନ୍ଧ୍ୟା ୬.୩୦ ମିନିଟ ସମୟରେ ବାରିପଦା ରେଲୱେ ଷ୍ଟେସନରେ ରାଜ୍ୟରେ ବଢୁଥିବା ଦୁଷ୍କର୍ମ, ଅପହରଣ, ହତ୍ୟା ଓ ନିଖୋଜ ହୋଇଥିବା ମହିଳା ଓ ନାବାଳିକାଙ୍କ ଉଦ୍ଦେଶ୍ୟରେ ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପରିସ୍ଥିତିର ସୁଧାର ନିମନ୍ତେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବତନମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ଆବାହକତ୍ୱରେ ହୋଇଥିଲା। ଏଥିରେ ପୂର୍ବତନ ସାଂସଦ ସୁଶ୍ରୀ ଶୁଶିଳା ତିରିଆ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ଅଶୋକ ଅଧିକାରୀ, ଜ୍ୟୋତିପ୍ରକାଶ ରଥ, ଅରବିନ୍ଦ ଦାସ, ଶାନ୍ତନୁ ପାଲ, ସୁସ୍ମିତା ଘୋଷାଲ, ଦୀପକ ଦାଶ, ପ୍ରମୋଦ ହେମ୍ବ୍ରମ, ମାଧବୀ ସେନାପତି, ଶିବାନନ୍ଦ ଦାସ, ଚୈତନ୍ୟ ହାଁସଦା, ଅଜିତ ଜେନା, ୱାହିଦା ଅହମ୍ମଦ, ସ୍ୱାଗନ ଦାସ, ନାରାୟଣ ପଟ୍ଟନାୟକ, ପୂର୍ଣ୍ଣ ବିଶ୍ୱାଳ, ସ୍ୱରୁପ ମିଶ୍ର, ନିରୋଜ ଦାଶ, ମୋତିପ୍ରକାଶ ଦାସ, ତାରାକାନ୍ତ ବେହେରା, ନାରାୟଣ ସୋରେନ, ସିଦ୍ଧେଶ୍ୱର ସୋରେନ, ପ୍ରଦୀପ ମିଶ୍ର, ଏମଡି ନାଜିରୁଲ ହକ, ମନୋଜ ଦାସ, ହରିହର ସାହୁ, ଅବିନାଶ ଖିଲାର ଓ ବିଶ୍ୱଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ୯୦ତମ ପୋଲିସ ପ୍ରତିଷ୍ଠା ଦିବସ

## ପୋଲିସ ଲୋକଙ୍କ ନିକଟତର ହୋଇ ସେବା ଦେବାକୁ ଆହ୍ୱାନ



ବ୍ରହ୍ମପୁର, (ସବ୍ୟୁ): ଜନସାଧାରଣଙ୍କୁ ସେବା ଯୋଗାଇବା ସହିତ ସମାଜରେ ନିରପେକ୍ଷତା ଏବଂ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଓଡିଶା ପୁଲିସ ପ୍ରତିଷ୍ଠା ହୋଇଥିଲା । ଜନସାଧାରଣଙ୍କ ସହଯୋଗରେ ପୁଲିସର ଦକ୍ଷତା ଓ ମନବଳ ବୃଦ୍ଧି ହୋଇଥାଏ। ମଙ୍ଗଳବାର ସ୍ଥାନୀୟ ଆମ୍ବପୁଆ ସ୍ଥିତ ରିଜର୍ଭ ପୁଲିସ ପଡ଼ିଆ ଠାରେ ବ୍ରହ୍ମପୁର ପୁଲିସ ପକ୍ଷରୁ ୯୦ତମ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ଯୋଗ ଦେଇ ଜନସାଧାରଣଙ୍କୁ ସେବା ଦେବାରେ ପୁଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ବ୍ରହ୍ମପୁର ଜିଲ୍ଲା ପୁଲିସ ପକ୍ଷରୁ ଆୟୋଜିତ ପ୍ୟାରେଡରେ ଆଇଜି ଅଭିବାଦନ ଗ୍ରହଣ କରିଥିଲେ। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମୋଟ ୧୬ଜଣ ପୁଲିସ କନେଷ୍ଟବଳ, ହାବିଲଦାର, ଟ୍ରାଫିକ କନେଷ୍ଟବଳ ଓ ପୁଲିସ ଅଧିକାରୀ ମାନଙ୍କୁ ଆଇଜି ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ଇନ୍ସପେକ୍ଟର ଭାବେ ପୁରସ୍କୃତ ହେଲେ ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା। ସେହିପରି କେନୁଆ ଗାଁ ଥାନାରେ କାର୍ଯ୍ୟରତ ସବ ଇନ୍ସପେକ୍ଟର ଅଞ୍ଜଳୀ ବେହେରା ଓ ନିମଖଣ୍ଡିର ଏସଆଇ ଜ୍ଞାନ ରଞ୍ଜନ ବେହେରାଙ୍କୁ ଶ୍ରେଷ୍ଠ ସବ ଇନ୍ସପେକ୍ଟର ଭାବେ ଟାଉନ ଥାନାର ଏଏସଆଇ ବିନୀତ୍ କୁମାର ଶତପଥୀଙ୍କୁ ଶ୍ରେଷ୍ଠ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ଭାବେ ସମ୍ବର୍ଦ୍ଧିତ ହୋଇଥିଲେ । ସେହିପରି ଆରଓରେ କାର୍ଯ୍ୟରତ ହାବିଲଦାର କୃଷ୍ଣଚନ୍ଦ୍ର ନାୟକ, ବସନ୍ତ କୁମାର ସ୍ୱାଇଁ, ଜରଡ଼ା ଥାନାରେ କାର୍ଯ୍ୟରତ ହାବିଲଦାର ଦାଶରଥୀ ଗୌରୀ ଓ ଗୋଳନ୍ଥରା ହାବିଲଦାର ପ୍ରଶାନ୍ତ କୁମାର ରଥକୁ ଶ୍ରେଷ୍ଠ ହାବିଲଦାର ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଅନ୍ୟପକ୍ଷରେ ଆରଓରେ କାର୍ଯ୍ୟରତ କନେଷ୍ଟବଳ ସରପିନ କିଣ୍ଡୋ, ଗୋଷାଣୀନୁଆଗାଁର କନେଷ୍ଟବଳ ଜ୍ୟୋତି ଦେବୀ, ଟ୍ରାଫିକର ଜ୍ଞାନଦୀପ ଦଳାଇ, ସଦରର ରବୀନ୍ଦ୍ର ଦାଶ, ଦିଗପହଣ୍ଡିରରଞ୍ଜିତ ପାତ୍ର, କେ ନୁଆଗାଁର ନବିନା କୁମାର ସେଠୀ, ଗୋପାଳପୁରର କପିଳେନ୍ଦ୍ର ବଡ଼ମୁଣ୍ଡି ଓ ନିମଖଣ୍ଡିର କନେଷ୍ଟବଳ ସଞ୍ଜୟ କୁମାର ପାତ୍ରଙ୍କୁ ଶ୍ରେଷ୍ଠ କନେଷ୍ଟବଳ ଭାବେ ପୁରସ୍କୃତ କରାଯାଇଥିଲା । ପୋଲିସ ବିଭାଗ ଗଠନର ମହତ୍ତ୍ୱ ଏବଂ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ କହିବା ସହ ଲୋକଙ୍କ ହିତରେ କାମ କରି ବିଶ୍ୱାସଭାଜନ ହେବା ପାଇଁ ଆଇଜି ଆହ୍ୱାନ ଦେଇଥିଲେ। ଏହି ଅବସରରେ ମାଓବାଦୀ ମୁକାବିଲା ଓ କୋରନା ଲଢ଼େଇରେ ଶହୀଦ ହୋଇଥିବା ବୀର ପୁଲିସ ଭାଇମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ସହ ତାଙ୍କ ପରିବାର ବର୍ଗକୁ ସମବେଦନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଏସପି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତ୍ତା ପଢିଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଏସପି ସୀମା ସ୍ୱାଇଁ ପରିଚାଳନା କରିଥିଲେ । ଏହି ଅବସରରେ ଅତିରିକ୍ତ ଏସପି କୈଳାସ ଚନ୍ଦ୍ର ବୁରୁଦା, ରିଜର୍ଭ ଇନ୍ସପେକ୍ଟର ଏମ ଲକ୍ଷ୍ମୀ ରଞ୍ଜନ ଓ ବ୍ରହ୍ମପୁର ପୁଲିସ ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଙ୍ଘର ସଦସ୍ୟ ଓ ବହୁ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ବ୍ରହ୍ମପୁର ଠାରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଆ ଆନ୍ଦୋଳନର ଆଦିପୀଠ ବ୍ରହ୍ମପୁର ଠାରେ ଗଞ୍ଜାମ ଜିଲ୍ଲା ସ୍ତରୀୟ ୯୦ତମ ଓଡିଶା ଦିବସ ପାଳିତ ହୋଇଯାଇଛି। ମଙ୍ଗଳବାର ଏପ୍ରିଲ ପହିଲାର ପୂର୍ବାହ୍ନ ସମୟରେ ବ୍ରହ୍ମପୁର ନଗରର ମାନ୍ୟଗଣ୍ୟ ବ୍ୟକ୍ତି, ଅତିଥି ଗିରି ବଜାର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏକତ୍ର ହୋଇଥିଲେ। ଇସ୍ପାତ ଓ ଖଣ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ସ୍ଥଳେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ମହାନଗର କମିଶନର ଭବାନୀ ଶଙ୍କର ମିଶ୍ର ସମେତ ପୂର୍ବତନ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ବ୍ରହ୍ମପୁର ସହର ମଧ୍ୟରେ ରହିଥିବା ପ୍ରତିମୂର୍ତ୍ତି ଗୁଡିକରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ବିଜୁପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦଘାଟନ କରି ଓଡ଼ିଶାର ବରପୁତ୍ର ମାନଙ୍କ ଫଟୋଚିତ୍ର ପ୍ରଦର୍ଶନୀକୁ ଭୂୟସୀ ପ୍ରଶଂସା କରିଥିଲେ। ସେହିଠାରେ ଆୟୋଜିତ ସାଧାରଣ ସ୍ମୃତି ଚାରଣ ସଭାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ମୁଖ୍ୟଅତିଥି ବିଭୂତି ଭୂଷଣ ଜେନା ନିଜ ବକ୍ତବ୍ୟରେ ଅବଗତ କରାଇଥିଲେ । ଉକ୍ତ ସଭାରେ ଅନ୍ୟଅନ୍ୟମାନଙ୍କ ମଧ୍ୟରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ମେୟର ସଂଘମିତ୍ରା ଦଳେଇ, ଜିଲ୍ଲାପାଳ ଗଞ୍ଜାମ ଦିବ୍ୟ ଜ୍ୟୋତି ପରିଡ଼ା, ଗବେଷକ ଡ଼. ଅନନ୍ତ ରାମ କୌଣ୍ଡିନ୍ୟ, ଉତ୍କଳ ପରିଷଦ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଡ଼. ସୁରେନ୍ଦ୍ରନାଥ ପାଣିଗ୍ରାହୀ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ପରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଉପ ନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ କର୍ମକର୍ତ୍ତାଗଣ କାର୍ଯ୍ୟକ୍ରମର ସହଯୋଗ କରିଥିଲେ ।

## ତଦନ୍ତରେ ଉତ୍କର୍ଷତା ପାଇଁ ପ୍ରଶାନ୍ତ ସାହୁ ସମ୍ମାନିତ



ଆସିକା, (ସବ୍ୟୁ): ଆସିକା ଥାନାର ପ୍ରାକ୍ତନ ଥାନା ଅଧିକାରୀ ତଥା ବର୍ତ୍ତମାନର ପୁରୀ ସଦର ଡିଏସପି ପ୍ରଶାନ୍ତ କୁମାର ସାହୁଙ୍କୁ ୨୦୨୩ ରେ ଆସିକା ଓ ହିଞ୍ଜିଳି ଥାନା ଅଧିକାରୀ ଭାବେ ଦାୟିତ୍ୱରେ ଥିବା ସମୟରେ ତଦନ୍ତରେ ଉତ୍କର୍ଷତା ପାଇଁ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଏକ୍ସଲେନ୍ସ ଇନ ଇନଭେଷ୍ଟିଗେସନ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଆସିକା ଓ ହିଞ୍ଜିଳି ଥାନା ଇଲାକାର ୨୦୨୨ରେ ୭ ଟି ଓ ୨୦୨୩ ବର୍ଷରେ ୫ଟି ମାମଲାରେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଶ୍ରୀ ସାହୁଙ୍କ ତଦନ୍ତରେ ଉତ୍କର୍ଷ କାର୍ଯ୍ୟ କରିଥିଲେ । ଶ୍ରୀ ସାହୁଙ୍କ ଦ୍ୱାରା ତଦନ୍ତ ହୋଇଥିବା ଆସିକା ଥାନା ଇଲାକାର ତିନୋଟି ହିଂଜିଳି ଥାନା ଇଲାକାର ଦୁଇଟି ଓ ପୋସ୍କୋ କୋର୍ଟର ତିନୋଟି ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ହୋଇଥିଲା। ଆଜି ପୋଲିସ ପ୍ରତିଷ୍ଠା ଦିବସ ଅବସରରେ କଟକ ସ୍ଥିତ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ ଡିଜି ଯୋଗେଶ ବହାଦୁର ଖୁରାନିଆ ପ୍ରଶାନ୍ତ ସାହୁଙ୍କୁ ମ୍ୟାଡେଲ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ସାହୁଙ୍କ ଏହି ସଫଳତାକୁ ନେଇ ଆସିକା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି ।

# ମଧ୍ୟାହ୍ନ ଭୋଜନରେ ସାମିଲ ହେଲେ ନବମ ଓ ଦଶମ ଶ୍ରେଣୀ ପିଲା

ଧରାକୋଟ, (ସବ୍ୟୁ): ରାଜ୍ୟ ସରକାରଙ୍କ ଘୋଷଣା ପ୍ରକାରେ ଏପ୍ରିଲ ପହିଲାରୁ ନୂତନ ଭାବରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ କରାଯାଇଅଛି । ଧରାକୋଟ ବ୍ଲକ ଅଧିନସ୍ଥ ୧୯ ଗୋଟି ଉଚ୍ଚ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସମେତ ଓଡିଶା ଆଦର୍ଶ ବିଦ୍ୟାଳୟ କୁସଗୁମାକୁ ମିଶାଇ ମୋଟ ୨୦ ଗୋଟି ବିଦ୍ୟାଳୟର ପିଲା ଏଥିରେ ସାମିଲ ହୋଇଛନ୍ତି । ଅନ୍ୟ ପକ୍ଷରେ ସରକାରଂକ ପକ୍ଷରୁ ଘୋଷଣା କରାଯାଇଥିବା ପୋଷଣ ଯୁକ୍ତ ମିଲେଟ ଲଡୁ ଯାହା ମାଣ୍ଡିଆ, ଗୁଡ ଓ ବାଦାମ ମିଶ୍ରିତ ତାହା ମଧ୍ୟ ଆଜିଠାରୁ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀ ମାନଙ୍କୁ ଦିଆଯାଇଛି । ଯାହାକୁ ନେଇ ଛାତ୍ର ଛାତ୍ରୀ ମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ ସମେତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ମିଲେଟ ଲଡୁ ଦିଆଯାଇଛି ।

# ଜିଲ୍ଲାସ୍ତରୀୟ ୯୦ତମ ଓଡିଶା ଦିବସ ପାଳିତ



ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାସ୍ତରୀୟ ୯୦ତମ ଓଡିଶା ଦିବସ ପାଳିତ ହୋଇଯାଇଛି। ସକାଳ ୬ ଘଟିକା ସମୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ସହରରେ ଥିବା ସମସ୍ତ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସହରର ଜନସାଧାରଣଙ୍କ ସହଯୋଗରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ମଧ୍ୟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଶୋଭାଯାତ୍ରାକୁ ଅଧିକ ଆକର୍ଷଣ କରିବା ପାଇଁ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିରବାଦ୍ୟ ଓ ପାଇକ ଆଖଡ଼ା କଳା ପ୍ରଦର୍ଶନ ଦେଖାଇ ସହର ପରିକ୍ରମା କରଯାଇଥିଲା। ଏହି ଶୋଭାଯାତ୍ରା ଜିଲ୍ଲାପାଳ ବିଜୟ କୁମାର ଦାଶ, ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଗଜପତ, ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌରପରିଷଦ, ପାରଳାଖେମୁଣ୍ଡି, ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତିରେ ଥିଲେ। ପରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ସ୍ଥାନୀୟ ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଓଡ଼ିଆ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଉକ୍ତ ସ୍ଥାନରେ ଏକ ସାଧାରଣ ସଭା ଓ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ଦାଶରଥି ଗମାଙ୍ଗ, ନିର୍ମଳା ସେଠୀ, ରାଜେନ୍ଦ୍ର ମିଞ୍ଜ, ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଶଙ୍କର କେରକେଟା ପ୍ରମୁଖ ୧୯୩୬ ମସିହା ଅପ୍ରେଲ ୧ ତାରିଖ ଆଜିର ଦିନରେ ସମସ୍ତ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ ଏବଂ ମହାରାଜ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଓଡ଼ିଶା ପ୍ରଦେଶ ଗଠନ କରିବା ମୁଖ୍ୟ ଭୂମିକା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ, ଉତ୍କଳ ହିତୈଷିଣୀ ସମାଜ, ପାରଳାଖେମୁଣ୍ଡି ଯୋଗଦେଇ ଭାଷା ଭିତ୍ତିରେ ଓଡିଶା ପ୍ରଦେଶ ସମଗ୍ର ଦେଶର ପ୍ରଥମ ରାଜ୍ୟ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରଚେଷ୍ଟାରେ ଶେଷରେ ସଫଳ ହୋଇଥିଲା । ୧୯୩୬ ମସିହା ଅପ୍ରେଲ ୧ ତାରିଖ ଆଜିର ଦିନରେ ସମସ୍ତ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ ବୋଲି ମୁଖ୍ୟବକ୍ତା ଶ୍ରୀଯୁକ୍ତ ମହାପାତ୍ର ବକ୍ତବ୍ୟ ରଖିଥିଲେ । ପବିତ୍ର ଓଡିଶା ଦିବସ ଅବସରରେ ଅଲେଖ ରଞ୍ଜନ ମହାକୁଡ଼ଙ୍କୁ ୨୦୨୨ ବ୍ୟାଚର ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବରେ କୃତକାର୍ଯ୍ୟ ହୋଇଥିବାରୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓଡିଶା ଦିବସ ଅବସରରେ ପାରଳାଖେମୁଣ୍ଡି ସହରର ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଧାନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଥମ ଦିନ ଉତ୍ସବ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ପବିତ୍ର ଉତ୍କଳଦିବସରେ ପ୍ରଥମ ଦିବସ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଆଟଲ୍ ଲିଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ପରିଚାଳନା ସମିତି କୋଷାଧକ୍ଷ ତ୍ରିଲୋଚନ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିହାସ ସମ୍ପର୍କେ ଆଲୋକପାତ କରିଥିଲେ। ପ୍ରଥମ ଦିନ ଉତ୍ସବ ଅବସରରେ ହୋମ କାର୍ଯ୍ୟ ପୂର୍ବକ ନୂତନ ଶିକ୍ଷାବର୍ଷର କାର୍ଯ୍ୟାରମ୍ଭ ହୋଇଥିଲା । ଏଥିରେ ହୋମକର୍ତ୍ତା ଭାବେ ଭଜରାମ ଜେନା ଯୋଗ ଦେଇଥିଲେ । ଏ ଅବସରରେ ଶିଶୁବାଟିକା ପକ୍ଷରୁ ଶିଶୁ ଭାଇ ଓ ଭଉଣୀ ମାନଙ୍କୁ ନେଇ ବିଭିନ୍ନ ଆନନ୍ଦମୟ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଗୁରୁମା ତେଜସ୍ୱିନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ କାଳରେ ଛାତ୍ରୀ ଆଦ୍ୟାଶା ରାଣୀ ଡାକୁଆ ଶାନ୍ତି ପାଠ ସହ ରାଷ୍ଟ୍ର ଗାନ ପରିବେଷଣ କରିଥିବା ବେଳେ ପରିଶେଷରେ ଗୁରୁମା ହରପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଧରାକୋଟରେ ଉତ୍କଳ ଦିବସ

ଧରାକୋଟ, (ସବ୍ୟୁ): ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ୯୦ତମ ଉତ୍କଳ ଦିବସ ପାଳନ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସୁରେଶ ପତ୍ର ପରିଚାଳନା କରିଥିବାବେଳେ ଅତିଥି ଭାବରେ ଧରାକୋଟ ପ୍ରେସ କ୍ଲବର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ହୃଦାନନ୍ଦ ଜେନା, ଶିକ୍ଷକ ବିଧୁ ଭୂଷଣ ରାଉତ, ଅନିଲ ନାୟକ, ଗଣପତି ଗମାଙ୍ଗ ଓ ଅଜିତ ନାୟକ ଉପସ୍ଥିତ ରହି ସ୍ବତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ତ୍ୟାଗପୂତ ଅବଦାନ ରହିଥିବା ମହାନ ଜନନାୟକଙ୍କ ସ୍ମୃତି ଚାରଣ ସହ ଉତ୍କଳର ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନୀ ଓଡ଼ିଆ ଭାବରେ ପରିଚୟ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷୟତ୍ରୀ ପ୍ରୀତି ପ୍ରିୟା ପାଣିଗ୍ରାହୀ, ଶ୍ୱେତାଲି ପାତ୍ର, ଦମୟନ୍ତୀ ଦାସ, ସୁପର୍ଣା ପ୍ରଧାନ, ପାର୍ବତୀ ମୁଣ୍ଡାରୀଙ୍କ ସମେତ ସମସ୍ତ କର୍ମଚାରୀ ସହଜୋଗ ପ୍ରଦାନ କରିଥିଲେ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁସଗୁମାରେ ଅଧ୍ୟକ୍ଷ ରଜନୀକାନ୍ତ ସାହୁଙ୍କ ସଭାପତିତ୍ୱରେ ପାଳନ କରାଯାଇଥିବା ଉତ୍କଳ ଦିବସ କାର୍ଯ୍ୟକ୍ରମରେ ଶିକ୍ଷକ ଅଜୟ ଛାଟୋଇ, ଜଗଦୀଶ ଚନ୍ଦ୍ର ମୁନି, ଅଶ୍ୱିନୀ କୁମାର ସାହୁ, ଅପରାଜିତା ମହାରଣା ପ୍ରମୁଖ ଉପସ୍ଥିତ ରହି ମହାନ ଜନନାୟକ ମାନଙ୍କ ସ୍ମୃତି ଚାରଣ କରିଥିଲେ । ଧରାକୋଟ ବ୍ଲକର ସମସ୍ତ ବିଦ୍ୟାଳୟରେ ମଧ୍ୟ ଉତ୍କଳ ଦିବସ ପାଳନ ହୋଇଯାଇଛି ।

## ବିଜେଡି ପକ୍ଷରୁ ଓଡିଶା ଦିବସ ପାଳନ

ଛତ୍ରପୁର, (ସବ୍ୟୁ): ଏପ୍ରିଲ ୧ କୁ ଓଡିଶା ଦିବସକୁ ରାଜ୍ୟବ୍ୟାପୀ ପାଳନ କରିଛି ବିଜୁ ଜନତା ଦଳ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମୁଖ୍ୟ ପୁରୋଧା ଅକ୍ଳାନ୍ତ ପରିଶ୍ରମ ତ୍ୟାଗ ରହିଛି ଯାହାଙ୍କ ପାଇଁ ୧୯୩୬ ମସିହା ଏପ୍ରିଲ୧ ରେ ସ୍ବତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇପାରିଛି। ସେହି ବରପୁତ୍ରମାନଙ୍କର ସଂଘର୍ଷ, ତ୍ୟାଗ ବଳିଦାନ ସଦା ସ୍ମରଣୀୟ ବୋଲି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଛତ୍ରପୁର ନିର୍ବାଚନି ମଣ୍ଡଳୀ ବିଜେଡି ପକ୍ଷରୁ ଛତ୍ରପୁର ଠାରେ ଓଡିଶା ଦିବସ ପାଳନ ହୋଇଯାଇଛି । ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା । ଛତ୍ରପୁର ଭିଆଇପି ରୋଡରେ ଥିବା ବରପୁତ୍ରମାନଙ୍କରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଏହି ଦିବସର ମହତ୍ୱ ଏବଂ ପ୍ରତ୍ୟେକ ଓଡିଶାବାସୀଙ୍କ ପାଇଁ ଚିର ସ୍ମରଣୀୟ ଦିବସ ହୋଇଥିବାରୁ ଏହାକୁ ଓଡିଶା ଦିବସ ରୂପେ ପାଳନ କରାଯାଉଛି ବୋଲି ନେତାମାନେ କହିଥିଲେ । ପରେ ସେଠାରୁ ଏକ ରାଲି ବାହାରି ଛତ୍ରପୁର ଲୋୟର ବସଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତିରେ ମଧ୍ୟ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଏନଏସି ଉପାଧକ୍ଷ ଉପାଧକ୍ଷ ଜି.ପାପା ରାଓ, ବିଜେଡି ନଗର ସଭାପତି ବି.ରାଜି ବାବୁ, ଉପନଗର ସଭାପତି ଅଟଳ ବିହାରୀ ପଟ୍ଟନାୟକ, ବିଜେଡି ବ୍ଲକ ସଭାପତି ପ୍ରବାସି ପ୍ରଧାନ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ,ଟି.ଚନ୍ଦ୍ର ଶେଖର ରାଓ, ସୁରେଶ ଦାଶ, କିଶୋର ବେହେରା, କାହ୍ନୁ ଚରଣ ବେହେରା, ଭୈରବ ପଟ୍ଟନାୟକ,ଶରତ ଖୁଣ୍ଟିଆଙ୍କ ସମେତ ବିଜେଡି ବହୁ କର୍ମୀମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାଲପକାଇ ମାଛ ଧରିବା ପରେ ନଦୀରେ ନିଖୋଜ ମତ୍ସ୍ୟଜୀବୀ

ମହାକାଳପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗରର ୬ଜଣ ମତ୍ସ୍ୟଜୀବି ସାଥି ହୋଇ ନଦୀକୁ ଭଉଁରୀ ଜାଲ ପକାଇ ମାଛ ଧରିବାକୁ ଯାଇଥିଲେ । ମତ୍ସ୍ୟଜୀବି ବାପି ମଣ୍ଡଳ, ପ୍ରଭାସ ମଣ୍ଡଳ, ହିରଣ୍ୟ ସରକାର, ଗୋବିନ୍ଦ ମଣ୍ଡଳ,ତାପସ ମଣ୍ଡଳ ଓ ତାଙ୍କ ଶଳା ବୋଲି ସ୍ଥାନୀୟ ଲୋକେ କହନ୍ତି । ପ୍ରତ୍ୟେକ ଦିନ ପରି ମଙ୍ଗଳବାର ଦିନ ସାଥି ହୋଇ ମାଛ ଧରିବା ପରେ ଖରିନାସି ଓ ମହାନଦୀର ସଙ୍ଗମ ସ୍ଥଳୀରେ ଗାଧେଇବା ବେଳେ ନଦୀ ସ୍ରୋତରେ ଭାସି ଯାଇଥିଲେ । ସାଥି ମାଛ ଧରାଳି ୫ଜଣ ଖରିନାସି ନଦୀରେ ଭାସି ଯାଇ ଟୁବି ପଟରେ ଲାଗିଥିବା ବେଳେ ଦୁର୍ଭାଗ୍ୟ ବଶତଃ ବାପି ମଣ୍ଡଳ ମହାନଦୀ ଗର୍ଭକୁ ଭାସି ଯାଇଥିବାର ଅନୁମାନ କରାଯାଉଛି । ଦୀର୍ଘ ସମୟ ଧରି ମାଛ ଧରି ପରିବାରକୁ ନଫେରିବାରୁ ଖୋଜାଖୋଜି ଚାଲିଥିଲା । ଖବର ପାଇ ସାଥି ୫ଜଣଙ୍କୁ ପରିବାର ଲୋକେ ଠାବ କରିବା ପରେ ଖବର ଲେଖା ହେବା ପର୍ଯ୍ୟନ୍ତ ବାପି ମଣ୍ଡଳର କୌଣସି ସନ୍ଧାନ ମିଳିପାରିନାହିଁ । ଏନେଇ ଖବର ପାଇଁ ମହାକାଳପଡ଼ା ଅଗ୍ନି ଶମବାହିନୀ ଘଟଣା ସ୍ଥଳରେ ପହଂଚି ନିଖୋଜ ମତ୍ସ୍ୟଜୀବିର ପତ୍ତା ପାଉନଥିବା ବେଳେ ଜମ୍ବୁ ପୋଲିସ ଟିମ ସତର୍କ ଦୃଷ୍ଟି ରଖିଛି । ନଦୀରେ ଭାସି ଯାଇ ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ ପରିବାର ଲୋକେ ଈଶ୍ୱରଙ୍କୁ ରିଷ୍ଟ ଖଣ୍ଡନ ପାଇଁ ଧନ୍ୟବାଦ ଜଣାଇଥିବା ସ୍ଥଳେ ନିଖୋଜ ବ୍ୟକ୍ତିଙ୍କ ପରିବାରରେ କାନ୍ଦ ବୋବାଳି ଫାଟି ପଡୁଛି । ନିଖୋଜ ବାପି ମଣ୍ଡଳଙ୍କ ବଡ଼ ଭାଇ ଅଳ୍ପ କିଛି ଦିନ ତଳେ ଦାଦନ ଖଟିବାକୁ ଯାଇ କାର୍ଯ୍ୟସ୍ଥଳୀରେ ମୃତ୍ୟୁବରଣ କରିଥିବା ସ୍ଥଳେ ଆଜିର ଏହି ଘଟଣା ପରେ ପରିବାର ଲୋକେ ଆଶା ଓ ଆଶଙ୍କାରେ ଅଛନ୍ତି ।

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗୌରବମୟ ଇତିହାସ ଉପରେ ଆଲୋକପାତ

କେନ୍ଦ୍ରାପଡା,(ସବ୍ୟୁ) : ୯୦ତମ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ୩୩ତମ ସ୍ୱତନ୍ତ୍ର ଜିଲ୍ଲା ଗଠନ ସ୍ମୃତି ସମାରୋହ ର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ କେନ୍ଦ୍ରାପଡା ସଦର ମହକୁମା ପୌରସଂସ୍ଥା ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତ୍ରିଭୁବନ ଜୟସିଂହ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଉପ ଜିଲ୍ଲାପାଳ ଅସୋକ କୁମାର ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ଼ଃ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଐତିହାସିକ ପୃଷ୍ଠଭୂମି ଓ ଏଥିପାଇଁ ଦୀର୍ଘ କାଳ ସଂଗ୍ରାମ କରିଥିବା ମନିଷି ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗୌରବମୟ ଇତିହାସ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, କୁଳବୃଦ୍ଧ ମଧୁସୂଦନ ଦାସ ଓ ପାଲା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଭୃତିଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ ପୂର୍ବକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଥିଲା । ଏହି ଅବସର ରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ ସଫଳ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ଥିଲା । ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂହ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ ପୂର୍ବକ ମଂଚ ପରିଚାଳନା କରିଥିଲେ ।

## ୫ ପୋଲିସ କର୍ମଚାରୀଙ୍କୁ ଶ୍ରେଷ୍ଠ ସମ୍ମାନ ପ୍ରଦାନ



ଜଗତସିଂହପୁର,(ସବ୍ୟୁ) ::ଜଗତସିଂହପୁର ପୋଲିସ ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୁନଙ୍ଗ ସ୍ଥିତ ପୋଲିସ ରିଜର୍ଭ ପଡିଆ ଠାରେ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥୀ ଭାବରେ ଆରକ୍ଷୀ ନିରୀକ୍ଷକ ଭବାନୀ ଶଙ୍କର ଉଦଗାତା ଯୋଗ ଦେଇ ଆନୁଷ୍ଠାନିକ ପ୍ୟାରେଡରେ ଅଭିଭାଦନ କରିଥିଲେ ।ଓଡିଶା ପୋଲିସ କର୍ତ୍ତବ୍ୟ ଓ ସେବା କ୍ଷେତ୍ରରେ କାର୍ଯ୍ୟ କରି ସର୍ବଦା ଲୋକମାନଙ୍କର ପ୍ରିୟ ଭାଜନ ହୋଇପାରିଛି ।ସାଧାରଣ ଲୋକମାନଙ୍କ ଧନ ଜୀବନ ସୁରକ୍ଷା ଦେଇ ଆମର ବହୁ ପୋଲିସ ନିଜ ଜୀବନକୁ ଉତ୍ସର୍ଗ କରି ସହିଦ ମଧ ହୋଇଛନ୍ତି । ତେଣୁ ଆଜିର ଏହି ପବିତ୍ର ଦିନରେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କର ଭବିଷ୍ୟତର ମଙ୍ଗଳକାମନା କରିଥିଲେ ।ପରେ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଏସପି ଭବାନୀ ଶଙ୍କର ଉଦଗାତା ପଠନ କରିଥିଲେ ।ଏହି ଅବସରରେ ୫ ଜଣ ପୋଲିସ କର୍ମଚାରୀଙ୍କୁ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ପୋଲିସ ବିଭାଗରେ ଉଲ୍ଲେଖନୀୟ ସେବା ପାଇଁ ଏସଆଇ ଚିନ୍ମୟୀ ରଞ୍ଜନ ପାଣି,ଏଏସଆଇ ଶ୍ୟାମ ସୁନ୍ଦର ସାହୁ,ହାବିଲଦାର ଜଗନ୍ନାଥ ଦାସ,ଶ୍ରେଷ୍ଠ କନେଷ୍ଟବଲ ବୃନ୍ଦାବନ ବିଶ୍ୱାଳଙ୍କୁ ଏସପି ସମ୍ବର୍ଦ୍ଧୀତ କରିଥିଲେ ।ଶେଷରେ ଅତିରିକ୍ତ ଏସପି ସତ୍ୟଜିତ ଦାସ ଧନ୍ୟବାଦ ଦେଇଥିଲେ ।

## ମିନିଉଜ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଉତ୍ତରକୂଳ ପଞ୍ଚାୟତ ମାହାଳ ହାଟ ଛକରେ ମିନିଉଜ ପକ୍ଷରୁ ପବିତ୍ର ଇଦ-ଉଲ-ଫିତର ଉପଲକ୍ଷେ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମିନିଉଜ୍ ଓଡ଼ିଶାର ଅଧକ୍ଷ ଇଜାଜ୍ ଖାଁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ବାବୁଜଙ୍ଗ ପଞ୍ଚାୟତ ସରପଞ୍ଚ ମିଳନ ଭୂୟାଁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ମନୋଜ କୁମାର ନାୟକ, ବିଜୟ ନାୟକ, ଦିଲ୍ଲିପ ବିଶ୍ୱାଳ,ସଂଗ୍ରାମ ସାହାଣୀ,ପ୍ରତାପ ଦାସ,ସାମ୍ବାଦିକ ପ୍ରଫୁଲ୍ଲ ମହାପାତ୍ର,ଅମିତାଭ ମହାପାତ୍ର,ସର୍ବେଶ୍ୱର ସ୍ୱାଇଁ,ବିଶ୍ୱଜିତ୍ ସାହୁ, ବିକ୍ରମ ସାହୁ,ଅବଦୁଲ ବାରି, ହବିବୁଲ ରହେମାନ୍, ବିଧାଂଶୁ ପରିଡ଼ା, ଦୁର୍ଗାପ୍ରସାଦ ଦାସ ଙ୍କ ସମେତ ବହୁ ସାମ୍ବାଦିକ,ସମାଜସେବୀ ଓ ନେତୃବୃନ୍ଦ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ହଜାର ହଜାର ତୃଷାର୍ତ୍ତ ଲୋକଙ୍କୁ ଲେମ୍ବୁ ଦହି ମିଶା ସରବତ ବଣ୍ଟନ କରାଯାଇଥିଲା ।

## ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ ଉଦ୍‌ଘାଟିତ



ଜଗତସିଂହପୁର,(ସବ୍ୟୁ):ଜଗତସିଂହପୁର ଜିଲା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ହେବା ସହ ଜିଲ୍ଲା ମହୋତ୍ସବ କଲ୍ଲୋଳ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଜେ ସୋନାଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଶିକ୍ଷ, ବୈଷୟିକ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ ୧୯୩୬ ମସିହାରେ ଓଡିଶା ଏକ ଭାଷାଭିତ୍ତିକ ରାଜ୍ୟ ଭାବରେ ପରିଗଣିତ ହେଲା । ଆମ ଜିଲ୍ଲାର ସଂସ୍କୃତି, ଐତିହ, ପରମ୍ପରାକୁ ଉଦ୍‌ଜୀବିତ କରିବା ସହିତ ଜିଲ୍ଲାର ଗୌରାଜ୍ଜ୍ୱଳ ଇତିହାସକୁ ମନେପକାଇବା ପାଇଁ ଏହିଭଳି ମହୋତ୍ସବର ଆୟୋଜନ ହୋଇଛି । ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି କ୍ରୀଡା, ସଂସ୍କୃତି, ଶିକ୍ଷା କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲା ସାରା ରାଜ୍ୟରେ ଏକ ଅଗ୍ରଣୀ ଜିଲ୍ଲା ଭାବରେ ପରିଗଣିତ । କୋଣାର୍କ ମନ୍ଦିରର ପୃଷ୍ଠଭୂମି, ଧର୍ମପଦର ଭୂମିକା,ଖାରବେଳଙ୍କ ମୋଗଲ ଆକ୍ରମଣ ଆଦି ଆମ ସାମୁହିକ ଏକତାର ପରିଚୟ ଦେଇଛି । ଏହା ସହିତ ପଠାଣି ସାମନ୍ତଙ୍କ ପାଣ୍ଡିତ୍ୟ ଠାରୁ ଓଡ଼ିଶାର ଉତ୍କର୍ଷ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ସବୁ ତ୍ୟାଗର ପରିଚୟ ପ୍ରଦାନ କରିଥାଏ । ଓଡ଼ିଆ ଅସ୍ମିତାକୁ ଆହୁରି ଉଜ୍ଜୀବିତ କରିବା ସହିତ ଓଡ଼ିଆ ଭାଷାକୁ ଘରେ ଘରେ ପ୍ରାଧାନ୍ୟ ଦେବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ସମ୍ମାନନୀୟ ଅତିଥି ଭାବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ,ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲାପରିଷଦ ଅଧକ୍ଷ ମନୋଜ ଭୋଇ, ପୌରାଧକ୍ଷ ଅର୍ଚ୍ଚନା ସିଂହ ଓ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଜିଲାର ଐତିହ ,ପରମ୍ପରା ଓ ଗୌରବର ଗାଥା ବାବଦରେ ଆଲୋକପାତ କରିଥିଲେ । ୧ତାରିଖ ଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଖାଦ୍ୟ ମେଳା ଓ ପଲିଶ୍ରୀ ମେଳାର ଆୟୋଜନ ହୋଇଛି ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହ

ଜଗତସିଂହପୁର,(ସବ୍ୟୁ) :ଜଗତସିଂହପୁର ସଦର ମହକୁମା ଠାରେ ଜିଲ୍ଲା ସ୍ତରୀୟ ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଜେ ସୋନାଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥୀ ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ ଓଡିଆ ଭାଷା ଓ ସଂସ୍କୃତି ବିଶ୍ୱ ବିଦିତ କହିଥିଲେ ।ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବାରେ ଯେଉଁ ମହାମିନିଷିମାନେ ନିଜର ବଳିଦାନ ଦେଇଛନ୍ତି ସେମାନେ ଯୁଗ ଯୁଗକୁ ଅବିସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ ।୧୯୨୦ ମସିହା ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ଓ ଓଡିଆ ଭାଷା ଆନ୍ଦୋଳନକୁ ଆଗେଇ ନେବାରେ ଯେଉଁମାନେ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ ସେମାନେ ହେଉଛନ୍ତି ଏଇ ଜଗତସିଂହପୁର ମାଟିର ବୀର ସନ୍ତାନ ।ତେଣୁ ଏହି ମାଟି ଚିର ନମସ୍ୟ ।ଓଡିଶାର ଆତିଥେୟତା ଓ କଳା ସଂସ୍କୃତି ମହାନ ।ଆମ ସଂସ୍କୃତିକୁ ବାହାର ଦେଶର ଲୋକେ ମାନୁଥିବା ବେଳେ ଆମେ ଏହାକୁ ଉଦ୍‌ଯିବିତ କରି ରଖିବା ଆବଶ୍ୟକ ।ଓଡିଆ ମାନଙ୍କର ସ୍ୱପ୍ନ ଅଧୁରା ।ଶିକ୍ଷା,ଅର୍ଥନିତୀ ଓ ଅନ୍ୟାନ୍ୟ କ୍ଷେତ୍ରରେ ଓଡିଆମାନଙ୍କର ଭାଗୀଦାରିତା କମ ନୁହେଁ ।ଓଡିଆମାନେ ଓଡିଶା ପାଇଁ ଦଳମତ ନିର୍ବୀଶେଷରେ କାମ କରିବା ଦରକାର ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ପିତ ରାଉତ ଓ ଜ୍ୟୋତି ଶଙ୍କର ରାୟ,ପୌରାଧକ୍ଷା ଅର୍ଚ୍ଚନା ସିଂହ ,ଜିଲ୍ଲା ସୁଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଚି ତନୟା ମହାନ୍ତି,ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସ ପାଳନ ବାବଦରେ ଆଲୋକପାତ କରିଥିଲେ ।

## ହେଲପିଙ୍ଗ ହାଣ୍ଡସ ପକ୍ଷରୁ ରକ୍ତଦାନ ଶିବିର

କୁଆଖିଆ ,(ସବ୍ୟୁ) : ହେଲପିଙ୍ଗ ହାଣ୍ଡସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଚଳିତ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ ରଖି ଯାଜପୁର ଜିଲ୍ଲାର ହେଲପିଙ୍ଗ ହାଣ୍ଡସ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିୟମିତ ଭାବେ ରକ୍ତଦାନ ଶିବିରମାନ ଆୟୋଜନ କରାଯାଉଛି । ଏହି କ୍ରମରେ ଆଜି ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ) ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଚଣ୍ଡ ଖରା ଯୋଗୁଁ ବର୍ତ୍ତମାନ ପରିସ୍ଥିତିରେ ରକ୍ତ ଭଣ୍ଡାର ମାନଙ୍କରେ ରକ୍ତର ଘୋର ଅଭାବ ଦେଖା ଦେଇଛି । ଏହାକୁ ଲକ୍ଷ୍ୟ ରଖି ଯାଜପୁର ମୁଖ୍ୟ ଚିକିତ୍ସା ଅଧିକାରୀ ବିଗତ ବର୍ଷ ମାନଙ୍କରେ ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ଅଗ୍ରଣୀ ହେଲପିଙ୍ଗ ହାଣ୍ଡସ ସମେତ କେତେକ ଅଗ୍ରଣୀ ଅନୁଷ୍ଠାନ ମାନଙ୍କୁ ରକ୍ତଦାନ ଶିବିର ଆୟୋଜନ କରିବାକୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ । ଏହି କ୍ରମରେ ଆଜି ହେଲପିଙ୍ଗ ହାଣ୍ଡସ ତରଫରୁ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ଶିବିରକୁ ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ହିମାଂଶୁ କୁମାର ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସମାଜସେବୀ ବସନ୍ତ ସାହୁ, ଫାର୍ମାସିଷ୍ଟ ଅମରେଶ ଦାଶ , ବ୍ଲଡ଼ ବ୍ୟାଙ୍କ ଅଧିକାରୀ ପାର୍ଥସାରଥୀ ପୁହାନ ଏବଂ ଡାକ୍ତର ଖାନାର ସମସ୍ତ କର୍ମଚାରୀ ସମେତ ହେଲପିଙ୍ଗ ହାଣ୍ଡସର ଶତାଧିକ ସଦସ୍ୟ ମାନେ ଯୋଗଦାନ କରିଥିଲେ । ଏହି ସଭାରେ ଜିଲ୍ଲାରେ ରକ୍ତଦାନ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ବ୍ଲଡ଼ କିଙ୍ଗ ଭାବେ ପରିଚିତ ଗଣେଶ ସାହୁ , ହେଲପିଙ୍ଗ ହାଣ୍ଡସର ରକ୍ତ ବିଭାଗର ସଚିବ ଉମେଶ ସାହୁ ଏବଂ ଅନୁଷ୍ଠାନର ୫୭ ଥର ରକ୍ତଦାନ କରିଥିବା ରକ୍ତବୀର ଗୋପାଳ ସାମଲଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ, ଅଭିମନ୍ୟୁ ନାୟକ,ଉମେଶ ସାହୁ, ଚିନ୍ମୟୀ ମହାନ୍ତି, ପ୍ରତିଭା ନାୟକ, ଜ୍ଞାନପ୍ରଭା ସାମଲ ,ସଂଗୀତା ସାହୁ, ଶୁଭଲକ୍ଷ୍ମୀ ଦାସ, ସମେତ ଶତାଧିକ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଯୁବକମାନେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ତରାପୁରସ୍ଥିତ କେଶସ୍ତୁପ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଛୋଟ ମୋର ଗାଁଟି ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଦେବବ୍ରତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯାଜପୁର ସାଂସଦଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ଯୁବକମାନେ ଏକତ୍ରିତ ହୋଇ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସର୍ବୋଦୟ ମଣ୍ଡଳ ଯାଜପୁର ଜିଲ୍ଲା ସଭାପତି ରାମଚନ୍ଦ୍ର ଶୁକ୍ଳ ମୁଖ୍ୟ ଅତିଥି ଯୋଗଦେଇ ଉତ୍କଳରେ ସଢେଇକଳା ଓ ଖରସୁଆଁ ଜିଲ୍ଲାକୁ ମିଶ୍ରଣ କରିବାକୁ ଦାବି କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ରାଧାଶ୍ୟାମ ସାହୁ ଓ ଦୁର୍ଗାପ୍ରସନ୍ନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ଦିବସ ସଂପର୍କରେ ଆଲୋକପାତ କରିଥିଲେ। ଅତିଥି ଅଧ୍ୟାପକ ସୌଭାଗ୍ୟ କୁମାର ରାଉତ ଅତିଥି ପରିଚୟ ସହ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କବି ଜୟନ୍ତୀ ଓଝା ଓ ଦେବେନ୍ଦ୍ର ପଟ୍ଟନାୟକ ଉତ୍କଳ ଦିବସ ଉପରେ କବିତା ପାଠ କରିଥିଲେ। ସାମ୍ବାଦିକ ଶଙ୍କର ପ୍ରତାପ ଦାସ, ମାନସ ରାଉତ,ଶୁଭକାନ୍ତ ନାୟକ ଓ ଅଖିଳ କୁମାର ସ୍ୱାଇଁ, ବିନୋଦ ବିହାରୀ ସାହୁ, ଯୁବ ସଂଗଠକ ଦିବ୍ୟଜ୍ୟୋତି ସାମଲ,ଶ୍ରୀମନ୍ତ ପାତ୍ର, ବଦ୍ରିନାରାୟଣ ଜେନା, ଅମୂଲ୍ୟ ଭୂୟାଁ, ଧର୍ମେନ୍ଦ୍ର ମଲ୍ଲ, ରବି ନାରାୟଣ ମହାପାତ୍ର, ଧିରେନ ନାୟକ, ମିହିର କର ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ଇତିହାସ ଉପରେ ଆଲୋଚନା କରିଥିଲେ। ସଙ୍ଗଠକ ରାଜେନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

## ତାଲୁକସ୍ତରୀୟ ଆଇନ ସଚେତନତା

ମାହାଙ୍ଗା ,(ସବ୍ୟୁ) :ମାହାଙ୍ଗା ବ୍ଲକର କରୁଜଙ୍ଗା ଗ୍ରାମପଂଚାୟତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ତାଲୁକସ୍ତରୀୟ ଆଇନସେବା ପ୍ରାଧିକରଣ ସାଲେପୁର ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଇନସେବା ପ୍ରାଧିକରଣ ସାଲେପୁର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ସରୋଜ କୁମାର ଦାଶ ଯୋଗଦାନ କରି ମହିଳାମାନଙ୍କ ସୁରକ୍ଷା ସମ୍ବନ୍ଧିୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସିଭିଲ୍ ଜଜ ମଳୟ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବି ବିଜୟ କେତନ ନାୟକ, ଅମରେନ୍ଦ୍ର ନାରାୟଣ ଦାଶ, ସରକାରୀ ଓକିଲ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ, ଘରୋଇ ହିଂସା, ଲିଙ୍ଗଗତ ବିଭେଦତା, ଯୌତୁକ ନିର୍ଯ୍ୟାତନା ଓ ମହିଳାମାନଙ୍କ ସୁରକ୍ଷାକୁ ନେଇ ରହିଥିବା ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦିଗ ଉପରେ ବିଶଦ୍ ଆଲୋଚନା କରିଥିଲେ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକ ବେଲପାଳସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟା କେନ୍ଦ୍ରର ଚର୍ତୁଦଶ ତମ ବାର୍ଷିକ କ୍ରୀଡା ଓ ସଂସ୍କୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସର ପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗରର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗଦେଇ ପରମ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ଶିକ୍ଷା କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ୟୁ. କେ. ମହାବୀର ମହାବିଦ୍ୟାଳୟ ମଦନପୁରର ଇଂରାଜୀ ଅଧାପକ ଶୁଭକାନ୍ତ ନାୟକ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଆଳି ଓ ରାଜକନିକାର ବ୍ଲକ ଶିକ୍ଷା ଅଧିକାରୀ ନଳିନୀ କାନ୍ତ ରାଉତରାୟ , ଅବସରପ୍ରାପ୍ତ ଶିକ୍ଷକ ଅଧିକାରୀ ସ୍ୱାଇଁ, ଓସ୍ତିଆର ପୂର୍ବତନ ସରପଞ୍ଚ ପତିତପାବନ ପଣ୍ଡା, ଆମ୍ଭ ର ସଭାପତି ଗୋବର୍ଦ୍ଧନ ପ୍ରଧାନ, ଯୁବ ନେତା ନରେନ୍ଦ୍ର ସ୍ୱାଇଁ , ପୂର୍ବତନ ସରପଞ୍ଚ କୈଳାଶ ପରିଡା ପ୍ରମୁଖ ଯୋଗଦେଇଥିଲେ । କବି ଶାନ୍ତନୁ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷାକେନ୍ଦ୍ରର ଅଧକ୍ଷ ପର୍ଶୁରାମ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଉପଢୌକନ ପ୍ରଦାନ କରାଯାଇଥିଲା । ଶିକ୍ଷା କେନ୍ଦ୍ରର ଗୁରୁମା କଲ୍ୟାଣୀ ସ୍ୱାଇଁ, ବିଳାସିନୀ ସ୍ୱାଇଁ, ପ୍ରୀତି ତରଙ୍ଗିନୀ ଭାଗ୍ୟଶ୍ରୀ ସ୍ୱାଇଁ, ବିଶ୍ୱକଲ୍ୟାଣୀ ମହାନ୍ତି, ପ୍ରଭାତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷା କେନ୍ଦ୍ରର କୁନି କୁନି ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ନୃତ୍ୟ ପରିବେଷଣ କରଯାଇଥିଲା।

## ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ୍ ଜୁବୁଲି ପାଇଁ ବୈଠକ

ବିଂଝାରପୁର ,(ସବ୍ୟୁ) :ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ବିନୋଦ ବିହାରୀ ହାଇସ୍କୁଲର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନଙ୍କ ମଧ୍ୟରୁ ବରିଷ୍ଠ ପୁରାତନ ଛାତ୍ର ନରେନ୍ଦ୍ର କୁମାର ସାହୁଙ୍କୁ ସଭାପତିତ୍ୱ କରିବା ପାଇଁ ପୁରାତନ ଛାତ୍ର କୈଳଛସ ଚନ୍ଦ୍ର ଜେନା ପ୍ରସ୍ତାବ ରଖିଥିଲେ ଓ ଏହାକୁ ଶ୍ରୀ ସୁଧୀର ଭୂୟାଁ ସମର୍ଥନ କରିଥିଲେ । ଆଗାମୀ ଦିନରେ ଏହି ଯୁବୁଲୀକୁ ମହାଆଡ଼ମ୍ବରରେ ପାଳନ କରିବାକୁ ସମସ୍ତ ଛାତ୍ର ପ୍ରସ୍ତାବ ରଖିଥିଲେ । ୧୯୫୦ ମସିହାରୁ ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥିବା ସମସ୍ତ ଛାତ୍ରଛାତ୍ରି ମାନଙ୍କର ନାମ ତାଲିକା ବିଦ୍ୟାଳୟରୁ ସଂଗ୍ରହ କରିବା ପାଇଁ କୈଳାସ ଜେନା ଓ ସୁଧୀର ଭୂୟାଁ ଙ୍କୁ ଦାଇତ୍ୱ ଦିଆଯାଇଥିଲା । ଆଗାମୀ ବୈଠକ ଏପ୍ରିଲ ମାସ ୨୭ ତାରିଖକୁ ଧାର୍ଯ୍ୟ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସର୍ବଶ୍ରୀ ନିରଂଜନ ସାହୁ,ବିଜନ କୁମାର ସାହୁ, ମଳୟ ନାୟକ,ସୂର୍ଯ୍ୟମଣି ମହାନ୍ତି, ସୁନି୍ କୁମାର ସାହୁ,ସୁଶାନ୍ତ ବାରିକ, ଗନେଶ୍ ସାହୁ,କାର୍ତ୍ତିକ ସାହୁ ଯୋଗ ଦେଇଥିଲେ ।

## ଉଦୀୟମାନ ପକ୍ଷରୁ ରକ୍ତଦାନ ଶିବିର : ୭୨ ୟୁନିଟ ସଂଗ୍ରହ



ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ଆଜି ପବିତ୍ର ଉତ୍କଳ ଦିବସ ଅବସରରେ ଚଣ୍ଡିଖୋଲ ସ୍ଥିତ ଡିୟୁ ପବ୍ଲିକ ସ୍କୁଲ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଶିବିରରେ ୭୨ ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ସମ୍ପାଦକ ଅନୀଲକୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଶିବିରରକୁ ଡିୟୁ ସ୍କୁଲର ଚେୟାରମ୍ୟାନ ବିଶ୍ୱଜିତ ମହାପାତ୍ର ଉଦଘାଟନ କରିଥିଲ । ମୁଖ୍ୟଅତିଥି ଭାବେ ଦର୍ପଣ ଅତିରିକ୍ତ ତହସିଲଦାର ଗଗନବିହାରୀ ଦାଶ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ପ୍ରମାଣପତ୍ର ଓ ଚାରା ବଣ୍ଟନ କରିଥିଲେ । ଏଥିରେ ଶିକ୍ଷାବୀତ କାହ୍ନୁଚରଣ ସାହୁ, ଉଦୀୟମାନର ସଭାପତି ଅବିନାଶ ଜେନା,ଅନନ୍ତ ପ୍ରସାଦ ମାହାଲା,ସମାଜସେବୀକା ଅରୁଣୀ ନନ୍ଦ, ଗାୟତ୍ରୀ ରାଉତ,ଆକାଶକୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କଟକ ସେଣ୍ଟ୍ରାଲ ରେଡ଼କ୍ରସ୍‌ର ଡାକ୍ତର ସତ୍ୟପ୍ରକାଶ ରାଏ,ଅବିନାଶ ଦାଶ , ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ସ୍ୱେଚ୍ଛାସେବୀ ଆଶୁତୋଷ ଦେବିପ୍ରସାଦ ରାଉତ,ଗୌରାଙ୍ଗ ସାହୁ,ପ୍ରତାପ ଚନ୍ଦ୍ର ଦାସ, ସୁକାନ୍ତ କୁମାର ମହାପାତ୍ର,ବେଣୁଧର ପ୍ରଧାନ,ପାର୍ବତୀ ସାହୁ, ବିଷ୍ଣୁପ୍ରିୟା ମହାନ୍ତି,ମଧୁମିତା ଜେନା,ଇତିଶ୍ରୀ ପରିଡ଼ା, ମାନସୀ ଦାଶ, ମୋନାଲିସା ପ୍ରଧାନ,ସେଷାଶ୍ରୀ ସାମନ୍ତରାୟ,ଜମୁନା ଜେନା, ମମତା ରାଉତ, ଜ୍ଞାନ ରଂଜନ ଦାଶ ,ଅନିଲ କୁମାର ପାତ୍ର, ଅନନ୍ତ ପ୍ରସାଦ ଦାସ୍ , ରଂଜନ କୁମାର ଜେନା , ରାକେଶ ଦାସ, ସାଗର ପ୍ରସାଦ ଦାସ ,ପ୍ରଭୁଦତ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ କାର୍ତ୍ତିକ ଚନ୍ଦ୍ର ଜେନା ସମସ୍ତ ଅତିଥି ଓ ରକ୍ତଦାତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଲିସ ପ୍ରତିଷ୍ଠା ଦିବସରେ ଯାଜପୁର ଜିଲ୍ଲାରୁ ୫ ସମ୍ବର୍ଦ୍ଧିତ

ପାଣିକୋଇଲ,(ସବ୍ୟୁ) :୯୦ତମ ଓଡିଶା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ପାଣିକୋଇଲି ପୁଲିସ ମୁଖ୍ୟାଳୟର ରିର୍ଜ୍ଜଭ ପୁଲିସ ପଡିଆରେ ମହାସମାରୋହରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲ୍ଲା ଆରକ୍ଷି ଅଧିକ୍ଷକ ୟସ ପ୍ରତାପ ଶ୍ରୀମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ । ପରେ ପୁଲିସ କିପରି ଶୃଙ୍ଖଳିତ ହୋଇ ଜନସାଧାରଣଙ୍କ ସେବା କରିପାରିବ ଓ ନିଜେ ନିଜକୁ କିପରି ଢଙ୍ଗରେ ଜନସାଧାରଣଙ୍କ ଆଗରେ ପ୍ରତିପାଦିତ କରିପାରିବ ଏବଂ ପ୍ରାଣବଳୀ ଦେଇଥିବା ଜବାନଙ୍କୁ ଶ୍ରଦ୍ଧାଜଂଳୀ ନେଇ ବାର୍ତ୍ତା ଦେଇଥିଲେ । ଏହି ଅବସରରେ ଜିଲ୍ଲା ପୁଲିସରେ କର୍ତବ୍ୟରତ ଶ୍ରେଷ୍ଠ ସବଇନ୍ସପେକ୍ଟର ଭାବେ ମଙ୍ଗଳପୁର ଥାନାର ବିଭୂତି ଭୂଷଣ ମହାପାତ୍ର ଶ୍ରେଷ୍ଠ ଏଏସଆଇ ବିଂଝାରପୁର ଥାନାର ସସ୍ମିତା ମଂଗରାଜ, ଶ୍ରେଷ୍ଠ ହାବିଲଦାର ଭାବେ କୋରେଇ ଥାନାର ସୁଦର୍ଶନ ସେଠୀ, ଶ୍ରେଷ୍ଠ କନେଷ୍ଟବଳ ଭାବେ ଯାଜପୁରରୋଡ ଥାନାର ଦୀପକ କୁମାର ତ୍ରିପାଠୀ, ଶ୍ରେଷ୍ଠ ଏପିଆର କନେଷ୍ଟବଳ ହେଡକ୍ୱାରର ପ୍ରକାଶ କୁମାର ସାହୁଙ୍କୁ ଏସପି ମାନପତ୍ର, ପୁଷ୍ପଗୁଚ୍ଛ ଓ ଆର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅତିରିକ୍ତ ଏସପି ଅନିରୁଦ୍ଧ ରାଉତରାୟ ମାନପତ୍ର ପଠନ କରିଥିଲେ । ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଏସପି (ଡିଆଇବି) ପୁଷ୍ପଲତା ବାରିକ,ରିର୍ଜ୍ଜଭ ଇନ୍ସପେକ୍ଟର ଦିନେଶ କୁମାର ସାହୁ, ସରଜେଂଟ ଭାଗିରଥି ବେହେରା ଓ ମନୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ , ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି, କୁଆଖିଆ ଥାନାଧିକାରୀ ଚିନ୍ମୟୀ ସାହୁ, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଯାଜପୁରରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ପୁଲିସ ପଦାଧିକାରୀ ଓ ବିଭିନ୍ନ ଥାନାଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ଦଶମ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ସାଲେପୁରଁ,(ସବ୍ୟୁ) :ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ଦଶମ ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ସମାରୋହ ଉଦଯାପିତ ହୋଇଯାଇଛି । ଆଜି ସକାଳୁ ସାଲେପୁର ଠାରୁ ମଧୁବାବୁ ସ୍ୱାଭିମାନ ରାଲି ସାଲେପୁର ଥାନା ଆଇଆଇସି ଅନିତା ସାହୁ ପତକା ଦେଖାଇ ଆରମ୍ଭ କରିଥିଲେ । ଏହା ପରେ ସାମ୍ବାଦିକ ମାନେ ରାଲିରେ ଯାଇ ସତ୍ୟଭାମାପୁର ସ୍ଥିତ ମଧୁବାବୁଙ୍କ ଜନ୍ମପୀଠ ଏକ୍ତୁଡ଼ିଶାଳରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରୁ ମଶାଲ ଆଣି ସାଲେପୁରରେ ରଖାଯାଇଥିଲା । ସନ୍ଧ୍ୟାରେ ମାଛୁଆତି ଠାରୁ ବିଭିନ୍ନ ବାଦ୍ୟଯନ୍ତ୍ର, କାର୍ଟୁନ ଡ୍ୟାନ୍ସ, ସିଙ୍ଗ ବାଜା ଓ ଘଣ୍ଟ ସହିତ ଏକ ଶୋଭାଯାତ୍ରା ଆସି ସଭା ସ୍ଥଳରେ ପହଞ୍ଚି ଥିଲା । ସାଲେପୁର ହାଇସ୍କୁଲ ଖେଳ ପଡିଆରେ ସଂଘ ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟବକ୍ତା ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଶିଷ୍ଟ ଅତିଥି ରୂପେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ସମ୍ମାନିତ ଅତିଥି ରୂପେ ବିଜେପି ନେତା ଅରିନ୍ଦମ ରାୟ ଯୋଗ ଦେଇ ସାମ୍ବାଦିକ ମାନେ ଏକତ୍ରିତ ହୋଇ ଏଭଳି ଉତ୍କଳ ଦିବସ ପାଳନ କରୁଥିବାରୁ ସେମାନଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ ହବ ବୋଲି ପ୍ରକାଶ କରିଥିଲେ । ସଂଘ ର କାର୍ଯ୍ୟକାରୀ ସଭାପତି ଶାରଦା ପ୍ରସନ୍ନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ହୃଷିକେଶ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମହା ସଚିବ ମନୋଜ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।ଛମା ବରୁଣେଇ ପାଇକ ସଂଘ ଖୋର୍ଦ୍ଧା ଓ ଇରା ମହାନ୍ତି ଓ ସାଥି ଏବଂ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଆତସବାଜି କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ପ୍ରତିଯୋଗିତାରେ କୃତିତ୍ୱ ହାଶଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ କୁ ଆଞ୍ଚଳିକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହିପରିଚାଳନା କରିଥିଲେ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ପାରାଦ୍ୱୀପ, (ଜିପ୍ର):ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟିର ପୂର୍ବତନ ରାଜ୍ୟ ସଭାପତି ଡ଼ା ଦେବେନ୍ଦ୍ର ପ୍ରଧାନ ଙ୍କ ଉଦ୍ଦେଶ୍ୟ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ପାରାଦ୍ୱୀପ ଜୟଦେବ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ପାରାଦ୍ୱୀପ ବିଧାୟକ ତଥା ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ , ପାରାଦ୍ୱୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଡ଼ା ଦେବେନ୍ଦ୍ର ପ୍ରଧାନଙ୍କ ଯୋଗୁଁ ଆଜି ରାଜ୍ୟରେ ଭାରତୀୟ ଜନତା ପାର୍ଟି ସାଂଗଠନିକ ସ୍ଥାନରେ ଶକ୍ତିଶାଳୀ ହେବା ସହିତ ସରକାର ଗଠନ କରିବାରେ ସଫଳ ହୋଇଛି। ଡାକ୍ତରୀ ପେଶା ଛାଡି ତୃଣମୂଳ ସ୍ତରର ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ରାଜନୀତିକୁ ଆସିଥିବା ଡ଼ା ପ୍ରଧାନଙ୍କ ମାର୍ଗଦର୍ଶନ ଓଡ଼ିଶାର ବିଜେପି ପାଇଁ ବରଦାନ ପାଲଟିଛି। ତାଙ୍କର ମୃତ୍ୟୁରେ ସମଗ୍ର ଓଡ଼ିଶାର ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ବଉଳ ୟୁଥ୍ ଓ ଇକୋ କ୍ଲବର ବାର୍ଷିକ ଉତ୍ସବ

ନାଉଗା,(ସବ୍ୟୁ) :ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁହାଟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷୀ ସେଠିଙ୍କ ସଭାପତିତ୍ୱରେ ତଥା ଇକୋ କ୍ଲବ ଦାୟିତ୍ୱରେ ଥିବା ରାଜ୍ୟ କୃତି ଶିକ୍ଷକ ମାନସ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଉଳ ୟୁଥ ଆଣ୍ଡ ଇକୋ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ବକ୍ତା ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ଯୋଗ ଦେଇ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ଘୋଡ଼ାଂଶର ପ୍ରଧାନ ଶିକ୍ଷକ ନିରଦ କୁମାର ସ୍ୱାଇଁ ଯୋଗ ଦେଇ ବ୍ୟାପକ ବୃକ୍ଷରୋପଣ କରି ଏହାର ଯତ୍ନ ନେବାକୁ ଉପସ୍ଥିତ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ଅନ୍ୟତମ ସମ୍ମାନିୟ ଅତିଥି ରୂପେ ବିଶିଷ୍ଟ ସମାଜ ସେବୀ ବୈଷ୍ଣବ ଚରଣ ଦାସ ଯୋଗ ଦେଇ ସୁସ୍ଥ ସମାଜ ପାଇଁ ଯୁବଗୋଷ୍ଠିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଶିକ୍ଷକ ପ୍ରଳୟ ରଞ୍ଜନ ବେହେରା, ସନ୍ତୋଷ କୁମାର ପରିଡା, ଶିକ୍ଷୟିତ୍ରୀ ସ୍ୱାତି ସ୍ୱାଇଁ, ସମୀକ୍ଷା ଗିରି, ଶୁଭଶ୍ରୀ ସ୍ୱାଇଁ, ମିଳି ପ୍ରଧାନ ଓ ବେବିନା ସେଠି ସହଯୋଗ କରିଥିଲେ ।

## ଉତ୍କଳ ଦିବସ ପାଳିତ

ରାଜନଗର,(ସବ୍ୟୁ) : ମଙ୍ଗଳବାର ରାଜନଗର ବ୍ଲକ ବିଜୁ ଜନତାଦଳ ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଛି । ଦଳ ତରଫରୁ ବୀର ପ୍ରସବିନି ଓଡ଼ିଶା ମାଟିର ସୁଯୋଗ୍ୟ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇଥିଲା । ବ୍ଲକ ବିଜେଡ଼ି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ପଂଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର ଏଥିରେ ଯୋଗ ଦେଇ ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଗଠନ ହୋଇଥିଲା ପ୍ରଥମ ରାଜ୍ୟ ଓଡ଼ିଶା । କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ନାୟକ, ଆମ୍ଭ ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର,ସମିତି ସଭ୍ୟ ସୁମିତ୍ରା ସେଠୀ, ସଂଜୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ରଂଜନ କୁମାର ମହାନ୍ତି , ଯୁବନେତା ପ୍ରମୋଦ କୁମାର ପ୍ରଧାନ , ଶରତ ପ୍ରଧାନ , ଅଶୋକ କୁମାର ପ୍ରଧାନ , ଭରତ କୁମାର ରାଉତ , ବାଦଲ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଉତ୍କଳ ଦିବସରେ ଏନଏସି ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉତ୍କଳ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଅଧକ୍ଷା ସୁକାନ୍ତି ପାଇକରାୟ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ଭଗବାନ ପ୍ରଧାନ ଏବଂ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀଙ୍କ ପ୍ରତିନିଧି ସ୍ୱପ୍ନା ବଡ଼ଜେନା ବାଲୁଗାଁ ବଜାର ଗାନ୍ଧୀ ଛକ ସ୍ଥିତ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଅବସ୍ଥାପିତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି ଅବସରରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ୬ ଗୋଟି ସ୍ଥାନରେ ଜଳ ଛତ୍ର କେନ୍ଦ୍ର ଓ ପଶୁ ପକ୍ଷୀଙ୍କ ନିମନ୍ତେ ୭ ଗୋଟି ସ୍ଥାନରେ



ପାନୀୟ ଜଳ ଯୋଗାଣ କେନ୍ଦ୍ରକୁ ଅଧକ୍ଷା ପାଇକରାୟ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଅଧକ୍ଷା ପ୍ରତିନିଧି ତଥା ଯୁବ ସଂଗଠକ ସନ୍ତୋଷ ପାଇକରାୟ, ସମସ୍ତ କାଉନସିଲର ବୃନ୍ଦ ତଥା ଅଭିମନ୍ୟୁ ସ୍ୱାଇଁ, ଲକ୍ଷ୍ମୀଧର ସେଠି, ସୁଜାତା ପଣ୍ଡା, ଅନିତା ସ୍ୱାଇଁ, ମିନତୀ ବେହେରା ପ୍ରମୁଖଙ୍କ ସମେତ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

## ମା' ମଙ୍ଗଳାଙ୍କ ମନ୍ଦିରରେ ତୃତୀୟ ପାଳି ଯାତ୍ରା

# ଦିନରେ ପାଟୁଆ ନୃତ୍ୟ ଓ ରାତିରେ କାଳିକା ନୃତ୍ୟ

କାକଟପୁର (ସବ୍ୟୁ) : ଚୈତ୍ର ମାସ ତୃତୀୟ ମଙ୍ଗଳବାର ପାରମ୍ପରିକ ପ୍ରଥାନୁସାରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି ତୃତୀୟ ପାଳି ଯାତ୍ରା।ରାତ୍ର ତିନିଘଡି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା ।ବଲ୍ଲଭ ନୀତି ପରେ ସକାଳ ଧୂପ, ବନ୍ଦାପନା ଆଳତୀ କରାଯାଇ ସର୍ବସାଧାରଣ ମାନଙ୍କ ଦର୍ଶନ ପାଇଁ ମନ୍ଦିର ର ସାହାଣ ମେଲା କରାଯାଇଥିଲା । ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ମାତୃଭକ୍ତ ବ୍ୟାରିକେଟ ମଧ୍ୟରେ ଧାଡ଼ିରେ ମନ୍ଦିର ଭିତରକୁ ଯାଇ ମା ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ମା ଙ୍କୁ ଚନ୍ଦନ ବେଶ ରେ ସଜ୍ଜିତ କରାଯାଇଥିଲା। ସଧବା ମହିଳା ମାନେ ନିଜ ସ୍ୱାମୀ ଓ ସନ୍ତାନ ମାନଙ୍କ ମଙ୍ଗଳ କାମନା କରି ମନ୍ଦିର ବେଢ଼ାରେ ଥିବା ପଞ୍ଚେଇକୁ ପୂଜା କରିଥିଲେଛ ଦିନ ପ୍ରାୟ ୨ ଟା ରେ ଜଗତସିଂହପୁର ଅଞ୍ଚଳ ରୁ ଆସିଥିବା ରାଉଳ ସେବକ ମାନେ ଓ ସ୍ଥାନୀୟ ଅଞ୍ଚଳର ଭୋଇ ସେବକ ମାନେ ପ୍ରାଚୀ ନଦୀ ଘଣ୍ଟତୋଳା ତୁଠକୁ ଯାଇ ପାଣି



ତୋଳି ଏକ ବିରାଟ ଶୋଭାଯାତ୍ରାରେ ମନ୍ଦିରକୁ ଆସିଥିଲେ। ମନ୍ଦିର ବେଢ଼ାରେ ଓ ସମ୍ମୁଖରେ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବିଳମ୍ବିତ ରାତିରେ ଭ୍ରମଣୀ ନୀତି ଓ ଭୋଗ ଅନୁଷ୍ଠିତ ହେବା ପରେ ଜୈନିକ ଖମାରେଇ ସେବକ ନିଜକୁ କାଳୀ ବେଶରେ ସଜ୍ଜିତ କରି ଯାଇ ପହଞ୍ଚିଥିଲେ ମା ମଙ୍ଗଳାଙ୍କ ପାଖରେ। ସେଠାରେ ତାଙ୍କୁ ମା ଙ୍କ ଆଜ୍ଞାମାଳ ଓ ଖଡ୍ଗ ପ୍ରଦାନ କରିବା ପରେ ସେ ମନ୍ଦିର ବେଢ଼ା ଓ ସେବକ ସାହି ଦାଣ୍ଡରେ କାଳୀକା ନୃତ୍ୟ ପ୍ରଦର୍ଶନ କରିଥିଲେ ।ଯାହା ମା ମଙ୍ଗଳା ଙ୍କ ମନ୍ଦିରରେ ଏକ ଅନନ୍ୟ ପରମ୍ପରା ଭାବେ ଚାଲି ଆସିଛି କାହିଁ କେତେ କାଳରୁ। ତୃତୀୟ ପାଳି ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟ ରାସ୍ତାର ତୋରଣ ଠାରୁ ମନ୍ଦିର ପର୍ଯ୍ୟନ୍ତ ମେଳା ଲାଗିଥିଲା। କାକଟପୁର ବଜାର ସମେତ ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିବାବେଳେ ପ୍ରବଳ ଗୁଳୁଗୁଳି ଓ ଗରମ ସତ୍ୱେ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ମାତୃଭକ୍ତ ମାନେ ମାଙ୍କ ଦର୍ଶନ କରିଥିଲେ ।

# ଉତ୍କଳ ଦିବସ ପାଳିତ

ଫୁଲନଖରା, (ସବ୍ୟୁ) : ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ମହୀଧରପଡ଼ା ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସାହିତିକ ଲିଙ୍ଗରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡାକ୍ତର ଅକ୍ଷୟକୁମାର ମିଶ୍ର, ଡଃ.ଶ୍ରୀଚରଣ ଦାସ ଓ ସନ୍ତୋଷକୁମାର ଦାଶ ଅତିଥିଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ଜାତିର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଡଃ.ଶରତକୁମାର ରଥ, ସୁରେଶଚନ୍ଦ୍ର ଦାଶ, ଅଜୟକୁମାର ଦାସ, ପ୍ରଦ୍ୟୁମ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲଳିତମୋହନ ରାଉତରାୟ ଓ କ୍ଷୀରୋଦକୁମାର ନନ୍ଦୀ କାର୍ଯକ୍ରମ ପରିଚାଳନା ଓ ଲକ୍ଷ୍ମୀଧର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।ସେହିପରି ବ୍ରାହ୍ମଣଝରିଲୋସ୍ଥିତ ଆରାଧ୍ୟା କଲଚରାଲ ଏକାଡ଼େମୀରେ ଉତ୍କଳ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ପରିଚାଳନା ଟ୍ରଷ୍ଟି ନିର୍ମଳାବାଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯକ୍ରମରେ ସମାଜସେବୀ ସୁନ୍ଦରପ୍ରଭାତ ଦାସ, ଅଧ୍ୟକ୍ଷ ଅଜୟକୁମାର ପାତ୍ର, ଦିଲୀପ ସାମନ୍ତରାୟ, ପ୍ରକୃତିବନ୍ଧୁ ପ୍ରତାପକେଶରୀ ପାତ୍ର ଓ ସାମ୍ବାଦିକ ମହେଶ୍ୱର ପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ବରପୁତ୍ରଙ୍କ ଫଟୋଚିତ୍ରରେ ମାଲାର୍ପଣ ସହିତ ପିଲାମାନଙ୍କଦ୍ୱାରା ବକ୍ତୃତା ଓ ଉତ୍କଳ ବନ୍ଦନା ଗାନ କରାଯାଇଥିଲା। ସସ୍ମିତା ସାହୁ କାର୍ଯକ୍ରମ ପରିଚାଳନା କରିଥିଲାବେଳେ ଜ୍ୟୋତ୍ସ୍ନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରୁଦ୍ଧ କୋଠରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

କଣାସ,(ସବ୍ୟୁ):ବନ୍ଦ କୋଠରୀରୁ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି।ଏଭଳି ଘଟଣା ଦେଖିବାକୁ ମିଳୁଛି ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ବିଶ୍ୱାଳୀପଡ଼ା ଗ୍ରାମରେ । ରବିବାର ଦିନ ଉକ୍ତ ଗ୍ରାମର ଶ୍ରୀମନ୍ତ କୁମାର ପଟ୍ଟନାୟକ ବୟସ (୪୪) ରହୁଥିବା ବନ୍ଦ କୋଠରୀ ମଧ୍ୟରୁ ପଚା ସଢ଼ା ଦୁର୍ଗନ୍ଧ ଆସୁଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ ।ପରେ ବାହାରେ ରହୁଥିବା ତାଙ୍କ ପରିବାର ଲୋକଙ୍କୁ ଗ୍ରାମବାସୀ ଖବର ଦେଇଥିଲେ ।ଖବର ପାଇ ମୃତ ଶ୍ରୀମନ୍ତଙ୍କ ଭାଇ ପ୍ରଶାନ୍ତ ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ଘର ଭିତର ପଟୁ କବାଟ ବନ୍ଦ ରହିଥିବା ବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଛି ।ଏନେଇ ସେ କଣାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଭିତ୍ତିକରି କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ,ଦେବୀ ପ୍ରଦାସ ଲେଙ୍କା ଓ ସାଇଣ୍ଟିଫିକ୍ ଟାଇମ୍ ଘଟଣା ସ୍ଥଳରେ ପହଞ୍ଚି କବାଟ ଖୋଲିବା ସହ ମୃତକ ଶ୍ରୀମନ୍ତ ଗୋଟିଏ ଘରେ ମଶାରୀ ଟାଣି ସୋଇଥିବା ବେଳେ ସେହିଠାରେ ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ ।ମୃତକ ଅବିବାହିତ ରହିଥିବା ବେଳେ ସେ ଟିଭି କେବୁଲ କାମ କରନ୍ତି ଚଳନ୍ତି । ଏନେଇ କଣାସ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁରୀ ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଶ୍ରୀ ଜୁଝାରସିଂହ କହିଛନ୍ତି ।

# ମେହେରାପୁରରେ ଜଳିଗଲା ଦୁଇ ବଖରା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନୂଆଗଡ ପଞ୍ଚାୟତ ମେହେରାପୁରରେ ମଙ୍ଗଳବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କ ଦୁଇ ବଖରା ଘର ପୋଡ଼ି ଯାଇଛି। କୌଣସି କାରଣରୁ ମେହେରାପୁରର ଏସ କେ ଅହମ୍ମଦ ଙ୍କ ଘରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ପୋଡ଼ି ଯାଇଥିଲା। ଗ୍ରାମବାସୀ ଓ ଘଟଣାସ୍ଥଳରେ ଟାଙ୍ଗୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବ୍ୟକ୍ତି ଜଣକ ଅତ୍ୟନ୍ତ ଗରିବ ଶ୍ରେଣୀ ର ହୋଇଥିବାରୁ ସରକାରୀ ସାହାଯ୍ୟ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘର ପୋଡ଼ି ଯିବା ଫଳରେ ଘର ଭିତରେ ଥିବା ଆସବା ପାତ୍ର, ଲୁଗାପଟା ପୋଡ଼ି ନଷ୍ଟ ହୋଇଯାଇଛି।

# ଶତାୟୁ ଜୟକୃଷ୍ଣଙ୍କ ପରଲୋକ

କାକଟପୁର ,(ସବ୍ୟୁ) : ସୋମବାର କାକଟପୁର ବ୍ଲକ ଅନ୍ତର୍ଗତ କଣ୍ଟାପଡା ପଞ୍ଚାୟତର କଣ୍ଟାପାଟଣା ଗ୍ରାମର ଶତାୟୁ ଜୟକୃଷ୍ଣ ସାହୁ (୧୦୨) ଙ୍କର ନିଜ ବାସଭନ ରେ ପରଲୋକ ହୋଇଯାଇଛି । ସେ ଆଜି ପର୍ଯ୍ୟନ୍ତ ନିଜ କାର୍ଯ୍ୟ ନିଜେ ତୁଲାଉଥିଲେ ।ସେ ଜଣେ ପରୋପକାରୀ, ମିଷ୍ଟ ଭାସୀ, ସମାଜସେବୀ ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ ଓ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡିତ ଥିଲେ । ତତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନ ରେ ଦାହ କରାଯାଇଥିଲା। ପୁତ୍ର ଶିବ ମୁଖାଗ୍ନି ଦେଇଥିଲେ ।

# ସହଜ ଜନସେବା କେନ୍ଦ୍ର ଉଦ୍‌ଘାଟିତ



ଆଠଗଡ଼ ,(ସବ୍ୟୁ) : ମଙ୍ଗଳବାର ଆଠଗଡ଼ ଆଇ କ୍ୟୁ ଏଜୁକେସନ ଠାରେ ଭାରତ ସରକାରଙ୍କର ସୂଚନା ତଥ୍ୟ ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ଏକ ସହଜ ଜନସେବା କେନ୍ଦ୍ର ଉଦଘାଟିତ ହୋଇଛି ।ମୁଖ୍ୟ ଅତିଥି ଭାବରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ ସହଜ ଜନସେବା କେନ୍ଦ୍ର ର ଆଧୁନିକ ଗାଡ଼ି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିଶିର କୁମାର ଉଦୟସିଂ, ରଂଜିତ କୁମାର ସ୍ୱାଇଁ, ଅନୁଷ୍ଠାନ ନିର୍ଦ୍ଦେଶକ ଶ୍ରୀମତୀ ରିଙ୍କି ନନ୍ଦ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ ।ଅନୁଷ୍ଠାନ ସହ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଏହି ପରିପ୍ରେକ୍ଷୀରେ ସହଜ ଜନସେବା କେନ୍ଦ୍ର ର ଆଧୁନିକ ଗାଡ଼ି ସହିତ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରା ଯୋଗେ ସରକାରଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ବିଷୟରେ ଲୋକମାନଙ୍କୁ ଅବଗତ କରାଇଥିଲେ । ନିଖୁରଶ୍ମି ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡିଶାରୁ ଚୋରି ବାଇକ ଆନ୍ଧ୍ରରୁ ଉଦ୍ଧାର

ନିରାକାରପୁର ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଂଚଳରେ ଗାଡି ଚୋରୀ ଧିରେ ଧିରେ ବଢିବାରେ ଲାଗିଛି। ପୁରୀ ଜିଲ୍ଲା ଡେଲାଙ୍ଗ ଓ ଗଡିଶାଗୋଦା ଥାନା ଅଂଚଳର କିଛି ଉଚ୍ଚ ଶିକ୍ଷିତ ଯୁବକ ଟଙ୍କା ରୋଜଗାର ଆଶାରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେ ଘରଭଡା ନେଇ ରହି ଚୋରି କରୁଛନ୍ତି। ଯୁବକମାନେ ସୁଯୋଗ ଦେଖି ଅତି ଚତୁରତାର ସହିତ ବିଳମ୍ବିତ ରାତିରେ ଗାଡି ଚୋରି ନେଇ ଆନ୍ଧ୍ର ପ୍ରଦେଶର ଦଲାଲଙ୍କ ସହାୟତାରେ ଆନ୍ଧ୍ର ପ୍ରଦେଶରେ କମ ମୂଲ୍ୟରେ ବିକ୍ରୀ କରି ବିନା ପରିଶ୍ରମରେ ଭଲ ରୋଜଗାର କରିଥାନ୍ତି। ନିରାକାରପୁର ରାହୁଳହଜ ଅଂଚଳର ହିଟୁ ପ୍ରଧାନ ଭଡାଘର ଗ୍ରୀଲ ଭାଗିଂ ବୁଲେଟ ମୋଟର ସାଇକେଲ ଚୋରି ହୋଇଥିଲା।ଅନୁରୂପ ଭାବରେ ନିରାକାରପୁର ଅଂଚଳରୁ ଆଉ କେତୋଟି ଗାଡିଚୋରି ହୋଇଥିବା ନେଇ ନିରାକାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।ଏନେଇ ନିରାକାରପୁର ପୋଲିସ ଅନୁସନ୍ଧାନ ଚଳାଇଥିବା ବେଳେ ଗତ ୧୦ ଦିନ ପୂର୍ବରୁ ଆନ୍ଧ୍ରପ୍ରଦେଶ ସୋମପେଟା ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ୩ ଟି ଚୋରାଗାଡି ଜବତ କରି ଜଣେ ଅଭିଯୁକ୍ତକୁ ଗିରଫ କରି ତଦନ୍ତ ଜାରି ରଖିଥିଲା।ଆନ୍ଧ୍ରପ୍ରଦେଶ ପୋଲିସ ନିରାକାରପୁର ରାଉଳହଜ ଏକ ଭଡା ଘରେ ଚଢ଼ାଉ କରି ଅଭିଯୁକ୍ତ ଜଣଙ୍କୁ ଗିରଫ କରିଥିବା ବେଳେ ଆଉ ଜଣେ ମାଷ୍ଟରମାଇଣ୍ଡ ଗଡିଶାଗୋଦା ଥାନା ଜଣେ ଯୁବକ ଘଟଣା ସ୍ଥଳରୁ ଫେରାର ମାରିଛି। ଖବର ପାଇ ନିରାକାରପୁର ପୋଲିସ ଆଇଆଇସି ବିଶଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ଏସ ଆଇ ଦିପାଳିଶା ନାୟକ ସୋମପେଟା ଥାନାରେ ପହଞ୍ଚି ତିନୋଟି ମୋଟର ସାଇକେଲ ଉଦ୍ଧାର କରି ଆଣିଥିବା ଜଣାପଡିଛି।ଉପଯୁକ୍ତ କାଗଜପତ୍ର ଦେଖାଇ ନିରାକାରପୁରରେ ଭଡ଼ାରେ ରହୁଥିବା ଗଡିଶାଗଦା ଥାନା ଅନ୍ତର୍ଗତ ଚୂପୁରିଙ୍ଗ ଗ୍ରାମର ହିଟୁ ପ୍ରଧାନ, ସତ୍ୟବାଦୀ ଅଞ୍ଚଳର ହିମାଂଶୁ ଶେଖର ଜେନା ଓ ରାୟଗଡାର ଜୟସିଂହ ମାଝୀ ପ୍ରମୁଖ ପୋଲିସ ଠାରୁ ଗ୍ରହଣ କରିଥିବା ଜଣାପଡିଛି।

# ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ଚିକିତ୍ସା କରାଇଲେ ଉପଜିଲ୍ଲାପାଳ

ବାଙ୍କୀ,(ସବ୍ୟୁ) :ମଙ୍ଗଳବାର ମଧ୍ୟାହ୍ନରେ ବାଙ୍କୀ ଉପଖଣ୍ଡ କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ ଶେଷ କରି ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା ନିଜ ସରକାରୀ ଗାଡ଼ିରେ ବାଙ୍କୀରୁ କଟକ ଯାଉଥିବା ବେଳେ ଏକ ସ୍କୁଟିରେ ଦମ୍ପତ୍ତି ଆସୁଥିବା ବେଳେ ଗୟଳବାଙ୍କ ନିକଟସ୍ଥ ହମ୍ପସରେ ମାଡ ହୋଇ ଦୁର୍ଘଟଣା ଗ୍ରସ୍ତ ହେବା ପରେ ସ୍କୁଟି ଚାଳକ ଓ ପଛରେ ବସିଥିବା ପତ୍ନୀ ତଳେ ଖସି ପଡ଼ିଥିଲେ। ଫଳରେ ମୁଣ୍ଡରେ ଜୋରରେ ଆଘାତ ଲାଗିବାରୁ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଠିକ୍ ଏହି ସମୟ ରେ ବାଙ୍କୀ ଉପ ଜିଲ୍ଲାପାଳ ତଳେ ପଡ଼ି ଯାଇଥିବା ମହିଳାଙ୍କୁ ଉଠାଇ ନିଜ ଗାଡିରେ କଟକ ବଡ଼ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝି ଫେରି ଆସିଥିଲେ। ମହିଳା ଜଣକ କଟକ ନୂଆ ବଜାର ଅଞ୍ଚଳର ସୁଷମା ସେଠ ବୋଲି ଜଣା ପଡିଛି। ଉପ ଜିଲ୍ଲାପାଳ ଙ୍କ ବ୍ୟବହାରରେ ଖୁସି ପ୍ରକଟ କରି ତାଙ୍କ ପାଇଁ ତାଙ୍କ ପତ୍ନୀ ଙ୍କ ଜୀବନ ବଞ୍ଚି ଗଲା ବୋଲି ଆହାତ ସୁଷମାଙ୍କ ସ୍ୱାମୀ କହିଛନ୍ତି।

# ଉତ୍କଳ ଦିବସ ପାଳିତ

ସାକ୍ଷୀଗୋପାଳ ,(ସବ୍ୟୁ) :ସତ୍ୟବାଦୀର ବିଭିନ୍ନ ଅନୁଷ୍ଠାନ ତରଫରୁ ଉତ୍କଳ ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ସମ୍ମିଳନୀର ପୁରୀ ଜିଲ୍ଲା ଶାଖା ପକ୍ଷରୁ ଉତ୍କଳ ଦିବସ ପାଳନ ଶାଖା ସଭାପତି ଭୀମସେନ ମହାପାତ୍ରଙ୍କ ପୌରହିତରେ ଅନୁଷ୍ଠିତ ହୋଇଥିଲା।ଏଇ ଅବସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତର ଇତିହାସ ସଂପର୍କିତ ଆଲୋଚନାଚକ୍ର ଓ କବିତା ପାଠ କରାଯାଇଥିଲା। ଉନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷାକୁ ବିଲୋପ କରାଇବା ନିମନ୍ତେ ଇଂରେଜ ସରକାର ଅଣଓଡିଆ ଅଧିକାରୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଓଡିଆ ଲୋକଙ୍କଠାରୁ ଏମାନଙ୍କ ମାତୃଭାଷାକୁ ଛଡେଇ ନେଇ ଦକ୍ଷିଣାଞ୍ଚଳରେ ତେଲୁଗୁ,ସମ୍ବଲପୁରରେ ହିନ୍ଦୀ,ଉପକୂଳ ଅଂଚଳରେ ବଙ୍ଗଳା ଭାଷାକୁ ଜବରଦସ୍ତ ଲଦିଦେଇଥିଲେ। ଏଥିପାଇଁ ସ୍ୱାଭିମାନୀ ଓଡ଼ିଆମାନେ ବିଦ୍ରୋହ କରିଥିଲେଛଆଧୁନିକ ଓଡ଼ିଆ ସାହିତ୍ୟ ରଚନା ସହିତ ମଧୁସୂଦନ ଦାସଙ୍କ ଉତ୍କଳ ସମ୍ମିଳନୀର ଜନ୍ମଲାଭ ଓଡ଼ିଆଙ୍କୁ ସଚେତନ ସହ ଇଂରେଜ ସରକାରଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରିକରିବାକୁ ବାଧ୍ୟ କରିଥିଲା। ତଥାପି ଷଡଯନ୍ତ୍ର ଯୋଗୁ ଆମର ଅନେକ ଅଂଚଳ ଆନ୍ଧ୍ର, ଛତିଶଗଡ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ରହିଗଲାଛମଧୁବାବୁଙ୍କ ତ୍ୟାଗ,ଗୋପବନ୍ଧୁ ଦାସ,ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି,ଫକୀର ମୋହନ ସେନାପତି,ମଧୁସୂଦନ ରାଓ, ଗଙ୍ଗାଧର ମେହେର ଆଦି ବରପୁତ୍ରମାନଙ୍କ ସ୍ତୁତିଚାରଣ କରାଯାଇଥିଲା।୨୫୦୦ ବର୍ଷର ଶାସ୍ତ୍ରୀୟ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଲେଖା,କହିବା ଓ ପଢିବା ମାଧ୍ୟମରେ ଜାରି ରଖିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ।ଦିଗମ୍ବର ରଥ, ରଂଜନ ମିଶ୍ର,ସମ୍ପୂର୍ଣ୍ଣାନନ୍ଦ ମିଶ୍ର, ବିଜୟ କୁମାର ପରିଡା,ବିଭୂତିଭୂଷଣ ହୋତା,ହୃଷୀକେଶ ପାଢୀ,ଡା ପ୍ରଭାସ ପ୍ରଧାନ, ନାରାୟଣ ମନୋହାରୀ,ପ୍ରଭାକର ଜେନା,କାଶୀନାଥ ମହାପାତ୍ର, ଅନୁସୂୟା କାଣ୍ଡି,କୃପାନିଧି ପ୍ରଧାନ ,ବିରଞ୍ଚିନାରାୟଣ ମହାନ୍ତି ଯୋଗଦେଇଥିଲେଛ କବୀ ସୁନନ୍ଦା ମହାନ୍ତି ଧନ୍ୟବାଦ ଅର୍ପିତ କରିଥିଲେ। ଆଚାର୍ଯ୍ୟ ହରିହର ଶିଶୁ ଭବନ ସାକ୍ଷୀଗୋପାଳ ର ନିଜସ୍ ସଭାଗୃହରେ ସମସ୍ତ ଅନ୍ତେବାସୀ,କର୍ମଚାରୀ ଓ କର୍ମକର୍ତ୍ତା ଙ୍କ ଉପସ୍ଥିତି ରେ ଭବନ ଉପସଭାପତି ବିରେନ୍ଦ୍ର ଭୂଷଣ ହୋତାଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳନ କରାଯାଇଅଛି । ଅନୁଷ୍ଠାନ ର କର୍ମଚାରୀ ମାନଙ୍କ ମଧରେ ଅଧକ୍ଷ ସୁବୋଧ କୁମାର ସ୍ୱାଇଁ ,ମିନାକ୍ଷୀ ବାରିକ ,ସୁଭ୍ରାଜିତ ଶୁଭଦର୍ଶୀ,ଜ୍ୟୋତି ରାଣୀ ମିଶ୍ର ,ପ୍ରମୋଦ କୁମାର ଜେନା ,କବିତା ପାତ୍ର ଲକ୍ଷ୍ମୀଧର ସାହୁ,ଶାନ୍ତିଲତା ଚୌଧୁରୀ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ । ଶେଷରେ ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଓଡ଼ିଶା ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ

ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ପୋଲିସ୍ ପକ୍ଷରୁ ୯୦ତମ ଓଡ଼ିଶା ପୋଲିସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ଏସ୍ ପି ଏସ୍ ସୁଶ୍ରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସମାଜରେ ଶାନ୍ତି ବଜାୟ ରଖିବା ଓ ନାଗରୀକଙ୍କ ସୁରକ୍ଷା ତଥା ଧନ ଜୀବନ ରକ୍ଷା କରିବା ପୋଲିସ୍ ବାହିନୀର ମୂଳ ଲକ୍ଷ୍ୟ । ଏହିଭାବନା ଆଧାରରେ ପ୍ରତ୍ୟେକ ପୋଲିସ୍ କର୍ମଚାରୀ କାର୍ଯ୍ୟ କରିବା ଉପରେ ଜିଲ୍ଲା ଏସ୍ ପି ଗୁରୁତ୍ୱାରୋପ କରିଥିଲେ।

ସ୍ଥାନୀୟ ପୋଲିସ୍ ରିଜର୍ଭ ପଡ଼ିଆରେ ୯୦ତମ ଓଡ଼ିଶା ପୋଲିସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ପୋଲିସ୍ ପତାକା ଉତ୍ତୋଳନ କରାଯାଇ ସହୀଦ ଜବନଙ୍କୁ ସାଲାମୀ ପ୍ରଦାନ କରା




ଯାଇଥିଲା। ଜିଲ୍ଲା ଏସ୍ ପି ଏସ୍ ସୁଶ୍ରୀ ଅନୁଷ୍ଠିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରି ପୋଲିସ୍ ନିଜର କର୍ତ୍ତବ୍ୟକୁ ସୂଚାରୁ ରୂପେ ସଂପାଦନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଏସ୍ ଆଇ ପ୍ରିତୀ ପ୍ରକାଶ ମହାନ୍ତି, ଏଏସ୍ଆଇ ତାରାକାନ୍ତ ପଟ୍ଟନାୟକ, ହାବିଲଦାର ପ୍ରାଣକୃଷ୍ଣ ସାହୁ, କନେଷ୍ଟବଳ ନିବେଦିତା ମିଶ୍ର, ଚିତରଂଜନ ପ୍ରଧାନ, ଏବଂ ସୂର୍ଯ୍ୟକାନ୍ତ ଦାଶଙ୍କୁ ଚଳିତ ବର୍ଷର ଉତ୍କର୍ଷ ପୋଲିସ୍ ସେବା ପୁରସ୍କାର ପ୍ରଦାନ କରାଯାଇଥିଲା। ସମାରୋହରେ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ରହିଥିଲେ।

# ଶୁଦ୍ଧାନନ୍ଦ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଫୁଲନଖରା,(ସବ୍ୟୁ) :ସଦର ଥାନା ନଛିପୁର (ଗଙ୍ଗେଶ୍ୱର)ସ୍ଥ ଶୁଦ୍ଧାନନ୍ଦ ବିଦାଳୟର ୨୦ ତମ ବାର୍ଷିକ ଉତ୍ସବ ଅଧକ୍ଷା ପ୍ରଣୟିନୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନ ମୁଖ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ସମ୍ପାଦିକା ବ୍ରହ୍ମଚାରିଣୀ ମନୀଷା ଚୈତନ, ଶିକ୍ଷାବିତ ଡଃ.ଅଜିତକୁମାର ମହାନ୍ତି ଓ ଅର୍ଗସ ଟିଭି ନିୟୁଜ ଏଡିଟର ସଂଜୟକୁମାର ଜେନା ଅତିଥିରୂପେ ମଞ୍ଚାସୀନ ରହି ଏକ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତେ ଭାଗୀଦାରି ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର କୃତୀ ବିଦାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୟଶ୍ରୀ ବିଜୟଲକ୍ଷ୍ମୀ କାର୍ଯକ୍ରମ ସଞ୍ଚାଳନ କରିଥିଲାବେଳେ ସମସ୍ତ ଶିକ୍ଷକ ଶିକ୍ଷିକା ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୟାଗଡ଼, (ସବ୍ୟୁ): ନୟାଗଡ଼ ଟାଉନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଜଂନ ଷଢ଼ଙ୍ଗୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ ଯୋଗ ଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଷଢ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ନୟାଗଡ଼ ସିଆରସିସି ପ୍ରଦୀପ କୁମାର ପଣ୍ଡା, ବିପିନ ବିହାରୀ ସାହୁ, ପରିଚାଳନା କମିଟି ଅଧ୍ୟକ୍ଷା ଶର୍ମିଷ୍ଠା ସାମନ୍ତରାୟ, କାଉନସିଲର କିଶନ ଦାସ, ରାଜକୁମାର ସାହୁ ଓ ଲକ୍ଷ୍ମୀଧର ମାହାପତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରୀୟା ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷତ୍ରୀ ଏବଂ ଛାତ୍ର ତଥା ଅଭିଭାବକ ଯୋଗ ଦେଇଥିଲେ।

# ଓଡ଼ିଶା ଦିବସ ପାଳିତ, ବରପୁତ୍ରଙ୍କୁ ସମ୍ମାନ



ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବ ଅବସରରେ ନୟାଗଡ଼ ସହରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ ପୂର୍ବକ ମହାପୁରୁଷଙ୍କୁ ସ୍ମରଣ କରାଯାଇଥିଲା। ବିଶେଷ କରି ତ୍ରିନାଥ ଛକସ୍ଥିତ ଗାନ୍ଧି ମୂର୍ତ୍ତୀ, ବ୍ରଜେନ୍ଦ୍ର ହାଇସ୍କୁଲ ପରିସର ଉତ୍କଳମଣୀ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ୍ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀ ରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଓଡ଼ିଶାର ବରପୁତ୍ରଙ୍କ ବୀରତ୍ୱ ଗାଥା ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଥିବା କହିଛନ୍ତି।

ମନ୍ତ୍ରୀ ଶ୍ରୀ ମଲ୍ଲିକ ଉଦବୋଧନ ଦେଇ ଓଡ଼ିଶା ମାଟିର ଗର୍ବ ଓ ଗୌରବର ଗାଥା ସଂପର୍କରେ ଉତଥାପନ କରି ଓଡ଼ିଆ ଅସ୍ମିତକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ପୌରଧ୍ୟକ୍ଷ ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅରୁଣ କୁମାର ମାହାପାତ୍ର, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସ୍ଥାନୀୟ ପଠାଣି ସାମନ୍ତ ପ୍ରେକ୍ଷାଳରେ ଅନୁଷ୍ଠିତ ଓଡ଼ିଶା ଦିବସ ସମାରୋହ ରେ ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ସାମ୍ବାଦିକ ଓ ସାଧାରଣ ନାଗରୀକ ଯୋଗ ଦେଇଥିଲେ।

# ଗୁଣ୍ଡିଚା ମନ୍ଦିର ମୁଖଶାଳା ଗର୍ଭଗୃହରୁ ଗଳୁଛି ପାଣି

## ଠିକାଦାରଙ୍କ ମନ୍ଥର କାର୍ଯ୍ୟ, ଦେବୋତ୍ତର ବିଭାଗ ନୀରବତା ନେଇ ଚର୍ଚ୍ଚା

ରଣପୁର,(ସବ୍ୟୁ) :ମାଦଳପାଞ୍ଜି ଓ କପିଳ ସହିଁତା ଅନୁସାରେ ପୁରୀର ଷୋହଳ କଳାରୁ ରଣପୁର ରେ ଏକକଳା ଥିବା ସହିତ ପୁରୀଭଳି ସମସ୍ତ ନୀତିକାନ୍ତି ରଣପୁର ଶ୍ରୀ ମନ୍ଦିରରେ ପାଳିତ ହୋଇଥାଏ ଏବଂ ପୁରୀ ପରେ ଓଡିଶାର ଦ୍ୱିତୀୟ ସର୍ବପୁରାତନ ରଥଯାତ୍ରା ରଣପୁର ଅନୁଷ୍ଠିତ ହେଇଆସୁଛି।ଆଉ ଦୁଇମାସ ପରେ ମହାପ୍ରଭୁ ଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଦେବୋତ୍ତର ବିଭାଗ ତରଫରୁ ରଥନିର୍ମାଣ କାଠ ପାଇଁ ବନବିଭାଗକୁ ଆଜ୍ଞାମାଳ ପ୍ରଦାନ କରାଯାଇ ରଥଯାତ୍ରା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କିନ୍ତୁ ଦୁର୍ଭାଗ୍ୟ ଓ ପରିତାପର ବିଷୟ ଗତ ଦୁଇବର୍ଷ ଧରି ଗୁଣ୍ଡିଚା ମନ୍ଦିର ମୁଖଶାଳା ସମ୍ପୂର୍ଣ୍ଣ ମୁକୁଳା ପଡିଛି ଏବଂ ଗୁଣ୍ଡିଚା ମନ୍ଦିରଟି ଟିଣ ଛପର ହୋଇଥିବା ଗର୍ଭଗୃହରେ ପାଣି ଗଳୁଛି ।ଯାହାକୁ ନେଇ ଲକ୍ଷାଧିକ ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ଭାବବେଗ ଆଘାତ ଲାଗିବା ସହିତ ଅସନ୍ତୋଷ ଦେଖାଦେଇଛି। ଠିକାଦାରଙ୍କ ମନମାନି ମନ୍ଥର କାର୍ଯ୍ୟ ଓ ଦେବୋତ୍ତର ବିଭାଗ ର ନୀରବତା କୁ ନେଇ ସାଧାରଣରେ ଚର୍ଚ୍ଚା ଜୋରଧରିଛି।ସୂଚନା ଅନୁସାରେ ଗତ ବିଜେଡି ସରକାର ସମୟରେ ରଣପୁର ଜଗନ୍ନାଥ ମନ୍ଦିର ଉନ୍ନତିକରଣ ପାଇଁ ୫ଟି ଜରିଆରେ ୪କୋଟି ୪୮ଲକ୍ଷ ପ୍ରଦାନ କରାଯାଇଥିବା ବେଳେ ତାହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ କାର୍ଯ୍ୟଦେଶ ପାଇଥିବା ଠିକା ସଂସ୍ଥା ନିମ୍ନମାନ ର କାର୍ଯ୍ୟ ଓ ଅହେତୁକ ବିଳମ୍ବ ପାଇଁ ଶ୍ରୀ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ଅଧାପନ୍ତରୀୟ ଭାବେ ପଡ଼ିରହିଛି । ଉକ୍ତ ଅର୍ଥ ରେ ଶ୍ରୀ ମନ୍ଦିର ଚତୃପାର୍ଶ୍ୱ ରେ ପ୍ରଚେରୀ ନିର୍ମାଣ. ଦକ୍ଷିଣ ଦ୍ୱାର ବା ଅଶ୍ୱଦ୍ୱାର ନିର୍ମାଣ ମନ୍ଦିର ଚତୃପାର୍ଶ୍ୱ ରେ ବଉଳମାଳ ପଥର ପକାଇବା ଓ ଆଲୋକୀକରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ତାହା ଅଧାପନ୍ତରିଆ ଭାବେ ପଡି ରହିଛି ।ସେହି ଭଳି ଉକ୍ତ ଠିକସଂସ୍ଥା ତରଫରୁ ଗୁଣ୍ଡିଚା ମନ୍ଦିର ଉନ୍ନତିକରଣ ପାଇଁ ଦୀର୍ଘ ଦିନ ଧରି ଗତବର୍ଷ ରଥଯାତ୍ରା ପୂର୍ବରୁ ମନ୍ଦିର ମୁଖଶାଳ। ଭଙ୍ଗା ଯାଇ ମନ୍ଦିର ପରିସରରେ ରୋଷଘର ଆନନ୍ଦ ବଜାର ଓ ରାଜଘର ଦିଅ ବିଜେ ଘର ନିର୍ମାଣ ହୋଇଥିବା ବେଳେ ମୁଖ୍ୟ ମନ୍ଦିର ଗର୍ଭଗୃହରୁ ପାଣି ଗଳୁଛି ।ଗତ ବର୍ଷ ମହାପ୍ରଭୁ ଗୁଣ୍ଡିଚା ମନ୍ଦିର ବିଜେ କରିଥିବା ବେଳେ ମନ୍ଦିର ଉପରେ ଜରିପାଲ ଘୋଡେଇ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗକୁ ପଡୁଥିବା ପାଣିରୁ ରକ୍ଷାକରାଯାଇଥିଲା। ତେବେ ଆଗକୁ ଦୁଇ ମାସ ପରେ ମହାପ୍ରଭୁ ଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଥିବାରୁ ଗୁଣ୍ଡିଚା ମନ୍ଦିର ନବୀକରଣ କାର୍ଯ୍ୟ କରାଯାଇନାହିଁ ଏବଂ ମନ୍ଦିର ମୁଖଶାଳା ସମ୍ପୂର୍ଣ୍ଣ ମୁକୁଳା ପଡିଛି ତାହାର କାର୍ଯ୍ୟ କରାନଯାଇନାହିଁ ।ତେବେ ଲକ୍ଷାଧିକ ଭକ୍ତ ଙ୍କ ଭାବାବେଗ କୁ ଦୃଷ୍ଟି ରେ ରଖି ତୁରନ୍ତ ସ୍ଥାନୀୟ ଦେବୋତ୍ତର ବିଭାଗ ଓ ଜିଲ୍ଲାପାଳ ।ବିଧାୟିକା ଏହା ଉପରେ ଦୃଷ୍ଟି ଦେଇ ରଥଯାତ୍ରା ପୂର୍ବରୁ ନିର୍ମାଣ କାର୍ଯ୍ୟସାରିବାକୁ ସାଧାରଣରେ ଦାବି ହେଉଛି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୪/୦୭)

–କ୍ଷେତ୍ର–କ୍ଷେତ୍ରଜ୍ଞ ବିଭାଗଯୋଗଃ–

(ଶ୍ରୀଭଗବାନୁବାଚ )

ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।
ତନ୍ନିବଧ୍ନାତି କୌନ୍ତେୟ ! କର୍ମ୍ମସଙ୍ଗେନ ଦେହିନମ୍ ।।୭।।

ହେ କୌନ୍ତେୟ ! ରଜୋଗୁଣ ବିଷୟକାମନାସ୍ୱରୂପ, ତେଣୁ ତୃଷ୍ଣା (ଅପ୍ରାପ୍ତ ବସ୍ତୁରେ ଅଭିଳାଷ) ଓ ସଙ୍ଗ (ପ୍ରାପ୍ତ ବସ୍ତୁରେ ଅଭିଳାଷ) ଓ ସଙ୍ଗ (ପ୍ରାପ୍ତ ବସ୍ତୁରେ ଆସକ୍ତି)–ଉଭୟରୁ ଉତ୍ପନ୍ନ ଜାଣିବ । ଏହା ଦେହୀଙ୍କୁ କର୍ମାସକ୍ତିଦ୍ୱାରା ଆବଦ୍ଧ କରେ (ତୃଷ୍ଣା ଓ ସଙ୍ଗଦ୍ୱାରା କର୍ମରେ ଆସକ୍ତି ଜନ୍ମେ) । ।।୭।।

# ଆଚରଣ, ଉଚ୍ଚାରଣରେ ସଂଯମତା ରହୁ

ସମ୍ପାଦକୀୟ

ଆଚରଣ ଓ ଉଚ୍ଚାରଣ, ଏହି ଦୁଇଟି ମଣିଷ ଜୀବନରେ ଅମୂଲ୍ୟ ସମ୍ପଦ । ମଣିଷ ଯେତେ ଧନଶାଳୀ ଓ ପ୍ରତିପତ୍ତିଶାଳୀ ହେଉନା କାହିଁକି ନିଜର ଆଚରଣ ଓ ଉଚ୍ଚାରଣ ଯଦି ଠିକ ନଥାଏ ତାହେଲେ ସେ ସମାଜରେ ଗ୍ରହଣୀୟ ହୁଏ ନାହିଁ । ଇଏ ହେଉଛି ସାମାଜିକ ଜୀବନର କଥା । ତେବେ ନିକଟରେ ଘଟିଥିବା କେତେକ ଘଟଣାକୁ ଯଦି ଦୃଷ୍ଟିକୁ ନିଆଯାଏ ତା' ହେଲେ ଆମର ଆଚରଣ ଓ ଉଚ୍ଚାରଣରେ ଆମେ ଯେ କେତେ ଅବକ୍ଷୟମୁଖି ହୋଇଛେ ତାହା ସ୍ପଷ୍ଟ ବାରି ହୋଇପଡୁଛି ।

ଚଳିତ ବିଧାନସଭା ଅଧିବେଶନ ସମୟରେ ଗୃହ ଭିତରେ ଓ ବାହାରେ ଘଟିଯାଇଥିବା କେତେକ ଘଟଣାକୁ ଦୃଷ୍ଟାନ୍ତମୂଳକ ଭାବେ ଧରାଗଲେ, ଆମ ଲୋକ ପ୍ରତିନିଧିମାନେ ଯେ ଉପରୋକ୍ତ ବିଷୟ ପ୍ରତି କେତେ ସଚେତନ ତାହା ଜାଣିବା ପାଇଁ କଷ୍ଟକର ହେବ ନାହିଁ । ବିଧାନସଭା ଗୃହ ହେଉଛି ଗଣତନ୍ତ୍ରର ମନ୍ଦିର । ଲକ୍ଷ ଲକ୍ଷ ମତଦାତାଙ୍କ ଦ୍ୱାରା ନିର୍ବାଚିତ ହୋଇ ଜନପ୍ରତିନିଧିମାନେ ଏଠାକୁ ଆସିଥାନ୍ତି । ଲୋକଙ୍କର ସମସ୍ୟା, ସମାଜର ସମସ୍ୟାକୁ ଗୃହରେ ଉପସ୍ଥାପନ କରି ତାହାର ନିରାକରଣ କରିବା ଏହି ସଦସ୍ୟମାନଙ୍କର କର୍ତ୍ତବ୍ୟ । ସେ ସରକାରୀ ଦଳର ହୁଅନ୍ତୁ ବା ବିରୋଧୀ ଆସନରେ ବସିଥିବା ବିରୋଧୀ ସଦସ୍ୟ ହୁଅନ୍ତୁ । ସମସ୍ତେ ଲୋକଙ୍କ କଲ୍ୟାଣ ପାଇଁ ସ୍ୱର ଉତ୍ତୋଳନ କରିବା ଉଚିତ । ମାତ୍ର ଏହା ତ ହେଲାନାହିଁ ବରଂ ଗୃହରେ ଓ ଗୃହ ବାହାରେ ଏମାନଙ୍କ କାର୍ଯ୍ୟକଳାପ ଯାହା ହେଲା, ସେଥିରେ ସାଧାରଣ ଜନତାଙ୍କ ସମସ୍ୟା ଯେଭଳି ଉପସ୍ଥାପିତ ହେବା କଥା ତାହା ହେଲାନାହିଁ । ଶାସକ ବିରୋଧୀ, ଆକ୍ଷେପ, ପ୍ରତି ଆକ୍ଷେପ, ପରସ୍ପର ମଧ୍ୟରେ ଠେଲାପେଲା ଓ ଅପଶବ୍ଦ ଉଚ୍ଚାରଣ ଭଳି ଦୁଃଖଦାୟକ ଘଟଣାମାନ ଘଟିଲା । ସାଧାରଣ ଭୋଟର ସେମାନଙ୍କ ସମସ୍ୟା, ସେମାନଙ୍କ ଅଞ୍ଚଳର ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା ପାଇଁ ସଦସ୍ୟମାନଙ୍କୁ ନିର୍ବାଚିତ କରି ଗୃହକୁ ପଠାଇଛନ୍ତି । ମାତ୍ର ବାସ୍ତବରେ ତାହା ହେଲା କି ? ଏହାର ଉତ୍ତର ହେଉଛି ନା । ବିଧାନସଭା ଅଧିବେଶନ କାଳର ସିଂହଭାଗ କେବଳ ତୁରୀ ଫୁଙ୍କା, ଘଣ୍ଟମାଡ ଓ ବିଶୃଙ୍ଖଳାରେ ନଷ୍ଟ ହେଲା । ସରକାରଙ୍କର ଭୁଲ ତ୍ରୁଟି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ବିରୋଧୀ ଦଳର କାର୍ଯ୍ୟ ଓ କର୍ତ୍ତବ୍ୟ ମଧ୍ୟ । ତେବେ ଏଭଳି ବିରୋଧ ଓ ସରକାରଙ୍କ ଜ୍ଞାନୋଦୟ ପାଇଁ ଗୃହ ପରିଚାଳନା ନିୟମାବଳୀରେ କିଛି ବିଧିବ୍ୟବସ୍ଥା ରହିଛି । ଏହାକୁ ଭିତ୍ତି କରି ଗୃହ ପରିଚାଳିତ ହୁଏ । ତେବେ ଏହାକୁ ଏଡାଇ ଦେଇ ଯଦି ବିଶୃଙ୍ଖଳା ମାଧ୍ୟମରେ ସରକାରଙ୍କୁ ବିରୋଧ କରାଯାଏ, ତାହା ହେଲେ ଏହା ଗୃହର ମୂଲ୍ୟବାନ ସମୟ ଅପଚୟ ସହିତ ଅବାସ୍ତବ ମନେ ହୁଏ ।

ଏବେ ଗ୍ରୀଷ୍ମଋତୁ ଆରମ୍ଭ ହେଲାଣି । ଜଳ କଷ୍ଟ ହେଉଛି ରାଜ୍ୟର ଏକ ପ୍ରମୁଖ ସମସ୍ୟା । ସେପଟେ ଛତିଶଗଡ ସହ ମହାନଦୀକୁ ନେଇ ଲାଗି ରହିଛି ଜଳ ବିବାଦ । ଏହା ସମାଧାନର ନାଁ ଧରୁନାହିଁ । ଛତିଶଗଡ ପାଣି ନ ଛାଡିଲେ ଆଗକୁ ରାଜ୍ୟରେ ଜଳସଙ୍କଟ ଗୁରୁତର ହେବାର ଆଶଙ୍କା ପ୍ରକାଶ ପାଇଲାଣି । ଏପରି ସ୍ଥଳେ ବିଧାନସଭାରେ ଏ ସମ୍ପର୍କରେ ସେଭଳି କିଛି ବିଶେଷ ଆଲୋଚନା ହେଲାନାହିଁ । ସେହିପରି ଶହ ଶହ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ହରାଇ ରାଜରାସ୍ତାରେ ବସିଛନ୍ତି । ନିଯୁକ୍ତି ମେଳା ନାଁରେ ଆମେ ଡିଣ୍ଡିମ ପିଟୁଥିବା ବେଳେ ନିଯୁକ୍ତି ହରାଇଥିବା ଏମାନଙ୍କ କଥା ଶୁଣିବା ପାଇଁ କେହିନାହିଁ ।

ଏହାଛଡା ରାଜ୍ୟର ସୀମାବିବାଦକୁ ନେଇ ମଧ୍ୟ ଏବେ ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଛି । ଗୋଟିଏ ପଟେ ଆନ୍ଧ୍ର ଆମ ସୀମାକୁ ପଶିଆସୁଥିବାବେଳେ ଅନ୍ୟପଟେ ପଶ୍ଚିମବଙ୍ଗ ଦାଦାଗିରି ଆରମ୍ଭ କରିଛି । ସୀମାନ୍ତ କୋଟିଆ ଗ୍ରାମକୁ ଆନ୍ଧ୍ର ତା'ର ବୋଲି ଦାବି କଲାଣି । ଏହା ରାଜ୍ୟର ସାର୍ବଭୌମତ୍ୱର କଥା ହୋଇଥିଲେ ମଧ୍ୟ ଗୃହରେ ଏ ସମ୍ପର୍କରେ ଠୋସ ଆଲୋଚନା କରିବା ପାଇଁ କେହି ଆଗ୍ରହୀ ଥିଲା ପରି ମନେ ହେଉନାହିଁ । ଯଦି ଏଭଳି ପରିସ୍ଥିତି ଲାଗି ରୁହେ, ତାହାହେଲେ ସାଧାରଣ ଜନତା ନିର୍ବାଚିତ ପ୍ରତିନିଧିଙ୍କ ଠାରୁ କ'ଣ ଆଶା କରିବେ ତାହାହିଁ ଆଜିର ପ୍ରଶ୍ନ । ସବୁବେଳେ ଜନପ୍ରତିନିଧିମାନେ ସାଧାରଣ ଜନତାଙ୍କ ପାଇଁ ଆଦର୍ଶ ହୋଇଥାନ୍ତି । ଏଣୁ ଏମାନଙ୍କ ଆଚରଣ ଓ ଉଚ୍ଚାରଣ ଏଭଳି ହେବା ଉଚିତ, ଯେପରି ସେମାନେ ଜଣେ ଜଣେ ନିର୍ବାଚିତ ପ୍ରତିନିଧି ଭାବେ ଜନତାର ସ୍ୱାର୍ଥ ତଥା ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ଲଢେଇ କରୁଛନ୍ତି ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହେବ । ନଚେତ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇ ବିଧାନସଭାକୁ ଗଲାପରେ କେବଳ ଘଣ୍ଟ ବାଡେଇବା ବା ତୁରୀ ବଜେଇ ମିଡିଆ ଆଗରେ ପ୍ରତିକ୍ରିୟା ପ୍ରକାଶ କରିବା ଯଦି ସେମାନଙ୍କର ମୌଳିକ କର୍ତ୍ତବ୍ୟ ହୁଏ ,ତା' ହେଲେ ଦିନେ ହୁଏତ ସାଧାରଣ ଜନତାଙ୍କ ଦ୍ୱାରା ଏମାନେ ଯେ ପ୍ରତ୍ୟାଖ୍ୟାତ ନ ହେବେ ଏକଥା କୁହା ନ ଯାଇପାରେ ।

# ଅଟିଜିମ୍ ସଚେତନତା ଦିବସର ଅନୁଚିନ୍ତା

**ବିଶ୍ୱବିଜୟୀ ଦାଶ**

ଅଟିଜିମ୍ ଏକ ତ୍ରୁଟିଯୁକ୍ତ ଶାରୀରିକ ବିକାଶ ଯେଉଁଥିରେ ଅନ୍ୟ ଲୋକମାନଙ୍କ ସହିତ ସାମାଜିକ ଭାବ ବିନିମୟ ଓ ଯୋଗାଯୋଗ କରିବାରେ ସମସ୍ୟା ଦେଖାଯାଏ ଓ ସୀମିତ ତଥା ପୁନଃପୌନିକ ବ୍ୟବହାର ଦେଖାଯାଏ । ଶିଶୁର ପ୍ରଥମ ଦୁଇ ବା ତିନି ବର୍ଷ ମଧ୍ୟରେ ରୋଗ ଲକ୍ଷଣ ଲକ୍ଷ୍ୟ କରିପାରନ୍ତି । ଏକବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ନାଁ ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ । ନିଜ ଆଖପାଖ ଲୋକଙ୍କ ସହ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରିପାରନ୍ତି ନାହିଁ । ୧ରୁ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ ରୁହନ୍ତି କିମ୍ବା କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି ।

ଅଟିଜିମ୍ ହେଉଛି ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ ଯାହା ସାଧାରଣତଃ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ । ଏହି ରୋଗରେ ସାମାଜିକ ସମ୍ପର୍କ ସ୍ଥାପନ ଭାବର ଆଦାନପ୍ରଦାନ ଓ ଭାଷାର ପରିପ୍ରକାଶ ଆଦିରେ ଅସୁବିଧା ଦେଖାଯାଇଥାଏ ।

ଅଟିଜିମ୍ ରୋଗ ବିଭିନ୍ନ କାରଣରୁ ହୋଇପାରେ । ଜିନ୍‌ଗତ ପାରିପାର୍ଶ୍ୱିକ କାରଣଗୁଡ଼ିକ ଯୋଗୁ ଏହି ରୋଗ ଆରମ୍ଭ ହୋଇପାରେ । ପିଲା ଜନ୍ମ ପୂର୍ବରୁ ଓ ଜନ୍ମ ସମୟରେ ଘଟିଥିବା କେତେକ ସମସ୍ୟା ଏଥିପାଇଁ ଦାୟୀ ହୋଇପାରେ । ଗର୍ଭଧାରଣ ସମୟରେ ମାତାପିତାଙ୍କ ବୟସ ଅଧିକ ହୋଇଥିଲେ, ଗର୍ଭଧାରଣ ସମୟରେ ମାଆର ଶାରୀରିକ ଅସୁସ୍ଥତା, ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲାର ଜନ୍ମ ସମୟରେ ଓଜନ କମ୍ ହେବା ଓ ଜନ୍ମ ପରେ ପିଲା ଡେରିରେ କାନ୍ଦିବା ଆଦି କାରଣ ଯୋଗୁ ଅଟିଜିମ୍ ରୋଗ ହୋଇପାରେ ।

ଏହି ପିଲାମାନେ ନିଜ ମନର ଆବେଗକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ, ଯାହା ଫଳରେ ସେମାନେ ବିନା କାରଣରେ ହସନ୍ତି, କାନ୍ଦନ୍ତି ଏବଂ ରାଗନ୍ତି । କେତେକ ପିଲା ନିଜକୁ କ୍ଷତି କଲା ଭଳି ବ୍ୟବହାର ଯଥା– ନିଜକୁ କାମୁଡ଼ିବା, ମୁଣ୍ଡ ବାଡ଼େଇବା, ଚୁଟି ଟାଣିବା ଆଦି ବାରମ୍ବାର କରିଥାନ୍ତି ।ଏହି ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇଥାଏ । ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ । କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦ ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ । ଉକ୍ତ ରୋଗରେ ପିଲାମାନେ କେତେକ ନିର୍ଦ୍ଦିଷ୍ଟ ବ୍ୟବହାରକୁ ବାରମ୍ବାର କରିଥାନ୍ତି । ଯେମିତିକି ଆଗକୁ ପଛକୁ ଦୋହଲିବା, ଆଖି ଆଗରେ ଆଙ୍ଗୁଠି ମୋଡ଼ିବା, ଗୋଲ ଗୋଲ ହୋଇ ଘୂରିବା, କେତେକ ନିର୍ଦ୍ଦିଷ୍ଟ ଶବ୍ଦକୁ ବାରମ୍ବାର କହିବା ଆଦି । ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ । ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳନା ସହ ଖେଳି ନ ଥାନ୍ତି । ଘରକରଣା ଜିନିଷ ଯଥା– ସାବୁନ, ଦଉଡ଼ି ଓ ମଗ ଆଦି ସହିତ ଖେଳିବାକୁ ବେଶି ପସନ୍ଦ କରି ଥାନ୍ତି । ଅନ୍ୟ ପିଲାମାନଙ୍କ ସହ ନ ଖେଳି ସବୁବେଳେ ଏକୁଟିଆ ଖେଳିଥାନ୍ତି । ଏହି ପିଲାମାନେ କୌଣସି ଉଚ୍ଚ ଶବ୍ଦ କିମ୍ବା ଅତି ଉଜ୍ଜ୍ୱଳ ଆଲୋକ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି ଏବଂ ଏସବୁ ପ୍ରତି ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରନ୍ତି ।ପ୍ରାରମ୍ଭିକ ଅବସ୍ଥାରେ ଶିଶୁମାନଙ୍କ ଠାରେ ନିମ୍ନଲିଖିତ କୌଣସି ଲକ୍ଷଣ ଦେଖାଗଲେ ଅଟିଜିମର ସନ୍ଦେହ ସୃଷ୍ଟି ହୋଇଥାଏ ।

୧୨ ମାସ ବୟସ ସୁଦ୍ଧା ପିଲା କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରି ନ ପାରିବା । ୧୨ମାସ ବୟସ ସୁଦ୍ଧା ଆଙ୍ଗୁଠି ଦେଖାଇ ନ ପାରିବା କିମ୍ବା କୌଣସି ଅଙ୍ଗଭଙ୍ଗୀ ଦେଖାଇ ନ ପାରିବା । ୧୬ ମାସ ବୟସ ସୁଦ୍ଧା ଗୋଟିକିଆ ଶବ୍ଦ କହି ନ ପାରିବା । ୨୪ ମାସ ବୟସ ସୁଦ୍ଧା ଦୁଇ ଶବ୍ଦ ବିଶିଷ୍ଟ ବାକ୍ୟ କହି ନ ପାରିବା ।

ଅଟିଜିମ୍‌ରେ ଆକ୍ରାନ୍ତ ପିଲାମାନଙ୍କଠାରେ ନାନା ପ୍ରକାର ଶାରୀରିକ ସମସ୍ୟା ଯଥା ଅପସ୍ମାର ବାତ ବିଭିନ୍ନ ପେଟଜନିତ ସମସ୍ୟା ଏବଂ କେତେକ ନିର୍ଦ୍ଦିଷ୍ଟ ଜିନ୍ଗତ ରୋଗ ଆଦି ଦେଖାଯାଇଥାଏ । ଏଥିସହ ଅନ୍ୟ କେତେକ ମାନସିକ ସମସ୍ୟା ଯଥା– ଚଞ୍ଚଳାମି ରୋଗ, ମାନସିକ ଉଦ୍‌ବେଗ ରୋଗ, ଅବସାଦ ରୋଗ ଓ ନିଦ୍ରାହୀନତା ଆଦି ମଧ୍ୟ ଦେଖାଯାଇ ଥାଏ । ଏହି ରୋଗରେ ଅନେକ ପିଲାଙ୍କର ବୃଦ୍ଧିର ଠିକ୍ ବିକାଶ ହୋଇ ନ ଥାଏ ।

ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ । ଏଥି ନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନ୍ସୋରି ଇଣ୍ଟିଗ୍ରେସନ ଥେରାପି ଓ ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ । ଅଭିଭାବକମାନେ ଡାକ୍ତରଙ୍କଠାରୁ ସମସ୍ତ ବ୍ୟବହାରିକ ଚିକିତ୍ସା ପଦ୍ଧତିଗୁଡ଼ିକୁ ଜାଣିରଖିବା ଉଚିତ । ପିଲା ସହ ଏହି ଚିକିତ୍ସା ପଦ୍ଧତି ଅନୁସାରେ ବ୍ୟବହାର କଲେ ତା'ର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ । ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ । ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ । ଅଟିଜିମ୍ ସହ ଦେଖା ଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ମଧ୍ୟ ଉପଯୁକ୍ତ ଚିକିତ୍ସା ଜରୁରୀ । ଅଭିଭାବକମାନେ ଧୈର୍ଯ୍ୟର ସହିତ ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଉନ୍ନତି ଦେଖାଯାଇଥାଏ ।

ଅଟିଜିମ୍ ଆକ୍ରାନ୍ତ ଶିଶୁ ଅତି ସବଳ ନହେଲେ ମଧ୍ୟ ଦୁର୍ବଳ ହୁଏ ନାହିଁ । ତେଣୁ ଏମାନଙ୍କର ଚିକିତ୍ସାର ଆବଶ୍ୟକତା ପଡେ । ଯଥା– କଥୋପକଥନ, ଶାରିରୀକ ବ୍ୟାୟାମ , ବ୍ୟବହାରିକ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା, ଖେଳ ମାଧ୍ୟମରେ କିଛି ମାତ୍ରାରେ ସୁଧାର ଆସିପାରେ । ଏହି ପିଲାମାନଙ୍କୁ ବୁଝିବା ଏବଂ ବୁଝାଇବା ତଥା ଶିକ୍ଷା ଦେବାପାଇଁ ଅସୀମ ଧୈର୍ଯ୍ୟ,ସ୍ନେହ ଆଦରର ଆବଶ୍ୟକତା ରହିଥାଏ । ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ/ ଥେରାପିଷ୍ଟ/ ଅଭିଜ୍ଞ ଡାକ୍ତରୀ ଜ୍ଞାନ ସମ୍ପନ୍ନ ବ୍ୟକ୍ତିଦ୍ୱାରା ଚିକିତ୍ସା କଲେ,ଉପକାର ମିଳିବାର ସମ୍ଭାବନା ଅଧିକ । ଏଥିପାଇଁ ବାପା, ମାଆ, ପରିବାରର ଲୋକ, ସାହିପଡ଼ୋଶୀ ପିଲାଟିର ସମବୟସ୍କ ଅନ୍ୟ ସାଧାରଣ ଶିଶୁ ତଥା ସମାଜର ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଅଟିଜିମ୍ ଆକ୍ରାନ୍ତ ପିଲାଙ୍କୁ ଭଲ କରିବାରେ ପିତାମାତା,ମନସ୍ତତ୍ତ୍ୱବିତ୍, ଥେରାପିଷ୍ଟ ଓ ଦକ୍ଷ ତାଲିମ ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାଟି ଏକ ମୁହୂର୍ତ୍ତରେ କ'ଣ କରୁଛି ତାଙ୍କୁ ବିଚାରକୁ ନେଇ ଆନୁସଙ୍ଗିକ ସୁବିଧା ଯୋଗାଇବା ଦରକାର । ଅଟିଜିମ୍ ଏକ ରୋଗ ଅସୁସ୍ଥତା ଅଂଶଭୁକ୍ତ ବୋଲି ଭାବିବା ଠିକ୍ ହେବନି, ବରଂ ଏହା ଏକ ଭିନ୍ନ ଧରଣର ବ୍ୟବହାର ବୋଲି ଧରି ସୁଧାର ଆଣିବାକୁ ଚେଷ୍ଟିତ ହେଲେ, ଅଟିଷ୍ଟିକ୍ ଶିଶୁଟି ସମାଜର ମୁଖ୍ୟ ସ୍ରୋତକୁ ଫେରିବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ସଚେତନତା ନିମନ୍ତେ ପ୍ରତିବର୍ଷ ଅପ୍ରେଲ ୨ ତାରିଖକୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବରେ ପାଳନ କରାଯାଉଛି ।

ଅଟିଜିମ ଏକ ଭିନ୍ନତା ହୋଇପାରେ,ଏହା ଆମ ସାମଜ ପାଇଁ ବୋଝ ନୁହେଁ । ତେଣୁ ଏ ସମ୍ପର୍କରେ ଲୋକମାନଙ୍କ ଭିତରେ ଅଧିକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଅଭିଭାବକ,ସ୍ୱେଚ୍ଛାସେବୀ ସଙ୍ଗଠନମାନେ ଏ ଦିଗରେ ଆଗେଇ ଆସିବା ଜରୁରୀ । ଅଟିଜିମ ପୀଡ଼ିତଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କୁ ଉଚିତ ସମ୍ମାନ ଦେବା ଲାଗି ସମସ୍ତେ ମିଳିତ ଭାବେ କାମ କରିବା ଦରକାର ବୋଲି ଆଜିର ଦିନରେ ପ୍ରତିଜ୍ଞାବଦ୍ଧ ହେବା ଆବଶ୍ୟକ ।

**ବାଣପୁର, ଖୋର୍ଦ୍ଧା**
**ମୋ– ୬୩୭୦୨୦୮୪୨୮**

# ବିଦ୍ୟୁତଚାଳିତ ଯାନ: ପରିବହନର ଭବିଷ୍ୟତ !

**ହିତାଂଶୁ ଶେଖର ମହାନ୍ତ**

ପୃଥିବୀ ପୃଷ୍ଠରୁ ଧୀରେ ଧୀରେ ସରି ଆସୁଛି ପେଟ୍ରୋଲିୟମ୍ ଇନ୍ଧନ । ଏହାର କ୍ରମହ୍ରାସମାନତାକୁ ଲକ୍ଷ୍ୟ କରି ବର୍ତ୍ତମାନ ସମୟରେ ବିଦ୍ୟୁତ ଚାଳିତ ଯାନ ପୃଥିବୀରେ ପରିବହନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । କେବଳ ପେଟ୍ରୋଲିୟମର ସ୍ୱଳ୍ପତା ନୁହେଁ, ପରନ୍ତୁ ପରିବେଶ ପ୍ରଦୂଷଣରେ ମଧ୍ୟ ଏହାର ସିଂହଭାଗ ଯୋଗଦାନ ରହୁଥିବାରୁ ଏଥିରୁ ନିବୃତ୍ତି ପାଇବାକୁ ବୈଦ୍ୟୁତିକ ଯାନ ଏକମାତ୍ର ବିକଳ୍ପ ଭାବରେ ଉଭା ହୋଇଛି । ଏପରି ସମୟରେ ଏଭଳି ଯାନ(ଇଭି)ର ବ୍ୟାଟେରୀ ଉତ୍ପାଦନରେ ବ୍ୟବହୃତ ହେଉଥିବା ୨୮ଟି ଉତ୍ପାଦ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରି ଭାରତ ଏହାର ଉତ୍ପାଦନ ବୃଦ୍ଧି ଦିଗରେ ଏକ ବଳିଷ୍ଠ ଓ ସକାରାତ୍ମକ ହାତ ବଢ଼ାଇଛି ।

ଅବଶ୍ୟ ଏହାପଛର କାରଣ ଆମେରିକାର ହୁଙ୍କାର ହୋଇଥାଇପାରେ କିମ୍ବା ଭାରତ ଦ୍ୱାରା ରପ୍ତାନୀ କରାଯାଉଥିବା ଦ୍ରବ୍ୟ ଉପରୁ ଆମେରିକାର 'ଶୁଳ୍କ ଆକ୍ରୋଶ'ରୁ ରକ୍ଷା ପାଇବାକୁ ଏକ ପ୍ରୟାସ ହୋଇପାରେ । ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବାକୁ ଆମେରିକା ପ୍ରତି ଏହା କେନ୍ଦ୍ର ସରକାରଙ୍କ ମନୋଭାବ । କାରଣ ବୈଦ୍ୟୁତିକ ଯାନର ଏସବୁ ପାର୍ଟ୍ସ ଆମେରିକାରେ ଉତ୍ପାଦିତ ହେଉଛି ଓ ଭାରତ ତାହା ଆମଦାନୀ କରୁଛି । ତେବେ କାରଣ ଯାହା ବି ଥାଉନା କାହିଁକି, ଏହାଦ୍ୱାରା ଘରୋଇ ସ୍ତରରେ ବୈଦ୍ୟୁତିକ ଯାନ (ଇଭି)ର ଉତ୍ପାଦନ ବୃଦ୍ଧି ପାଇବ । ଏଥିରେ ନିୟୋଜିତ ଥିବା ଉଦ୍ୟୋଗଗୁଡ଼ିକ ମଧ୍ୟ ଉତ୍ସାହିତ ହୋଇ ଏହାର ଉତ୍ପାଦନ ବଢ଼ାଇବେ ।

ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ପ୍ରସ୍ତାବିତ ଏବଂ ସଂସଦରେ ଔପଚାରିକ ଭାବରେ ପାରିତ ଅର୍ଥ ବିଧେୟକ–୨୦୨୫ ଏ ଦିଗରେ ସରକାରଙ୍କ ପକ୍ଷରୁ ଏକ ବଳିଷ୍ଠ ସଙ୍କେତ ବୋଲି ଗଣାଯାଉଛି । ମାର୍ଚ୍ଚ ଆରମ୍ଭରୁ ବୈଦ୍ୟୁତିକ ଯାନ କ୍ଷେତ୍ରରେ ଚୀନର ସର୍ବବୃହତ୍ କମ୍ପାନୀ 'ବିୱାଇଡି' ତା'ର 'ସୁପର ଇ–ପ୍ଲାଟଫର୍ମ' ଉନ୍ମୋଚିତ କରିଛି । ଏହି ପ୍ଲାଟଫର୍ମ ବିଦ୍ୟୁତ ଚାଳିତ ଯାନକୁ ମାତ୍ର ୫ ମିନିଟ୍ ଚାର୍ଜିଂରେ ୫୦୦ କିଲୋମିଟର ଯିବାର ଶକ୍ତି ପ୍ରଦାନ କରୁଛି । ଏହା ଇଭିକୁ ନେଇ ଥିବା ଅନେକ ନକାରାତ୍ମକ ଚିନ୍ତାକୁ ଦୂରେଇବାରେ ସହାୟକ ହେଉଛି । ମୁଖ୍ୟତଃ ଖର୍ଚ୍ଚକୁ ନେଇ ଭାରତ ପରି ଦେଶରେ ଲୋକଙ୍କ ଚିନ୍ତା ଏହାଦ୍ୱାରା କିଛିଟା ହ୍ରାସ ପାଇବ । ଗୋଟିଏ କଥା, ବର୍ତ୍ତମାନ ଯଦି ପେଟ୍ରୋଲ୍ ପମ୍ପ ଭଳି ଦେଶର ସବୁଠାରେ ଇଭି ଚାର୍ଜିଂ ଷ୍ଟେସନ ଖୋଲାଯାଏ, ତେବେ ବୈଶ୍ୱିକ ସ୍ତରରେ ବୈଦ୍ୟୁତିକ ଯାନର ବ୍ୟବହାର ଲମ୍ଫ ପ୍ରଦାନ କଲାଭଳି ବୃଦ୍ଧି ପାଇବ ।

ଆଉ ଏକ କଥା, ଗୋଟିଏ ବୈଦ୍ୟୁତିକ ଯାନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବା ପାର୍ଟ୍ସ ହେଉଛି ତାହାର ବ୍ୟାଟେରୀ । ଏହା ଉକ୍ତ ଯାନର ସମୁଦାୟ ମୂଲ୍ୟର ୪୦ ପ୍ରତିଶତ କିମ୍ବା ସ୍ଥଳ ବିଶେଷରେ ଏହାଠାରୁ ମଧ୍ୟ ଅଧିକ ହୋଇଥାଏ । ତେଣୁ ବୈଦ୍ୟୁତିକ ଯାନ, ପେଟ୍ରୋଲିୟମ୍ ଜାତ ଇନ୍ଧନ ବ୍ୟବହୃତ ହେଉଥିବା ଯାନଠାରୁ ପ୍ରାୟ ଦୁଇଗୁଣ ଅଧିକ ମୂଲ୍ୟରେ ବିକ୍ରି ହୁଏ । ଏହି ଅଧିକ ମୂଲ୍ୟ ହିଁ ଭାରତ ଭଳି ନିମ୍ନ ଆୟକାରୀ ରାଷ୍ଟ୍ରଗୁଡ଼ିକରେ ଏଭଳି ଯାନବାହନର ବ୍ୟବହାରକୁ ଉତ୍ସାହିତ କରୁନାହିଁ । ତେଣୁ ଇନ୍ଧନ ତୈଳ ଆମଦାନୀ କମ୍ ହେବାଯୋଗୁଁ ଦେଶ ତଥା ବ୍ୟବହାରକାରୀଙ୍କ ପକେଟକୁ ଦୀର୍ଘମିଆଦି ଲାଭ ହେବାର ସମ୍ଭାବନା ଥିଲେ ମଧ୍ୟ ଯାନର ମାତ୍ରାଧିକ ମୂଲ୍ୟ ଏଥିପ୍ରତି ଗ୍ରାହକଙ୍କୁ ଆକର୍ଷିତ କରିପାରୁ ନ ଥିଲା । ଏହାଛଡ଼ା ବ୍ୟାଟେରୀ ଉତ୍ପାଦନରେ ସ୍ୱଦେଶୀ ଜ୍ଞାନକୌଶଳର ବ୍ୟବହାର ଅତ୍ୟନ୍ତ ନଗଣ୍ୟ ଥିବାରୁ ମଧ୍ୟ ଦେଶବାହାରୁ ବ୍ୟାଟେରୀ (ଯେଉଁଥିରେ କି ଚୀନର ଅଖଣ୍ଡ ଆଧିପତ୍ୟ ରହିଛି) କିଣିବାକୁ ଭାରତ ବାଧ୍ୟ ହେଉଛି । ଫଳରେ ଏହି ଯାନର ସାମଗ୍ରିକ ମୂଲ୍ୟ ବୃଦ୍ଧି ପାଉଛି । ଯାହା ଏଥିପ୍ରତି ଗ୍ରାହକଙ୍କ ଆକର୍ଷଣରେ ଭଟ୍ଟା ପକାଇବାର ପ୍ରମୁଖ କାରଣ । ଆନ୍ତର୍ଜାତିକ ସ୍ତରରେ 'ଇଭି' ବ୍ୟାଟେରୀ ଉତ୍ପାଦନର ୭୦ ପ୍ରତିଶତରୁ ଅଧିକ କେବଳ ଚୀନ୍ ହାତରେ ରହିଛି । ଫଳରେ ସ୍ୱାଭାବିକ ଭାବରେ ଏଗୁଡ଼ିକର ଦର ନିର୍ଦ୍ଧାରଣ କ୍ଷମତା ମଧ୍ୟ ଚୀନ୍ ଜାବୁଡ଼ି ଧରି ବସିଛି । ଲିଥିୟମ୍–ଆଇରନ୍–ଫସଫେଟ୍(ଏଲଏଫପି) ବ୍ୟାଟେରୀ ଏହାର କମ୍ ଉତ୍ପାଦନ ଖର୍ଚ୍ଚ ଏବଂ ଉଚ୍ଚକ୍ଷମତା ଯୋଗୁଁ ଗତ ପାଞ୍ଚ ବର୍ଷ ଧରି ଏହି ଉଦ୍ୟୋଗର ମେରୁଦଣ୍ଡ ସାଜିଛି ।

ଗତ ବର୍ଷ (୨୦୨୪) ଚୀନରେ ସମୁଦାୟ କାର୍ ପଞ୍ଜିକରଣର ୪୫ ପ୍ରତିଶତ କେବଳ ବିଦ୍ୟୁତ ଚାଳିତ ଗାଡ଼ି (ଇଭି) ହିଁ ଥିଲା । ଅପରପକ୍ଷରେ ଭାରତରେ ଏହାର ପରିମାଣ ଥିଲା ମାତ୍ର ୨ପ୍ରତିଶତ । ତେବେ ଭାରତରେ ଦୁଇଚକିଆ ଇଭି ବିକ୍ରୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖିବାକୁ ମିଳିଛି । ୨୦୨୪ରେ ଭାରତରେ ୧୧,୪୦,୦୦୦ଦୁଇଚକିଆ ବିଦ୍ୟୁତ ଚାଳିତ ଗାଡ଼ି ବିକ୍ରି ହୋଇଛି । ଏହା ସମୁଦାୟ ବୈଦ୍ୟୁତିକ ଯାନ ବିକ୍ରିର ପ୍ରାୟ ୬୦ ପ୍ରତିଶତ । ଏଥିରୁ ଗୋଟିଏ କଥା ସ୍ପଷ୍ଟ, ଲୋକେ ବାଇକ୍ ଓ ସ୍କୁଟରର ବିକଳ୍ପ ଭାବରେ ବିଦ୍ୟୁତ ଚାଳିତ ଦୁଇଚକିଆ ଗାଡ଼ିକୁ ସହଜରେ ଗ୍ରହଣ କରି ନେଇଥିବାବେଳେ ଚାରିଚକିଆ କିମ୍ବା ତଦୁର୍ଦ୍ଧ୍ୱର ବିକଳ୍ପ ଭାବରେ ଏହାକୁ ସେଭଳି ଗ୍ରହଣ (ହୁଏତ ଏହାର ମୂଲ୍ୟ ପାଇଁ) କରିପାରି ନାହାନ୍ତି । ତେବେ ଭାରତ ଭଳି ବିଶାଳ ଦେଶର ରାସ୍ତାରେ ଗଡୁଥିବା ଏବଂ ପରିବେଶକୁ ପ୍ରଦୂଷିତ କରୁଥିବା ବିଲିୟନ୍ ବିଲିୟନ୍ ପେଟ୍ରୋଲିୟମ୍ ଚାଳିତ ଗାଡ଼ିରୁ ନିର୍ଗତ ହେଉଥିବା କାର୍ବନରୁ ତ୍ରାହି ପାଇବାକୁ ସବୁ ସ୍ତରରେ ସକାରାତ୍ମକ ଉଦ୍ୟମ ହେବା ଆବଶ୍ୟକ । ସେଥିପାଇଁ ଭାରତକୁ ଇଭି ବ୍ୟାଟେରୀର ବୈଶ୍ୱିକ ମୂଲ୍ୟ ଶୃଙ୍ଖଳାର ଅପ୍ ଷ୍ଟ୍ରିମ୍ (ଖନନ ଏବଂ ଶୋଧନ) ଏବଂ ଡାଉନ୍ ଷ୍ଟ୍ରିମ୍ (ଉତ୍ପାଦନ ଏବଂ ସଂଯୋଜନ) ଉଭୟଟି ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ । ଏହା କେବଳ ବାହାର ଦେଶରୁ ବ୍ୟାଟେରୀ ଆମଦାନୀ କମ୍ କରିବାରେ ସହାୟକ ହେବନାହିଁ, ଅଧିକନ୍ତୁ ବିକଶିତ ଦେଶଗୁଡ଼ିକ ଦୃଷ୍ଟିରେ ଭାରତକୁ ଚୀନର ଏକ ବିଶ୍ୱସନୀୟ ବିକଳ୍ପ ଭାବରେ ମଧ୍ୟ ଛିଡ଼ା କରିଦେବ ।

'ଇଭି' କ୍ଷେତ୍ରରେ ଭାରତର ଦୀର୍ଘକାଳୀନ ସଫଳତା ଅନୁକୂଳ ବ୍ୟବସାୟୀ ନୀତିର ଲାଭ ଉଠାଇବାକୁ, ଗବେଷଣା ଓ ବିକାଶରେ ନିବେଶ କରିବାକୁ ତଥା ବୈଶ୍ୱିକ ବ୍ୟାଟେରୀ ବଜାରରେ ସ୍ଥିତି ଜାହିର କରିବାରେ ମଧ୍ୟ ସାହାଯ୍ୟ କରିବ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ଭାରତ ୨୮ଟି ବୈଦ୍ୟୁତିକ ଗାଡ଼ି ଉତ୍ପାଦ ଉପରୁ ଶୁଳ୍କ ହ୍ରାସ କରି ନିଶ୍ଚିତ ଗୋଟିଏ ଗୁଳିରେ ଦୁଇଟି ଶିକାର (ଆମେରିକା ସହ ସମ୍ପର୍କରେ ଉନ୍ନତି ଓ ଘରୋଇ ବଜାରରେ 'ଇଭି' ବ୍ୟବହାରକୁ ପ୍ରୋତ୍ସାହନ) କରିଛି ।

**ମଦରଙ୍ଗାଯୋଡ଼ି, ଯଶିପୁର,**
**ମୟୂରଭଞ୍ଜ**

# ରାମରୂପ...

**ମନୋଜ କୁମାର ବେହେରା**

ଶ୍ରୀ ରାମଚରିତ ମାନସରେ କିଛି ବି ଅପ୍ରିୟ ନୁହେଁ । ଏହାସବୁ ଧର୍ମ ଆଉ ପ୍ରାଣୀଙ୍କର ହିତର ସମର୍ଥକ ଗ୍ରନ୍ଥ ଅଟେ । ଏଥିରେ କୌଣସି ବିବାଦ ନାହିଁ । ରାମଚରିତ ମାନସରେ ତୁଳସୀ ଦାସ ବିନା କୌଣସି ଧର୍ମ ଆଉ ଜାତିର ନାମନେଇ କୁହନ୍ତିକି ଧନ୍ୟ ସେହି ପୁତ୍ରର ଜନ୍ମ, ଯାହାର ସୁନ୍ଦର ଚରିତ୍ରର ଚର୍ଚ୍ଚା ଶୁଣିକରି ପିତାଙ୍କୁ ଆନନ୍ଦ ଆସିଥାଏ ।

ଅମୃତବାଣୀ

ଏହାହିଁ ଶ୍ରୀରାମଚରିତମାନସର ସର୍ବକାଳିକ ବ୍ୟାପକ ଆଉ ପ୍ରାସଙ୍ଗିକ । ଭରତ ଚିତ୍ରକୂଟ ଯାଇକରି ଭଗବାନ ଶ୍ରୀରାମଙ୍କୁ ଦର୍ଶନ କରି ଅନୁରୋଧ କରିଛନ୍ତି । ଭଗବାନ ଶ୍ରୀରାମ ଭରତଙ୍କୁ ନିଜର ପାଦୁକା ଦେଇଛନ୍ତି । ଭରତଙ୍କୁ ଲାଗିଲାକି ଏହା ପାଦୁକା ନୁହେଁ, ସାକ୍ଷାତ ଶ୍ରୀରାମ ଆଉ ସୀତା ଅଟନ୍ତି । ରାମ ଚରିତ ମାନସ ତ ଜଡରୁ ମଧ୍ୟ ଚୈତନ୍ୟକୁ ହିଁ ଦର୍ଶନ କରେଇଥାଏ । ଯଦି ଆମ ମାନଙ୍କ ସମ ଜଡିତ ହେଇ ଦେଖ, ତା ହେଲେ ଏହା କହିବ କି,'ମୁକୁରମିଳନ ଅରୁ ନୟନ ବିହୀନା । ରାମରୂପ ଦେଖ ହିଁକିମି ଦୀନା' । ଅର୍ଥାତ୍ ଯାହାର ମନର ଦର୍ପଣରେ ମଇଳା ଥାଏ ଆଉରାମଙ୍କୁ ଦେଖିବାବାଲା ନେତ୍ରର ଅଭାବ ଥାଏ, ତାଙ୍କୁ ରାମ କେମିତି ଦେଖା ଦେବେ ?



ଶ୍ରୀରାମଚରିତ ମାନସର ପରମ ଲକ୍ଷ୍ୟ ସମାଜ କଲ୍ୟାଣ ଆଉ ସମସ୍ତଙ୍କ ହିତରେ ହେଉ । ଏହିକଥା ସମ୍ପୂର୍ଣ୍ଣ ଲୋକରହିତ କରିବା ବାଲା ଅଟେ । 'କଥା ଜୋସକଳଲୋକହିତକାରୀ । ସୋଇ ପୁଛନ ଚହସେଲକୁମାରୀ' । ସମସ୍ତଙ୍କ କଲ୍ୟାଣର ଭାବ ହିଁ ତୁଳସୀ ଦାସଙ୍କ ଉଦ୍ଦେଶ୍ୟ ଅଟେ । ରାମଚରିତ ମାନସର ରାମ ତ ନିଜର ବିରୋଧୀର ମଧ୍ୟ ହିତ ଚାହିଁଥିଲେ । ଅଙ୍ଗଦଙ୍କୁ ଲଙ୍କାକୁ ପଠେଇବା ସମୟରେ ଶ୍ରୀରାମ କହିଲେ,ହେ ଅଙ୍ଗଦ ! ରାବଣଙ୍କ ସହିତ ସମ୍ବାଦ କରିବା ସମୟରେ ଏହି କଥାର ଧ୍ୟାନ ରଖିବକି ଆମର କାର୍ଯ୍ୟ ହେଇଯାଉ ଆଉ ରାବଣର ମଧ୍ୟ କୌଣସି ଅହିତ ନ ହେଉ । ରାମ ସମସ୍ତଙ୍କର ପ୍ରିୟ ଏବଂ ହିତକାରୀ ଅଟନ୍ତି । ଦୁଃଖ, ସୁଖ, ପ୍ରଶଂସା ଅଥବା ଅପଶବ୍ଦ ଶୁଣିକରି ମଧ୍ୟ ଏକ ରସ ରହିଥାନ୍ତି ।

**ବାୟାବାବା ମଠ ଲେନ୍,**
**ୟୁନିଟ୍–୯(ଫ୍ଲାଟ),ଭୁବନେଶ୍ୱର–୨୨**
**ମୋ–୭୯୭୮୮୩୦୬୧୧**

# ଓଡ଼ିଆଙ୍କ ପ୍ରିୟ ପଖାଳ

**ଇଂ. ପ୍ରତ୍ୟୁଷ କୁମାର ବେହେରା**

ଭାରତର ପୂର୍ବାଞ୍ଚଳ ରାଜ୍ୟ ବିଶେଷ ଭାବେ ଆମ ଓଡ଼ିଶା ଲୋକଙ୍କ ପ୍ରମୁଖ ଖାଦ୍ୟ ହେଉଛି ପଖାଳ । କହିବାକୁ ଗଲେ ଓଡ଼ିଶାରେ କୋଣ ଅନୁକୋଣରେ ପଖାଳ ପ୍ରତି ବିଶେଷ ଭଲ ପାଇବା ରହିଛି । କେବଳ ଆମ ରାଜ୍ୟ ନୁହେଁ ବରଂ ବିଦେଶରେ ରହୁଥିବା ଆମ ଭାଇ ଭଉଣୀ ମଧ୍ୟ ଏହାକୁ ନିଜେ ଖାଇବା ସହିତ ବିଦେଶୀଙ୍କୁ ପଖାଳର ସ୍ୱାଦ ଜଣାଉଛନ୍ତି । ଭାତରେ ପାଣି ମିଶାଇ ରନ୍ଧା ହେବା ପରେ ଖାଇଲେ ତାହାକୁ ଚାଇଁ ପଖାଳ ।

ସେହିଦିନ ତାକୁ ଖାଇଲେ ସଜ ପଖାଳ କୁହାଯାଏ । ମାତ୍ର ଭାତକୁ ବତୁରାଇ ପରଦିନ ଖାଇଲେ ତାହା ବାସି ପଖାଳ ହୋଇ ଖିଆ ଯାଇଥାଏ । ସେହିପରି ଅନେକଗୁଡ଼ିଏ ପଖାଳ ରହିଛି ଯଥା– ସୁବାସ ପଖାଳ, ଚିପୁଡ଼ା ପଖାଳ, ପାଣି ପଖାଳ, ଦହି ପଖାଳ, ମିଠା ପଖାଳ, ମଲ୍ଲିଫୁଲ ପଖାଳ, ଟଭା ପଖାଳ ଆଦି ।

ପଖାଳର ଇତିହାସକୁ ଯଦି ଆମେ ଖୋଜିବା ତେବେ ଏହା କେବଳ ଓଡ଼ିଶା ପ୍ରଦେଶରେ ହିଁ ପ୍ରମୁଖ ଖାଦ୍ୟ ରୁପେ ଲୋକପ୍ରିୟ ଓ ପ୍ରାଚୀନ । ବର୍ତ୍ତମାନ ଅବଶ୍ୟ ଏହା ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିଲାଣି । ଏହା ଆମ ରାଜ୍ୟର ପ୍ରମୁଖ ଖାଦ୍ୟ ହୋଇଥିବା ବେଳେ, ପଶ୍ଚିମବଙ୍ଗରେ ପନ୍ତଭାତ୍ , ଆସାମରେ ପୋଇତା ଭାତ, ଛତିଶଗଡ଼ରେ ବୋରେ ଭାତ, ଭୋଜପୁରୀରେ ମାରା ଭାତ ,ମାଲାୟାଲାମରେ ବଲ୍ଲୁ ଚୋରୁ, ଝାଡଖଣ୍ଡରେ ପାନି ଭାତ ଓ ଗୁଜୁରାଟରେ ପଖାଲ୍ ଭାତ ବୋଲି କୁହନ୍ତି ।

ପଖାଳ ଶ୍ରୀଜଗନ୍ନାଥଙ୍କ ଅନ୍ୟତମ ଅତ୍ୟନ୍ତ ପ୍ରିୟ ଖାଦ୍ୟ ।

ବିଶେଷଭାବେ ଅନୁଶୀଳନ କରିଲେ ପଖାଳରେ ଅନେଗୁଡ଼ିଏ ଔଷଧୀୟ ଗୁଣ ରହିଛି । ପଖାଳ ଖାଇଲେ ନିଦ ଭଲ ହୁଏ । ଏଥିରେ ଲୌହସାର, ପଟାସିୟମ, କ୍ୟାଲସିୟମ ସହ ଭିଟାମିନ ଇ୬ ଏବଂ ଇ୧୨ ଅଛି । ପଖାଳରେ ଥିବା (ପ୍ରୋବାୟଟିକସ୍ ) ମଣିଷର ବାର୍ଦ୍ଧକ୍ୟଜନିତ ରୋଗର ଉପଶମ ନିମିତ୍ତ ବହୁ ଦରକାରୀ ହୋଇଥାଏ । ବିଶେଷଜ୍ଞଙ୍କ ମତାନୁସାରେ ପଖାଳରେ ଶତକଡ଼ା ୨୮ ଭାଗ ଭିଟାମିନ ରହିଛି । ପଖାଳ ତୋରାଣିରେ ପାକସ୍ଥଳୀର ସମସ୍ତ ରୋଗ ନାଶ କରିବା ଶକ୍ତି ରହିଛି ।

ଆମ ଓଡ଼ିଆ ସାହିତ୍ୟରେ ପଖାଳର ପ୍ରସିଦ୍ଧି ବିଷୟରେ ଅନେଗୁଡ଼ିଏ ତଥ୍ୟ ଓ ରଚନା ରହିଛି । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କର ଗୀତି କବିତା– 'ଓଡ଼ିଆ ଜୀବନ ଦୁଆ ଶାଗ ପଖାଳ ,ଜଗନ୍ନାଥ ରସୀ ଖାଏ ମନେ ତୁ ଭାଳ । ଚାଖି ନାହିଁ ଯିଏ ଥରେ, ଧିକ୍ ତା ଜନମରେ, ..., ଆସ ଜୀବନ ଧନ, ମୋର ପଖାଳ କଂସା । ସୁଗାୟକ ବାଳକୃଷ୍ଣ ଦାସଙ୍କ କଣ୍ଠରେ ଓଡ଼ିଆ ମାନଙ୍କ ଦ୍ୱାରା ବହୁ ଭାବରେ ଆଦୃତ ହୋଇଥିଲା । ଭିନ୍ନ ଭିନ୍ନ ଋତୁରେ ପଖାଳ ଖାଇବା ମଜା ବି ଭିନ୍ନ ହୋଇଥାଏ । ଗରିବଙ୍କ ଠାରୁ ଧନୀ, ପିଲାଠୁ ବୃଦ୍ଧ ସଭିଙ୍କ ପ୍ରିୟ ଆମ ପଖାଳ ।

**ଅଧ୍ୟାପକ,ବାଲେଶ୍ୱର**
**ମୋ– ୭୫୦୪୦୮୧୮୬୩**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ବରପୁତ୍ରଙ୍କ...

କରିଯାଇଛନ୍ତି, ସେ ଋଣକୁ ଆମେ କେବେ ବି ସୁଝି ପାରିବୁ ନାହିଁ । ତେବେ ଏକ ସମୃଦ୍ଧ ଓଡିଶା ଗଠନ କରି ସେମାନଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ, ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଢ଼େ ଚାରି କୋଟି ଓଡ଼ିଶାବାସୀ ଯେତେବେଳେ ଏକଜୁଟ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆଗେଇ ଚାଲିବେ, ସେତେବେଳେ ପୃଥିବୀର କୌଣସି ଶକ୍ତି ତାଙ୍କୁ ଅଟକେଇ ପାରିବେ ନାହିଁ । ସାଢ଼େ ଚାରି କୋଟି ଓଡ଼ିଆଙ୍କ ସ୍ୱପ୍ନ ପୂରଣ ହେବ । ଲକ୍ଷ୍ୟ ସଫଳ ହେବ । ଓଡିଶାର ଏହି ମହା ପରିବର୍ତ୍ତନର ଯାତ୍ରାରେ ସମସ୍ତେ ସାମିଲ ହୋଇ ସମୃଦ୍ଧ ଓଡ଼ିଶାର ମହାନ ଲକ୍ଷ୍ୟକୁ ହାସଲ କରିବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଥିଲେ ।

ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ରାଜ୍ୟ ତଥା ରାଜ୍ୟ ବାହାରେ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଓଡ଼ିଶା ପ୍ରଦେଶ ଗଠନ ସହିତ, ଓଡ଼ିଆ ଭାଷା ଓ ସାଂସ୍କୃତିକ ଜାଗୃତି ପାଇଁ ମଧ ଲେଖନୀ ମାଧ୍ୟମରେ ଆନ୍ଦୋଳନ ଚାଲିଥିଲା । ଏହାର ପୁରୋଧା ଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କର୍ମବୀର ଗୌରି ଶଙ୍କର ରାୟ, ବ୍ୟାସକବି ଫକୀର ମୋହନ ସେନାପତି । ଏପରିକି ମଧୁବାବୁ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ଲେଖନୀ ଚାଳନା କରୁଥିଲେ । ତାଙ୍କ ରଚିତ ଉଠରେ ଉଠରେ ଉତ୍କଳ ସନ୍ତାନ, ଉଠବୁ ତୁ କେତେ ଦିନେ ପୂରୁବ ଗୌରବ ପୂରୁବ ସାହସ, ପଢ଼ିବ କି କେବେ ମନେ! ଲକ୍ଷ ଲକ୍ଷ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲା । ମଧୁବାବୁଙ୍କ ସହିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ଖଲ୍ଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରି ଅନେକ ବରପୁତ୍ର ମାନଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ସଫଳ ହୋଇପାରିଥିଲା । ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଦେଶୀୟ ରାଜ୍ୟଗୁଡ଼ିକ ଓଡ଼ିଶାରେ ମିଶିଥିଲେ । ଓଡ଼ିଶା ତାର ବର୍ତ୍ତମାନର ସ୍ୱରୂପ ପାଇଥିଲା । ଏହି ଅବସରରେ ସେମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୯ ବର୍ଷ ପୁରି ୯୦ତମ ବର୍ଷ ଆରମ୍ଭ ହୋଇଛି । ଉତ୍କଳ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଭିତରୁ ଏକ ସ୍ୱତନ୍ତ୍ର ଓଡ଼ିଶାର ସର୍ବାଙ୍ଗୀନ ବିକାଶ କରିବା ଥିଲା ଅନ୍ୟ ଏକ ପ୍ରମୁଖ ଲକ୍ଷ୍ୟ । କିନ୍ତୁ, ଓଡ଼ିଆ ଜାତି ଭାବରେ ଆମର ସ୍ୱପ୍ନ ଅସୀମ, ଅସୁମାର । ଆମର ଲକ୍ଷ୍ୟ ଖୁବ୍ ବିଶାଳ । ସେହି ବିଶାଳ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆମର ଓଡ଼ିଆ ଭାଇ ଭଉଣୀମାନେ ରାଜ୍ୟରେ ଆଣିଛନ୍ତି ପରିବର୍ତ୍ତନ । ଆପଣମାନଙ୍କ ପରିବର୍ତ୍ତନର ସ୍ୱପ୍ନ ଓ ବିଶାଳ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆପଣଙ୍କ ନୂଆ ସରକାର ଦୃଢ଼ ସଂକଳ୍ପ ଓ ଉତ୍ସାହର ସହ ଉଦ୍ୟମ ଆରମ୍ଭ କରିଛନ୍ତି । ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ । ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପୂରଣ ହେବ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବୁ । ଆହୁରି ଆଗକୁ ଯାଇ, ୨୦୪୭ରେ ଆମର ଓଡ଼ିଶାକୁ ଆମେ ବିକଶିତ ଭାରତର ଏକ ଗ୍ରୋଥ୍ ଇଞ୍ଜିନ୍ କରିବୁ । ସମୃଦ୍ଧ ଓଡ଼ିଶାର ପ୍ରତ୍ୟେକଟି ସ୍ତମ୍ଭ ଓଡ଼ିଶାବାସୀ ହିଁ ନିର୍ମାଣ କରିବେ ଏବଂ ଓଡ଼ିଶାବାସୀ ହିଁ ପୁଣି ଥରେ ଲେଖିବେ ସେମାନଙ୍କର ଗୌରବମୟ ଇତିହାସ । ସମୃଦ୍ଧ ଓଡିଶା ଗଠନର ତିନିଟି ଆଧାର ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ତିନୋଟି ଶକ୍ତିର ଉପଯୋଗ କରିବୁ। ଏହି ତିନୋଟି ଶକ୍ତିକୁ ଆଧାର କରି ଆଗାମୀ ଦିନରେ ଆମେ ବିକଶିତ ଓଡିଶା ଗଠନ କରିବୁ । ଓଡ଼ିଆ ଅସ୍ମିତା ଭବନ, ଓଡ଼ିଆ ଅନୁବାଦ ଏକାଡେମୀ, ତାଳପତ୍ର ପୋଥି ସଂଗ୍ରହାଳୟ, ପାଇକ ବିଦ୍ରୋହ ସ୍ମାରକୀ ଆଦି ଅନେକ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବ । ବାଲିଯାତ୍ରା ଓ ଧନୁଯାତ୍ରା ଭଳି ମହୋତ୍ସବକୁ ଜାତୀୟ ମାନ୍ୟତା ପାଇଁ ପଦକ୍ଷେପ ନିଆଯାଉଛି । ଆମର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ କୁଟୁମ୍ବ ଯୋଜନାରେ ପେନସନ ପ୍ରଦାନ ଓ ଜରୁରୀକାଳିନ ପରିସ୍ଥିତି ସମୟରେ ମିଶା ଆଇନରେ ଗିରଫ ହୋଇଥିବା ସଂଗ୍ରାମୀମାନଙ୍କ ପାଇଁ ପେନସନ ପ୍ରଦାନର ବ୍ୟବସ୍ଥା କରାଯାଇଛି ।

ମୁଖ୍ୟମନ୍ତ୍ରୀ ଆଜି ସକାଳୁ ପ୍ରଥମେ ଭୁବନେଶ୍ୱର ରାଜଭବନ ନିକଟସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ସେ ସତ୍ୟଭାମାପୁର ଯାଇ ସେଠାରେ ମଧୁବାବୁଙ୍କ ଜୀବନୀ ଓ ସ୍ୱତନ୍ତ୍ର ଓଡିଶା ଗଠନ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟନ କରିଥିଲେ । ଏହା ପରେ ମଧୁବାବୁଙ୍କ ଜନ୍ମ ପୀଠର ସମନ୍ୱିତ ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ । ମଧୁବାବୁଙ୍କ ଏନ୍ତୁଡିଶାଳ ସହିତ ତାଙ୍କ ସ୍ମୃତି ସହିତ ଜଡିତ ଅନେକ ସ୍ଥାନ ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଓଡିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ପଠନ କରାଯାଇଥିଲା । ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହୋଇଥିଲା ଏବଂ କୃତି ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ପ୍ରଶାନ୍ତ ବେହେରା, ସୌଭିକ ବିଶ୍ୱାଳ, ଇଂ. ସୋଫିଆ ଫିର୍ଦ୍ଦୋସ, ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଛବି ମଲ୍ଲିକ, ସାରଦା ପ୍ରଧାନ, ବିଜୟ କୁମାର ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା...

ଶୁଭେଚ୍ଛା ଜଣାଇଛନ୍ତି । ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଏକ ଉପଯୁକ୍ତ ସମ୍ମାନ । ଓଡ଼ିଶାର ଇତିହାସ, ସାହିତ୍ୟ, ସଂଗୀତକୁ ନେଇ ଭାରତ ଗର୍ବିତ । ଓଡ଼ିଶାର ଲୋକମାନେ କଠିନ କରିଶ୍ରମୀ ଓ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛନ୍ତି । ୧ ବର୍ଷ ଧରି କେନ୍ଦ୍ର ଏବଂ ଓଡ଼ିଶା ସରକାର ରାଜ୍ୟର ଆହୁରି ପ୍ରଗତି ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ଓଡ଼ିଶା ଦିବସ ଅବସରରେ ବାର୍ତ୍ତା ଦେଇ କହିଛନ୍ତି ଯେ ଓଡ଼ିଶା ଦିବସ ଠାରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ମହାଆଡମ୍ବର ସହ ଓଡ଼ିଆ ପକ୍ଷ ପାଳନ କରାଯିବ । ଏହା ଆମ ମହାନ ଓଡ଼ିଆ ଅସ୍ମିତା, ସାହିତ୍ୟ, ସଂସ୍କୃତି, ପରମ୍ପରା, ନୃତ୍ୟ ଓ ସଂଗୀତର ଉତ୍ସବ ହେବ । ଆସନ୍ତୁ ମନ, ପ୍ରାଣ ତଥା ହୃଦୟରୁ ଓଡ଼ିଆ ହେବା । ସ୍ୱାଭିମାନୀ ଓଡ଼ିଆ ଭାବେ ସମସ୍ତେ ଏକ ହୋଇ ଏହି ଉତ୍ସବରେ ସାମିଲ ହେବା । ଏହାଛଡା ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଶୁଭେଚ୍ଛା ବାର୍ତ୍ତା ଦେଇଥିବାରୁ ତାଙ୍କୁ ସେ ଧନ୍ୟବାଦ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ୍ସରେ ପୋଷ୍ଟ କରିଛନ୍ତି ଯେ ନୂଆକରି ପାଠ ଆରମ୍ଭ କରୁଥିବା ପିଲାମାନଙ୍କ ପାଇଁ ଏପ୍ରିଲ ୨ରୁ ଶିଶୁ ବାଟିକା ବ୍ୟବସ୍ଥା ଆରମ୍ଭ ହେଉଛି । ଏଥିସହ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଆସନ୍ତୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ।

## ଭିଆଇପି...

ସହିତ ଦୋକାନରେ ନିଆଁ ଲାଗିଗଲା । ଏହା ଦେଖି କର୍ମଚାରୀମାନେ ସେଠାରୁ ବାହାରକୁ ଦୌଡି ଆସିବା ସହିତ ଅଗ୍ନିଶମକୁ ଖବର ଦେଲେ । ପ୍ରାୟ ୫ ମିନିଟ ଭିତରେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା ଆରମ୍ଭ କରିଥିଲା । ସେତେବେଳକୁ ନିଆଁ ପୂରା ଦୋକାନକୁ କବଳିତ କରିସାରିଥିଲା । ତେବେ ସ୍ଥିତି ବିଗୁଡୁଥିବା ଦେଖି ତୁରନ୍ତ ବକ୍ସିବଜାର କେନ୍ଦ୍ରରୁ ଆଉ ଗୋଟିଏ ଗାଡି, ଚାଉଳିଆଗଞ୍ଜ କେନ୍ଦ୍ରରୁ ଦୁଇଟି ଗାଡି ଓ ବିଡାନାସୀ କେନ୍ଦ୍ରରୁ ଗୋଟିଏ ଗାଡି ମଗାଯାଇଥିଲା ଛ ସେହିପରି କନିକା ଛକ ସ୍ଥିତ ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ଏକ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲା । ୬ଟି ଦମକଳ ଗାଡି ସହିତ ପ୍ରାୟ ୫୦ ଜଣ ଅଗ୍ନିଶମ କର୍ମଚାରୀ ଏକ ସଙ୍ଗେ ମିଶି ନିଆଁ ଲିଭାଇବା ଜାରି ରଖିଥିଲେ । କିଛି କର୍ମଚାରୀ ଅକ୍ସିଜେନ ମାକ୍ସ ପିନ୍ଧି ଭିତରେ ପଶିଥିଲେ । କିଛି କର୍ମଚାରୀଙ୍କୁ ଅଗ୍ନି ନିରୋଧ ଡ୍ରେସ ପିନ୍ଧାଯାଇ ନିୟୋଜିତ କରାଯାଇଥିଲା ଛ ନିଆଁ ସହିତ ଧୂଆଁ ଯୋଗୁଁ ଅଗ୍ନିଶମ କର୍ମଚାରୀ ନାକେଦମ ହୋଇଥିଲେ । ପରେ ଧୂଆଁ କାଢିବା ପାଇଁ ଫ୍ୟାନ ବା ବ୍ଲୋୟର ମେସିନ ଲଗାଯାଇଥିଲା । ଉକ୍ତ ଦୋକାନରେ ଜଳୁଥିବା ଇଣ୍ଟେରିଅର ଗୁଡିକର ନିଆଁ ସହଜରେ ଲିଭିନଥିଲା । ତେଣୁ ଉପର ମହଲା ସହ ତଳ ମହଲାରେ ଥିବା ସୋରୁମରେ ପାଣି ମାଡ କରାଯାଇଥିଲା । ଫଳରେ ନିଆଁ ତଳ ମହଲାକୁ ଆସିପାରିନଥିଲା । ଏଭଳି ପ୍ରାୟ ୨ ଘଣ୍ଟା ଧରି ପରିଶ୍ରମ ପରେ ନିଆଁ ଆୟତ୍ତକୁ ଆସିଥିଲା । ତେବେ ଅଗ୍ନିକାଣ୍ଡ ସମୟରେ କୌଣସି ଅଗ୍ନିଶମ କର୍ମଚାରୀଙ୍କ କ୍ଷତି ହୋଇନଥିଲା ବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି ଛ ସେହିପରି ଉପର ମହଲାରେ ଥିବା ଡ୍ରେସ ସୋରୁମ ଭିତରେ ନିଆଁ ଛୁଇଁ ନଥିଲେ ବି ଧୂଆଁ ଯୋଗୁଁ ଭିତରେ ଥିବା ଡ୍ରେସ ଗୁଡିକ ନଷ୍ଟ ହୋଇଯାଇଛି । ସେଗୁଡିକ ଆଉ ବିକ୍ରି ହେଲା ଭଳି ସ୍ଥିତିରେ ନାହିଁ । ଅଗ୍ନିକାଣ୍ଡ ଯୋଗୁଁ ପ୍ରାୟ ୬୦ ଲକ୍ଷ ଟଙ୍କା କ୍ଷତି ହୋଇଥିବା ଆଟାଚି ସୋରୁମର ମାଲିକ କହିଛନ୍ତି ।

## ଆଜି...

ବିରୋଧ ଯୋଗୁ ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଥିଲା । ତେବେ ଯୁଗ୍ମ ସଂସଦୀୟ କମିଟିରେ ବିରୋଧୀ ସଦସ୍ୟମାନେ ଯେଉଁ ସଂଶୋଧିତ ପ୍ରସ୍ତାବ ଦେଇଥିଲେ ତାହାକୁ ଗ୍ରହଣ କରାଯାଇନାହିଁ । ବିଲ୍‌ରେ ମୁଖ୍ୟତଃ ୱାକଫ୍ ବୋର୍ଡକୁ ଦାନ ଓ ଚାନ୍ଦା ସୂତ୍ରରେ ମିଳିଥିବା ସମ୍ପତ୍ତିର ବୈଧ କାଗଜପତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହାପରେ ମଧ ୱାକଫ୍ ବୋର୍ଡର ସମ୍ପତ୍ତି ହସ୍ତାନ୍ତର କିମ୍ବା ବିକ୍ରି ହୋଇପାରିବ ନାହିଁ । ୱାକଫ୍ ବୋର୍ଡର ୭୨ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି । ୯.୪ ଲକ୍ଷ ଏକର ଜମି ରହିଛି । ତେବେ ସଂଶୋଧିତ ପ୍ରସ୍ତାବରେ ୱାକଫ ସମ୍ପତ୍ତି ଉପରେ ସରକାରଙ୍କ ନିୟନ୍ତ୍ରଣ ରହିବ ବୋଲି କୁହାଯାଇଛି ।

ବିଲ୍‌କୁ ନେଇ ଉଭୟେ ସରକାର ଓ ବିରୋଧୀଙ୍କ ମଧ୍ୟରେ ବାକ୍ ଯୁଦ୍ଧ ଚାଲିଛି । ମୁସ୍‌ଲିମ୍ ସମ୍ପ୍ରଦାୟ ଏହାକୁ ଅସମ୍ବିଧାନିକ ବୋଲି କହିବା ସହ ମୁସ୍‌ଲିମ୍ ସମ୍ପ୍ରଦାୟର ସ୍ୱାର୍ଥ ହାନିକାରକ ବୋଲି ବର୍ଣ୍ଣନା କରିଛନ୍ତି । ଏଆଇଏମ୍ଆଇଏମ୍ ସାଂସଦ ଆସାଉଦ୍ଦିନ୍ ଓସିସି କହିଛନ୍ତି ଯେ ଏହି ବିଲ୍‌ଟି ମୁସ୍‌ଲିମ୍‌ଙ୍କ ଧାର୍ମିକ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବ । ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ କିରଣ ରିଜ୍‌ଜୁ ବିରୋଧୀ ବିଲ୍‌କୁ ନେଇ ମୁସ୍‌ଲିମ୍‌ମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ମତ ରଖିଛନ୍ତି । ତେବେ ଆଜି ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ସାଂସଦମାନଙ୍କ ବୈଠକ ହୋଇଥିଲା । ବୈଠକ ପରେ ଆର୍‌ଏସ୍‌ପିର ଏନ୍‌କେ ପ୍ରେମ୍‌ଚନ୍ଦ୍ରନ୍ କହିଛନ୍ତି ଯେ ଆମେ ବିଲ୍ ଆଲୋଚନାରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିବୁ । ତେବେ ବିଲ୍ ବିରୋଧରେ ଭୋଟ୍ ଦେବୁ । ବିରୋଧୀଙ୍କ ପକ୍ଷରୁ ଯେଉଁ ଆଇନ୍‌ର ବ୍ୟବସ୍ଥା କରାଯାଇଛି ତାହାକୁ ଅସମ୍ବିଧାନିକ ବୋଲି କୁହାଯିବା ସହ ଏହାକୁ ନିନ୍ଦା କରୁଛି ବୋଲି କହିଛନ୍ତି ।

## ଦର୍ଶକଙ୍କୁ...

ଏହି ପରିସ୍ଥିତିର ସମ୍ମୁଖୀନ ହେବେ । ଇତି ମଧ୍ୟରେ କୁନାଲ କାମ୍ରାଙ୍କୁ ମାଡ୍ରାସ ହାଇକୋର୍ଟରୁ ଅନ୍ତରୀଣ ଜାମିନ ମିଳିଛି । କୋର୍ଟରେ ହାଜର ହୋଇ ସେ କହିଛନ୍ତି ଯେ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିବାକୁ ଚାହୁଁଛୁ ।

## ଦନ୍ତାହାତୀର...

ସମସ୍ତଙ୍କ ଉପସ୍ଥିତିରେ ଦାନ୍ତ ଦୁଇଟି ଉଦ୍ଧାର କରିଛନ୍ତି । ଖବର ଲେଖା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ଜାରିରହିଛି । ହାତୀଟି ଖାଇବାକୁ ନପାଇ ଏଣେ ତେଣେ ଏକୁଟିଆ ବୁଲୁଥିବାର ସମ୍ପୃକ୍ତ ଗ୍ରାମବାସୀ ପ୍ରକାଶ କରିଥିବା ବେଳେ ଖାଇବାକୁ ନପାଇ ଦୁର୍ବଳ ଯୋଗୁଁ ହାତୀଟିର ମୃତ୍ୟୁ ଘଟିଛି ନା ଅନ୍ୟ କୌଣସି କାରଣ ପାଇଁ ମୃତ୍ୟୁ ଘଟିଛି ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁ ର କାରଣ ସ୍ପଷ୍ଟ ଜଣାପଡିବ ବୋଲି ତଦନ୍ତ କାରୀ ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଆଜି ଟ୍ରମ୍ପଙ୍କ...

ଉପରେ ୩୦୦% ଶୁଳ୍କ ରହିଛି । ସେହିଭଳି ଭାରତ କୃଷି ଜାତୀୟ ସାମଗ୍ରୀ ଉପରେ ୧୦୦% ଶୁଳ୍କ ନେଇ ଆମେରିକା ଉପରେ ବୋଝ ପକାଇଛି । ଟ୍ରମ୍ପ ପୂର୍ବରୁ ସମାନୁପାତିକ ଶୁଳ୍କକୁ ନେଇ ଚେତାବନୀ ଦେଇଥିଲେ । ଆସନ୍ତାକାଲି ତା'ର ସବିଶେଷ ତଥ୍ୟ ପ୍ରକାଶ ପାଇବ । ହ୍ୱାଇଟ୍ ହାଉସ୍ ପକ୍ଷରୁ ଭାରତ, ଜାପାନ ଓ ଅନ୍ୟ ରାଷ୍ଟ୍ରମାନେ କେତେ ଶୁଳ୍କ ନେଉଛନ୍ତି ତାହାର ତାଲିକା ପ୍ରକାଶ ପାଇଛି । ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ପୂର୍ବରୁ କହିଥିଲେ ଯେ ବର୍ତ୍ତମାନ ଯେଉଁ ଶୁଳ୍କ ଅଛି ତାହା ଅସ୍ଥାୟୀ । ଏପ୍ରିଲ ୨ରୁ ନୂଆ ଶୁଳ୍କ ଲାଗୁ କରାଯିବ । କିଛି ବଢ଼ିବନି କି କିଛି କମିବନି । ଯେତିକି ଶୁଳ୍କ ସେମାନେ ନେବେ, ଆମେ ସେତିକି ନେବୁ । ଆସନ୍ତାକାଲି ଏନେଇ ଘୋଷଣା ହୋଇପାରେ ବୋଲି ଜଣାପଡିଛି ।

## ୧୦ ଲକ୍ଷ...

ଅନୁରୂପ ମନ୍ତବ୍ୟ ଦେଇ ଉତ୍ତରପ୍ରଦେଶ ସରକାରଙ୍କୁ ପ୍ରୟାଗରାଜରେ ଯେଉଁଭଳି ଭାବରେ ମନମୁଖୀ ଭାବେ ବୁଲ୍‌ଡୋଜର ଚାଲୁଥିଲା ସେ ନେଇ ଭର୍ତ୍ସନା କରୁଥିଲେ । ଏହାକୁ ଚିନ୍ତାଜନକ ଓ ବିବେକଶୂନ୍ୟ ବୋଲି ମତ ଦେଇଥିଲେ । ଜଷ୍ଟିସ୍ ଅଭୟ ଏସ୍ ଓକା ଓ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ, ଆଇନ୍‌ଜୀବୀ ଜୁଲ୍‌ଫୁକର ହାଇଦର ଓ ପ୍ରଫେସର ଅଲ୍ଲି ଅହମ୍ମଦ ଓ ଅନ୍ୟମାନଙ୍କ ଘର ଭାଙ୍ଗିବା ମାମଲାର ଶୁଣାଣି କରିଥିଲେ । ପୂର୍ବରୁ ଆଲ୍‌ହାବାଦ ହାଇକୋର୍ଟ ଏହି ଯାଚିକାକୁ ଖାରଜ କରିଦେଇଥିଲେ ଏବଂ ଆବେଦନକାରୀଙ୍କୁ ପ୍ରୟାଗରାଜ ଜିଲ୍ଲାର କୁଲ୍‌ଦବାଦ ଥାନାରୁ ନୋଟିସ୍ ଯାଇଥିଲା ବୋଲି କହିଥିଲେ । ତେବେ ଆବେଦନକାରୀ ଉଲ୍ଲେଖ କରିଥିଲେ ଯେ ରାଜ୍ୟ ସରକାର ବେଆଇନ୍ ଭାବେ ସେମାନଙ୍କ ଘର ଭାଙ୍ଗିଛନ୍ତି । ସେମାନେ ଭାବିଛନ୍ତି ଏହି ଜାଗାଟି ଗ୍ୟାଙ୍ଗଷ୍ଟର ତଥା ରାଜନେତା ଅତିକ୍ ଅହମ୍ମଦର । ଯାହାଙ୍କୁ ୨୦୨୩ରେ ପୋଲିସ ଏନ୍‌କାଉଣ୍ଟର କରିଥିଲା । ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଉତ୍ତରପ୍ରଦେଶ ସରକାର ପ୍ରୟାଗରାଜରେ ଯେଉଁଭଳି ଭାବରେ ଘର ଭାଙ୍ଗିଛନ୍ତି, କୌଣସି ଆଇନ୍‌ଗତ ପଦକ୍ଷେପ ନେଇନାହାନ୍ତି । ଯାହା ଏକ ଭୁଲ୍ ବାର୍ତ୍ତା ପ୍ରଦାନ କରୁଛି । ତେବେ ଆଟୋନିକ୍ ଜେନେରାଲ ଆର୍ ଭେଙ୍କଟେରମଣି ମାର୍ଚ୍ଚ ୨୪ ଶୁଣାଣିରେ କହିଥିଲେ ଯେ ନିୟମ ଅନୁଯାୟୀ ଘର ଭଙ୍ଗାଯାଇଥିଲା ଓ ନୋଟିସ୍ ଦିଆଯାଇଥିଲା ।

## ୮୨ ସୀମାନ୍ତ...

ଦୀଘା ଉନ୍ନୟନ କର୍ତ୍ତୃପକ୍ଷ ଉଦ୍ୟମ କରୁଛି।କେବଳ ଏହି ଗାଁ ନୁହେଁ, ପଶ୍ଚିମବଙ୍ଗ ସୀମାରେ ଥିବା ଓଡ଼ିଶାର ୮୨ଟି ଯାକ ମୌଜାରେ ଊଣା ଅଧିକେ ସୀମା ବିବାଦ ଲାଗି ରହିଛି।ସୁବର୍ଣ୍ଣରେଖା ନଦୀ ଓଡ଼ିଶା ଓ ପଶ୍ଚିମବଙ୍ଗ ଦେଇ ପ୍ରବାହିତ ହୋଇଛି। ତେବେ ନଦୀ ଭିତରେ ସ୍ଥାୟୀ ସୀମା ନିର୍ଦ୍ଧାରଣ ହୋଇ ନଥିବାରୁ ପଶ୍ଚିମବଙ୍ଗ ବେପାରୀମାନେ ଦବଦବା ଜାହିର କରି ବାଲି ଉତ୍ତୋଳନ କରୁଛନ୍ତି ବୋଲି କୁହାଯାଇଛି।

# ଉପାନ୍ତରେ ମା, ମାଟି, ମାତୃଭାଷା ପାଇଁ ସୁରକ୍ଷା ଲୋଡ଼ା

ଭୋଗରାଇ (ସବ୍ୟୁ) : କଳାର ଉତ୍କର୍ଷ ଉତ୍କଳ । ଏହି ଉତ୍କଳୀୟ ଗୌରବମୟ ଇତିହାସ ସଂକଟମୟ ମଧ୍ୟରେ ଗତି କରୁଛି । ଓଡ଼ିଆଙ୍କ ହୀନମନ୍ୟତା, ସଂକୀର୍ଣ୍ଣତା ପାଇଁ ଅମେସମସ୍ତେ ଦାୟୀ ବୋଲି ଓଡିଶା ଦିବସରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍କଳ ଦିବସରେ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ଉପରେ ବହୁବିଶିଷ୍ଟ ବ୍ୟକ୍ତି ଅଭିବ୍ୟକ୍ତ ପ୍ରଦାନ କରିଛନ୍ତି । ସୀମାନ୍ତ ସହାବାଜିପୁର, ଚନ୍ଦନେଶ୍ୱର ଓ ଦେଉଳା ହାଟ ପ୍ରଭୃତି ସ୍ଥାନରେ ଉତ୍କଳ ଦିବସ ପାଳନ କମିଟି, ଉତ୍କଳ ସମ୍ମିଳନୀ କମିଟି, ଭଏସ ଅଫ ଭୋଗରାଇ,ଭୋଗରାଇ ଉତ୍ସବ ଓ ବରିଷ୍ଠ ନାଗରିକ କମିଟି ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାଶ, ବ୍ୟାସକବି ଫକୀର ମୋହନ ସେନାପତି ସହ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇ ଓଡ଼ିଆର ଅସ୍ମିତାର ବିରତ୍ୱ କାହାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥି ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ବର୍ଣ୍ଣାଢ୍ୟ ଉତ୍ସବ ଆରମ୍ଭ ହୋଇଛି।। ଦେଉଳା ଉତ୍କଳ ଦିବସ ପ୍ରସ୍ତୁତି କମିଟି ପକ୍ଷରୁ ସକାଳେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଶିକ୍ଷାବିତ ମନ୍ମଥ କୁମାର ଗିରି, ବିଶିଷ୍ଟ ସାମାଜିକ କର୍ମୀ ଶକ୍ତି ପଦ ଦାସ ମହାପାତ୍ର ସମେତ ବହୁ ବିଶିଷ୍ଟ ବ୍ୟକ୍ତି । ସହାବାଜିପୁର ଉତ୍କଳ ଗୌରବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ସହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ବିଜେଡିର ବରିଷ୍ଠ ନେତା ତପନ କୁମାର ପଣ୍ଡା,ଭୋଗରାଇ ଉତ୍ସବ କମିଟିର ସଭାପତି ତଥା ଶିକ୍ଷାବିତ ପଂକଜାକ୍ଷ ପଣ୍ଡା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ, ରଘୁନାଥ ମହାନ୍ତି ପ୍ରମୁଖ । ଚନ୍ଦନେଶ୍ୱର ଭୋଗରାଇ ଭଏସ ଅଫ ଭୋଗରାଇ ପକ୍ଷରୁ ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଦେଉଳାହାଟରେ ଉତ୍କଳ ଦିବସ କମିଟି ପକ୍ଷରୁ ଏକ ସାଧାରଣ ସଭା କରାଯାଇଥିଲା । ଏହି ବର୍ଣ୍ଣାଢ୍ୟ ଉତ୍ସବକୁ ଉଦଘାଟନ କରିଥିଲେ ଭାରତଜ୍ୟୋତି ସମ୍ମାନିତ ଡା ଶ୍ରୀଶ କୁମାର ଦାଶ । ସଭାପତିତ୍ୱ କରିଥିଲେ ବ୍ୟଙ୍ଗ କବି ଡ଼ଃ ଶ୍ରୀକୁମାର ଘୋଷ । ଉତ୍କଳ ଜନନୀ ଗାନପରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ କମିଟିର ସାଧାରଣ ସମ୍ପାଦକ ସୁକୁମାର ଜେନା ଓ ଯୁବକବି ହରିପଦ ସାହୁ । ମୁଖ୍ୟ ଅତିଥି ଭାବେ ଗବେଷକ ଡ଼ଃ କୃଷ୍ଣ କେଶବ ଷଡ଼ଙ୍ଗୀ , ମୁଖ୍ୟ ବ୍ୟକ୍ତା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନୀତ ବ୍ୟକ୍ତା ପୂର୍ବତନ ଜିଲାପରିଷଦ ସଦସ୍ୟ ହରେନ୍ଦ୍ର ଦାସ,ପ୍ରମୁଖ ମା ମାଟି ମାତୃଭାଷାର ସୁରକ୍ଷା ନିମନ୍ତେ ସୀମାନ୍ତବାସୀ ଜାଗ୍ରତ ପ୍ରହରୀ ଭାବେ ଉଭା ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଶିକ୍ଷାବିତ ମନ୍ମଥ କୁମାର ଗିରି ଓ ଯୁବକବି ଅରୁଣ କୁମାର ଦାସ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧନ୍ୟବାଦ ଦେଇଥିଲେ କମିଟିର ସଦସ୍ୟ ନିଶେଷ ଦେବ । ଉତ୍କଳ ଦିବସ ଉପଲକ୍ଷେ ସବୁଠି ଛାତ୍ରୀ ଛାତ୍ର ଙ୍କ ପକ୍ଷରୁ ନୃତ୍ୟ ସଙ୍ଗୀତ ଓ ଖ୍ୟାତନାମା କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା ।

# ଦୁଇ ମାସ ଯାଇନି କଂକ୍ରିଟ ରାସ୍ତା, ଫାଟି ଆଁ କଲାଣି

କେନ୍ଦୁଝର (ସବ୍ୟୁ) : ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ୯ ମାସ ବିତି ସାରିଲାଣି ତଥାପି ଠିକାଦାର ପ୍ରୀତି ଚାଲିଥିବା ଅଭିଯୋଗ ହେଉ ଥିଲା ଯାହାର ସତ୍ୟତା ପାଟଣାରେ ପ୍ରମାଣିତ ହୋଇଛି । ପାଟଣା ବଜାର ମୁଖ୍ୟ ରାସ୍ତା ମାତ୍ର ୨ ମାସ ତଳେ କଂକ୍ରିଟରେ ର୍ନିମିତ ହୋଇଥିଲା । ତେବେ ଗୋଟେ ସିମେଣ୍ଟରେ କେତେ ବାଲି ମିଶିଲା କେଜାଣି ଭାଗ ମାପ ଠିକ୍ ରହିଲାନି ଜେଇ ମଧ ଜାଣି ପାରିଲେନି ତେଣୁ ସେହି ରାସ୍ତା ଫାଟି ଏବେ ଆଁ କରିଛି । ସାଇଡ଼ରେ ଗାର୍ଡ ୱାଲ୍ ନଥିବାରୁ ରାସ୍ତା କେତେବେଳେ ନାଳକୁ ଗଳି ପଡ଼ି ପାରେ ଆଶଙ୍କା ଦେଖା ଯାଇଛି । ଏହି ରାସ୍ତା କିଏ କେତେ ଟଙ୍କାରେ କେଉଁ ବିଭାଗରୁ ନେଇ କଲା କିଛି ସୂଚନା ଫଳକ ନାହିଁ । କେହି ଭୋକିଲା କର୍ମୀ ବୋଧେ ଦିପଇସା ପାଇବାକୁ ଏହି ରାସ୍ତା କାମ କରି ଖୋଳ କରି ଖାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଲୋକେ ନୂଆ ସରକାରରେ ଏପରି ନିମ୍ନ ମାନର କାମ ଲାଗି ଧିକ୍କାର କରିଛନ୍ତି । ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏପରି କାମ ଲାଗି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଆଦିଶକ୍ତି ଟ୍ରଷ୍ଟ ପକ୍ଷରୁ ମାସିକ ଇ-ପେପର ବହୁରୂପା ଉଦ୍‌ଘାଟନ



ଭୁବନେଶ୍ୱର (ସବ୍ୟୁ) : ପବିତ୍ର ଉତ୍କଳ ଦିବସ ରେ ସମସ୍ତେ ବନ୍ଦେ ଉତ୍କଳ ଜନନୀ ମିଳିତ ଭାବେ ଗାଇଥିଲେ,ପରେ ପରେ ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ନିଶିକାନ୍ତ ମିଶ୍ର ଓ ସମ୍ପାଦକ ଉମାନାଥ ମିଶ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଜଗନ୍ନାଥ ପ୍ରଧାନ, ଓ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ଟ୍ରଷ୍ଟ ର ଇ ପେପର ବହୁରୂପା ଓ ଶ୍ରୀଜଗନ୍ନାଥ ଚେତନା ସମାଚାରକୁ ଉଦଘାଟନ କରିଛନ୍ତି । ଏହା ମାସକୁ ଥରେ ସୋସିଆଲ ମିଡ଼ିଆରେ ଛଡ଼ାଯିବ,ଏହି ଇ ପେପରରେ ମା ଆଦିଶକ୍ତି ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ କାର୍ଯ୍ୟକ୍ରମ କୁ ଟ୍ରଷ୍ଟ ପକ୍ଷରୁ ପ୍ରଚାର ଓ ପ୍ରସାର କରିବାକୁ ଚେଷ୍ଟା କରିବ,ଆଜି ପବିତ୍ର ଉତ୍କଳ ଦିବସ ଅବସରରେ ମା ଖଣ୍ଡୁଆଳି ବୁଢୀ ଠାକୁରାଣୀ ପୀଠ ଠାରେ ଇ ପେପର ଟିକୁ ସାର୍ବଜନୀନ କରାଯାଇ ଥିଲା, ତୃତୀୟ ଦିନ ଶ୍ରୀମଦ୍ଦେବି ଭାଗବତ ମହାପୁରାଣ ସତସଙ୍ଗରେ ଏହି ଅବସରରେ ପ୍ରଭାକର ମଲ୍ଲିକ ରାଧାବଲ୍ଲଭ ସିଂ, ନିରଞ୍ଜନ ଦାଶ ବୈକୁଣ୍ଠ ମହାପାତ୍ର, ସଭାପତି ଡ଼ ନାରାୟଣ ମହାପାତ୍ର, ମନ୍ଦିର କମିଟି ସଭାପତି ଅର୍ଜୁନ ମଙ୍ଗରାଜ ଓ ସମ୍ପାଦକ ସୁଧାଂଶୁ ତ୍ରିପାଠୀ ମଳୟ ରଞ୍ଜନ ମହାପାତ୍ର, ଦିଲ୍ଲୀପ ପଟ୍ଟନାୟକ, ବିପିନ ବିହାରୀ ସାହୁ ସୁବାସ ଜଗତି ମନୋଜ ରାଉଳ ରଞ୍ଜନ ସାମଲ, ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କଳ ଦିବସ ଉପଲକ୍ଷେ ରକ୍ତଦାନ ଶିବିର



ଭୁବନେଶ୍ୱର,(ସବ୍ୟୁ): ଉତ୍କଳ ଦିବସ ଉପଲକ୍ଷେ ହୋଟେଲ ଏକ୍ସିଲେନ୍ସି, ଭୁବନେଶ୍ୱର ପକ୍ଷରୁ ଓଡିଶା ବ୍ଲଡ୍ ସେଣ୍ଟର, ବିଏମସି ହସ୍ପିଟାଲ୍, ଭୁବନେଶ୍ୱର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସମାଜ ସେବା ପ୍ରତି ଏହି ପ୍ରତିଶ୍ରୁତିକୁ ପୁନଃ ସମର୍ଥନ କରି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏଥିରେ ହୋଟେଲ୍ କର୍ମଚାରୀ ଏବଂ ସ୍ଥାନୀୟ ନାଗରିକମାନେ ଅଂଶଗ୍ରହଣ କରିଥିଲେ। ଏହି ପରିକଳ୍ପନା ଜେନେରାଲ୍ ମ୍ୟାନେଜର୍ ଆଶିଷ ମିଶ୍ର ଏବଂ ମ୍ୟାନେଜିଂ ଡିରେକ୍ଟର୍ ପ୍ରଦୀପ କୁମାର ସେନାପତିଙ୍କ ନେତୃତ୍ୱରେ ସଫଳ ହୋଇଥିଲା। ଏହି ଅବସରରେ ଅଶିଷ ମିଶ୍ର ରକ୍ତଦାତାମାନଙ୍କୁ ଧନ୍ୟବାଦ୍ ଜଣାଇ ରକ୍ତଦାନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ମ୍ୟାନେଜିଂ ଡିରେକ୍ଟର୍ ଶ୍ରୀ ସେନାପତି ହୋଟେଲର ସମାଜ ସେବା ଉପଲବ୍ଧିକୁ ଉଲ୍ଲେଖ କରି ଆଗାମୀ ଦିନରେ ଅନ୍ୟାନ୍ୟ ସମାଜ ମୁଖୀ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଉତ୍ସାହିତ କରରିଥିଲେ । ରକ୍ତଦାନ ଶିବିର ସ୍ଥାନୀୟ ନାଗରିକମାନେ ଏବଂ ସ୍ୱାସ୍ଥ୍ୟ ସଂପୃକ୍ତ ବୃତ୍ତିଜୀବୀମାନଙ୍କ ଦ୍ୱାରା ବିଶେଷ ପ୍ରଶଂସିତ ହୋଇଥିଲା ।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

CAD-2942

**OFFICE OF THE DIVISIONAL HEAD, JAJPUR ROAD DIVISION.JAJPUR-755026.**

Tender Call Notice No. IDCO/JPR/EST/E-431/904, Dt.:25.03.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : Construction of Pond in Mantira Rehabilitation Colony under IDCO Jajpur Road Division in KNIC, Kalinganagar,Jajpur
2. Value of the work : Rs.17.08 Lakhs.
3. Period of Completion : 02 (Two) Calendar months.
4. 0ther details :

| Procurement Officer | Tender Reference No. | Availability of Tender on-line for bidding | |
|---|---|---|---|
| 1 | 2 | 3 | 4 |
| Divisional Head, Jajpur Road Division, IDCO, Jajpur | JPR/ESTE-01/2024-25 | 07.04.2025 at 17.00 Hrs. | 16.04.2025 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd/- Divisional Head
Jajpur Road Division

OIPR : 14003/11/0125/2425

**OFFICE OF THE PRINCIPAL CREW TRAINING INSTITUTE, CHANDBALI, DIST-BHADRAK**
Pin-756133, Email:ctiportsiwt@rediffmail.com

jj-46

**ADVERTISEMENT FOR ADMISSION**

The Principal. Crew Training Institute, Chandabali, Dist.:- Bhadrak, PIN-756133 invites Application in prescribed form for admission into **"Ten months Regular Course"** on Engine & Deck rating conducted by the Crew Training Institute commencing from 1st April,2025. The candidates seeking employment as Crews in Marine trades, on board Inland Vessels, Fishing Trawlers, Harbour Crafts etc., can apply for the training by Dt.**04.03.2025.**

The Training will be imparted on subject, like Seamanship, Boatbuilding, Boat Operations, Fishing Technology, Engine Theory, General Science, General English & Computer Proficiency. The Institute will award stipend to each candidate @ Rs.100/-(Rupees One hundred) only per month during the training periods. 23% seats are reserved for ST. candidates, 15% for S.C. candidates as per Government regulation. According to eligibility criteria the candidate must have passed H.S.C. Examination by Board of Secondary Education, Odisha, Cuttack or equivalent and their age should not be less than 17 years and more than 22 years as on Dt.01.04.2025.The Application form and Prospectus are obtainable from the office of Principal, Crew Training Institute, Chandbali, Bhadrak from Dt.**27.01.2025** to Dt.**21.02.2025** on payment Rs.50/- (Rupees Fifty) only in shape of Cash or Money Order in all working days during office hour. In case of supply of forms by Post, the candidate must send a self address envelope (Size 27X10 cm) affixing postage stamps of worth of Rs.41/-(Rupees forty one) only for speed post and Rs.5/- (Rupees five) for ordinary post. The duly filled applications must reach the **"Principal, Crew Training Institute, Chandabali, Dist- Bhadrak** on or before **Dt.04.03.2025.**

The selection of candidate shall be made on the basis of marks obtained in H.S.C. Examination of Board of Secondary Education, Odisha or equivalent. The selected candidates shall be intimated to take admission in due course of time.

Sd/- Principal,
Crew Training Institute,Chandbali

OIPR : 02007/11/0002/2425

**ସତ୍ୟପାଠ**

ଆମ୍ଭେ ଆନନ୍ଦ ରଣା, ବୟସ ୪୦ ବର୍ଷ, ପିତା : ଗୌତମ ରଣା, ଗ୍ରାମ: କୋକିଳଦଳ, (ଖଜୁରୀପଦା), ପୋଷ୍ଟ : ବାଣିଆ, ଥାନା–ବୈଦେଶ୍ୱର, ଜିଲ୍ଲା–କଟକ, ସତ୍ୟପାଠ ନମ୍ବର ୧୧୬୭/୦୧.୦୫.୨୦୨୪ ଜରିଆରେ ଘୋଷଣା କରୁଅଛି ଯେ, ଆମ୍ଭ ଜୀବନବୀମା ପଲିସି ନମ୍ବର ୫୮୬୮୦୬୧୨୫ରେ ପିଲା ବେଳର ଡାକ ନାମ ଅନୁସାରେ ଆନନ୍ଦ ମହାପାତ୍ର, ପିତା: ଗୌତମ ରଣା ହୋଇ ଯାଇଛି । ତେଣୁ ଆନନ୍ଦ ରଣା ଓ ଆନନ୍ଦ ମହାପାତ୍ର ଜଣେ ବ୍ୟକ୍ତି । ଏହି ନାମରେ ଆମ୍ଭ ଅଞ୍ଚଳରେ କେହି ବ୍ୟକ୍ତି ନାହାନ୍ତି ।

ସ୍ୱା/- ଆନନ୍ଦ ରଣା

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ଡିଆରଏମ୍/ଇଞ୍ଜିନିୟରିଂ, ଦ.ପୂ. ରେଳପଥ, ଚକ୍ରଧରପୁର ଓପନ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡିକ ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ଅଗ୍ରାହ୍ୟ ହୋଇଯିବ । **କ୍ର.ନଂ. : ୧-ଟେଣ୍ଡର ନୋଟିସ୍ ନଂ. : ସିକେପି-ସାଉଥ-୨୪-୨୫-୫୮, ତାରିଖ : ୨୮.୦୩.୨୦୨୫ । କାର୍ଯ୍ୟର ନାମ :** ଥ୍ରୋ ରେଲ୍ ନବୀକରଣ (ପ୍ରାଇମେରୀ) ସହିତ ସିନିୟର ଡିଇଏନ (ସାଉଥ)/ଚକ୍ରଧରପୁର (୨ୟ କଲ)ଙ୍କ କ୍ଷମତା ପରିସରଭୁକ୍ତ ବରଜାମଡା ଜଙ୍କସନ-ଗୁଆ-ଟିଆରଆର (ପି) ପାଇଁ ନୂଆ ୬୦ କେଜି ୯୦ ୟୁଟିଏସ୍/ଆର ୨୬୦ ରେଲସ୍ (ଏଲଡବ୍ଲୁଆର) ସହିତ ପିଏସସି-୧୪ ସ୍ଲିପର ଉପରେ ଥିବା ୬୦ କେଜି ୯୦ ୟୁଟିଏସ୍ ରେଲର ଟିଏଫଆର – ୪.୫୦୦ ଟିକେଏମ୍, ପାଦପାହାଡ଼-ବଲାଣୀଖାଦାନ-ଟିଆରଆର (ପି)-୫.୫୦୦ ଟିକେଏନ ଏବଂ ପାଦପାହାଡ଼-ନୟାଗଡ଼-ଟିଆରଆର (ପି)-୨୮.୧୧୨ ଟିକେଏମ ଏବଂ ଝିଙ୍କପାଣି-ତାଲାବୁରୁ ମଧ୍ୟସ୍ଥ କିମି ୩୩୧.୦୦–୩୩୨.୫୯୫ରେ ଥିବା ଅପ୍‌ଲାଇନ୍ ଉପରେ ୧.୫୯୫ ଟିଆର.କିମି । **ଟେଣ୍ଡର ମୂଲ୍ୟ :** ଟ. ୩,୫୧,୩୧,୫୯୬ । **ଇଏମଡି :** ଟ. ୩,୨୫,୭୦୦/– । **କ୍ର.ନଂ.-୨, ଟେଣ୍ଡର ନୋଟିସ୍ ନଂ. : ସିକେପି-ସାଉଥ-୨୪-୨୫-୬୧ ତାରିଖ : ୨୮.୦୩.୨୦୨୫ । କାର୍ଯ୍ୟର ନାମ :** ଥ୍ରୋ ରେଲ୍ ନବୀକରଣ (ପ୍ରାଇମେରୀ) ସହିତ ସିନିୟର ଡିଇଏମ୍ (ସାଉଥ) / ଚକ୍ରଧରପୁର (୨ୟ କଲ)ଙ୍କ କ୍ଷମତା ପରିସରଭୁକ୍ତ ରାଜଖରସୁଆଁ-ପାଦପାହାଡ଼, ପାଦପାହାଡ଼-କାରୋଲି, ପାଦପାହାଡ଼-ବଲାଣୀ ଖାଦାନ ସେକ୍ସନରେ ୨୫.୬୩୭ କିମି ପାଇଁ ନୂଆ ୬୦ କେଜି ୯୦ ୟୁଟିଏସ/ଆର ୨୬୦ ରେଲସ୍ (ଏଲଡବ୍ଲୁଆର) ସହିତ ପିଏସସି-୧୪ ସ୍ଲିପର ଉପରେ ଥିବା ୬୦ କେଜି ୯୦ ୟୁଟିଏସ୍ ରେଲ ବିଛାଇବା । **ଟେଣ୍ଡର ମୂଲ୍ୟ :** ଟ. ୨,୨୧,୩୯,୬୩୭.୧୫ । **ଇଏମଡି :** ଟ. ୨,୬୦,୭୦୦/– । **ଟେଣ୍ଡର ଫର୍ମ ମୂଲ୍ୟ :** ଟ. ୦ (କ୍ର.ନଂ. ୧ ଓ କ୍ର.ନଂ ୨ ପ୍ରତ୍ୟେକଟି ପାଇଁ) । **ଖୋଲା ତାରିଖ :** ୨୨.୦୪.୨୦୨୫ (କ୍ର.ନଂ. ୧ ଓ କ୍ର.ନଂ. ୨ ପ୍ରତ୍ୟେକଟି ପାଇଁ) । ୱେବସାଇଟ **http://www.ireps.gov.in** ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ–୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶ ଗ୍ରହଣ ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । **ସୂଚନା :** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ–ଟେଣ୍ଡର ଫର୍ମ ଇସ୍ୟୁ କରାଯିବ । (ଅଥରିଟି–ରେଳବାଇ ବୋର୍ଡର ପତ୍ରାଙ୍କ ନଂ. ୨୦୨୦/ସିଇ–ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୭.୨୦୨୦) । (PR-03)

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ

# ପାରାଦ୍ୱୀପ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ରେ ଉତ୍କର୍ଷତା କେନ୍ଦ୍ରର ଶୁଭାରମ୍ଭ



ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ଇଣ୍ଡିଆ (ଏଏମ୍/ଏନ୍ଏସ୍ଇଣ୍ଡିଆ) ପକ୍ଷରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପ 'ଦକ୍ଷ'ପ୍ରକଳ୍ପରଏକ ଅଂଶବିଶେଷ ଭାବେ ପାରାଦ୍ୱୀପ ସ୍ଥିତ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ )ରେ ଏକ ଉତ୍କର୍ଷତା କେନ୍ଦ୍ର (ସେଣ୍ଟର ଅଫ ଏକ୍ସଲେନସି)ର ଶୁଭାରମ୍ଭ କରାଯାଇଛି । ରେସିଡେନ୍ସିଆଲ ୱାରିଙ୍ଗ, ବେସିକ ଅଟୋମେସନ ଏବଂଇଣ୍ଡଷ୍ଟ୍ରିଆଲ ୱାରିଙ୍ଗ ଉପରେ କେନ୍ଦ୍ରିତ ସ୍ୱତନ୍ତ୍ର ପ୍ରୟୋଗଶାଳା ପ୍ରତିଷ୍ଠା କରି ବିଲଡିଂ ଏବଂ ମାନୁଫାକଚରିଂ କ୍ଷେତ୍ରରେ ଦକ୍ଷତା ସମ୍ପର୍କିତ ଅଭାବକୁ ପୂରଣ କରିବା ସ୍ନାଇଡରଇଲେକଟ୍ରିକ ଇଣ୍ଡିଆ ସହଭାଗିତାରେ ଗଠିତ ଏହି କେନ୍ଦ୍ରର ଲକ୍ଷ୍ୟ । ଏହି ସୁବିଧା ଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ବିଲଡିଂ ଅଟୋମେସନ ଏବଂ ଇଣ୍ଡଷ୍ଟ୍ରିଆଲ ମାନୁଫାକଚରିଂ କ୍ଷେତ୍ରରେ ଅତ୍ୟାବଶ୍ୟକ ଦକ୍ଷତାରେ ପରିପୂର୍ଣ୍ଣ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ସେମାନଙ୍କର ନିଯୁକ୍ତି କ୍ଷମତାକୁ ବୃଦ୍ଧି କରିବ । ଏହି କେନ୍ଦ୍ର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟକ୍ରମ ସହିତ ଦକ୍ଷତା ପ୍ରଦାନ କରିବା ଏବଂ ସମ୍ଭାବିତ ସୁଯୋଗ ପାଇଁ ପ୍ରସ୍ତୁତ କରିବାକୁ ଡିଜାଇନ କରାଯାଇଛି ।

ଏହି ଉତ୍କର୍ଷତା କେନ୍ଦ୍ରକୁ ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି ଉଦଘାଟନ କରିଥିଲେ । ଏହି ଅବସରରେ ପାରାଦ୍ୱୀପ ଆଇଟିଆଇର ପ୍ରିନ୍ସିପାଲ ଆର. ଏନ. ସାହୁ, ଜଗତସିଂହପୁର ସରକାରୀ ପଲିଟେକ୍ନିକର ଅଧ୍ୟକ୍ଷ ଶ୍ରୀମତୀ କଳ୍ପନା ପାଣିଗ୍ରାହୀ, କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ଠାରେ ଅବସ୍ଥିତ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲମ୍ବିଂ ଟେକ୍ନୋଲୋଜି(ଏସଟିପିଆଇ) ର ପ୍ରିନ୍ସିପାଲ୍ ଲକ୍ଷ୍ମୀକାନ୍ତ ବିଶ୍ୱାଳ, ଜଗତସିଂହପୁର ଜିଲ୍ଲା ନିଯୁକ୍ତି ଅଧିକାରୀ ଧର୍ମେନ୍ଦ୍ର ବେହେରା ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡକ୍ଟର ବିକାଶ ୟାଦଭେନ୍ଦୁ ଉପସ୍ଥିତ ଥିଲେ । ଏହି ଅବସରରେ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି କହିଛନ୍ତି ଯେ, ଏଏମ/ଏନଏସ ଇଣ୍ଡିଆରେ, ଆମେଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଦକ୍ଷତା ସହିତ ସେମାନଙ୍କ ନିଯୁକ୍ତି ସମ୍ଭାବନାକୁ ବୃଦ୍ଧି କରିବା ସହ ପରବର୍ତ୍ତୀ ପିଢ଼ିର ବିକାଶ ପାଇଁ ପ୍ରତିବଦ୍ଧ ଅଛୁ । ଆଧୁନିକ ବୈଷୟିକ ଉପକରଣ ମାଧ୍ୟମରେ ଯୁବବର୍ଗଙ୍କୁ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ ସହିତ ଚାକିରି କ୍ଷେତ୍ରରେ ଥିବା ପ୍ରତିଦ୍ୱନ୍ଦିତାରେ ସେମାନଙ୍କ ସ୍ଥିତିକୁ ମଜବୁତ କରିବା ଏହି ଉତ୍କର୍ଷ କେନ୍ଦ୍ରର ଲକ୍ଷ୍ୟ ।

### ଶଙ୍ଖ ଭବନରେ ଓଡିଶା ଦିବସ ପାଳିତ

# ଓଡିଶାର ବିକାଶକୁ କେହି ରୋକି ପାରିବ ନାହିଁ : ନବୀନ



ଭୁବନେଶ୍ୱର, (ସବ୍ୟୁ): ଦେଶାତ୍ମବୋଧ ସଂଗୀତ ଗାନ,ବରପୁତ୍ର ମାନଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ପ୍ରଦାନ ଓ ବିଶିଷ୍ଟ ଓଡ଼ିଆ ମାନଙ୍କ ସମ୍ବର୍ଦ୍ଧନା ପର୍ବ ସହ ପବିତ୍ର ଓଡିଶା ଦିବସ ବିଜେଡ଼ି ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନରେ ପାଳିତ ହୋଇ ଯାଇଛି । ଏହି ଅବସରରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ସମସ୍ତଙ୍କୁ ଓଡିଶା ଦିବସର ଶୁଭେଚ୍ଛା ଜଣାଇଥିଲେ ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ଓଡିଶା ହେଉଛି ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ଆମର ପୂର୍ବ ସୁରୀ ମାନଙ୍କର ସ୍ୱପ୍ନ ଥିଲା ଏକ ସମୃଦ୍ଧ ଓ ସ୍ୱାଭିମାନୀ ଓଡିଶା । ସେହି ସ୍ୱପ୍ନ ପୂରଣ କରିବା ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ । ୨୦୦୦ ରୁ ୨୦୨୪ ଥିଲା ଓଡିଶା ବିକାଶ ର ନୂଆ ଯୁଗ ଛଆଜି ଦେଶର ବିକାଶ ଯାତ୍ରାରେ ଓଡିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଛି । ଓଡିଆମାନେ ଦେଶ ବିଦେଶରେ ଓଡିଶାର ପରିଚୟକୁ ଆଜି ଉଜ୍ଜ୍ୱଳ କରୁଛନ୍ତି । ଏହି ସମୟ ମଧ୍ୟରେ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା । ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା । ଦେଶ ର ବିଭିନ୍ନ ବିଶ୍ୱବିଦ୍ୟାଳୟ ରେ ଓଡିଆ ଭାଷା ଉପରେ ଗବେଷଣା ପାଇଁ ନୂଆ ନୂଆ ଚେୟାର ପ୍ରତିଷ୍ଠା କରାଗଲା । ସ୍ୱାଭିମାନର ସହ ଆମେ ଓଡ଼ିଆ ବୋଲି କହିବାକୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ ଗତ ଓଡିଶାର ବିକାଶକୁ କେହି ରୋକି ପାରିବେ ନାହିଁ । ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ଡକ୍ଟର ଦିନେଶ ଷଡଙ୍ଗୀ, କବୟିତ୍ରୀ ଡକ୍ଟର ମିନି ଷଡଙ୍ଗୀ ଏବଂ ଏଭେରେଷ୍ଟ ବିଜୟିନୀ ମମତା ରାଉତଙ୍କୁ ସେମାନଙ୍କ ଅବଦାନ ପାଇଁ ଶ୍ରୀ ନବୀନ ପଟ୍ଟନାୟକ ଉପାୟନ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଧାୟକ ସୁଶାନ୍ତ ରାଉତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ,ଉଦବୋଧନ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୩ତମ ଏକଲବ୍ୟ ପୁରସ୍କାର-୨୦୨୫ ନିମନ୍ତେ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର (ସବ୍ୟୁ): ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ତରଫରୁ ସମ୍ମାନଜନକ ୩୩ତମ ଏକଲବ୍ୟ ପୁରସ୍କାର-୨୦୨୫ ନିମନ୍ତେ ନାମାଙ୍କନ ପତ୍ର ଆହ୍ୱାନ କରାଯାଇଛି । ଏକଲବ୍ୟ ପୁରସ୍କାର ହେଉଛି ଓଡ଼ିଶାର ଶ୍ରେଷ୍ଠ ଯୁବ କ୍ରୀଡାବିତ୍ଙ୍କ ପାଇଁ ଉଦ୍ଦିଷ୍ଟ ବାର୍ଷିକ କ୍ରୀଡା ପୁରସ୍କାର, ଯାହାର ନଗଦ ରାଶୀ ପରିମାଣ ୭ଲକ୍ଷ ଟଙ୍କା ରହିଛି । ମୁଖ୍ୟ ପୁରସ୍କାର ଛଡା ୨ଜଣ ଉପବିଜେତାଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଏ । ଯାହାର ପୁରସ୍କାର ରାଶୀ ପରିମାଣ ୧ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ରହିଛି । ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶା ସ୍ଥିତ କୌଣସି କ୍ରୀଡା ସଂଗଠନ/ବୋର୍ଡ/ସଂଘ, ବିଶ୍ୱବିଦ୍ୟାଳୟ, କଲେଜ ଓ ସ୍କୁଲ ମାଧ୍ୟମରେ ସେମାନଙ୍କର ନାମାଙ୍କନ ପଠାଇ ପାରିବେ । ପ୍ରାର୍ଥୀମାନଙ୍କର ବୟସ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ । ପ୍ରାର୍ଥୀମାନେ ନିଜର ବୟସ ପ୍ରମାଣପତ୍ର ସହିତ ଗତ ଦୁଇବର୍ଷ ୧ ଏପ୍ରିଲ ୨୦୨୩ରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହିତ ଦରଖାସ୍ତ ଦାଖଲ କରିବା ଆବଶ୍ୟକ । ପ୍ରାର୍ଥୀପତ୍ର ଗୁଡ଼ିକ ନିଶ୍ଚିତଭାବେ ୩୧ ମେ ୨୦୨୫ ତାରିଖ ସୁଦ୍ଧା ଏକଲବ୍ୟ ପୁରସ୍କାର, ଇମ୍ପାକ୍ଟ, ଇମ୍ଫାବିଲ୍ଡିଂ, ଭୁବନେଶ୍ୱର ୭୫୧୦୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ । ଏହାବ୍ୟତୀତ ପ୍ରାର୍ଥୀପତ୍ର ଗୁଡ଼ିକ ekalabya@imfa.in କୁ ଇମେଲ୍ କରିହେବ ଏବଂ ସହାୟକ ପ୍ରମାଣପତ୍ର ଗୁଡ଼ିକ ଉପରୋକ୍ତ ଠିକଣାକୁ ଡାକ ମାଧ୍ୟମରେ ପଠାଇବାକୁ ହେବ ।

# ଜନ୍ମଦିନରେ ବସ୍ତ୍ରଦାନ, ପାଦସେବା

ଭୁବନେଶ୍ୱର, (ସବ୍ୟୁ) : ଜନ୍ମ ଦିନ କିଏ କେମିତି ପାଳନ କରୁଛନ୍ତି । ହେଲେ ଜଣେ ସମାଜସେବୀ ମହିଳା ତାଙ୍କ ଜନ୍ମ ଦିନରେ ବୃଦ୍ଧାଶ୍ରମ ଯାଇ ବସ୍ତ୍ରଦାନ କରିବା



ସହ ପାଦସେବା କରିଥିଲେ । କେବଳ ସେତିକି ନୁହେଁ, ସେଠାରେ ଥିବା ବୟସ୍କ/ବୟସ୍କା ଅନ୍ତେବାସୀଙ୍କୁ ଖାଦ୍ୟ ଖୁଆଇ ଦେଇଥିଲେ । ରାଜଧାନୀ ଉପକଣ୍ଠ ଗାଡକଣ ଦୁଇ ନମ୍ବର ୱାର୍ଡର ସମାଜସେବୀ ପାର୍ବତୀ ବାରିକ । ତାଙ୍କ ୪୧ତମ ଜନ୍ମବାର୍ଷିକୀ ସଞ୍ଜିବନୀ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ପାଳନ କରିଥିଲେ । ସେଠାରେ ଥିବା ଶତାଧିକ ଅନ୍ତେବାସୀଙ୍କୁ ଖାଦ୍ୟ ଖୁଆଇବା ବ୍ୟବସ୍ଥା କରିବା ସହ ସେମାନଙ୍କୁ ବସ୍ତ୍ରଦାନ କରିବା ସହ ଯେଉଁମାନେ ପିନ୍ଧି ପାରୁନଥିଲେ, ସେମାନଙ୍କୁ ସମାଜସେବୀ ପାର୍ବତୀ ବସ୍ତ୍ର ପିନ୍ଧାଇ ଦେଉଥିବା ଦୃଶ୍ୟ ସବୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିହ୍ୱଳିତ କରିଥିଲା । କେବଳ ସେତିକି ନୁହେଁ ଅତ୍ୟଧିକ ବୟସ୍କ/ବୟସ୍କା ଅନ୍ତେବାସୀଙ୍କ ପାଦସେବା କରିବା ଦୃଶ୍ୟରେ ବିମୋହିତ ହୋଇପଡିଥିଲେ ଗଣମାଧ୍ୟମ ପ୍ରତିନିଧି ।

ସମାଜସେବୀ ପାର୍ବତୀ ବାରିକଙ୍କ କହିବାନୁଯାୟୀ ଯେଉଁ ପିଲାମାନଙ୍କୁ ବାପ-ମା' ପାଠ ପଢାଇ ବଡ କରାଇଲେ, ସେମାନେ ତାଙ୍କୁ ନପଚାରିବାରୁ ଉପାୟଶୂନ୍ୟ ହୋଇ ସେହି ଅସହାୟ ବୃଦ୍ଧ/ବୃଦ୍ଧା ବିଭିନ୍ନ ବୃଦ୍ଧାଶ୍ରମ ଓ ଜରାନିବାସରେ ରହୁଛନ୍ତି । ସମାଜସେବୀଙ୍କ କହିବାନୁଯାୟୀ ପିଲା ଦିନରୁ ତାଙ୍କର ସେବା ମନୋଭାବ ଥିବାରୁ ସେ ଜନ୍ମ ଦିନ ବୃଦ୍ଧାଶ୍ରମରେ ପାଳନ କରି ଅନ୍ତେବାସୀଙ୍କ ସେବା କରିବାକୁ ନିଷ୍ପତ୍ତି କରିଥିଲେ । ଚଳିତବର୍ଷ ନୁହେଁ ସେ ଦୀର୍ଘ ୧୦ବର୍ଷ ହେବ ତାଙ୍କ ଜନ୍ମ ଦିନ ଅନାଥାଶ୍ରମ ନଚେତ ଜରାନିବାସରେ ପାଳନ କରନ୍ତି । ଜନ୍ମଦିନକୁ ଛାଡି ଅନ୍ୟ ଦିନରେ ସେ ପରିବାର କାମ ସାରି ତାଙ୍କ ପାଖକୁ ଆସୁଥିବା ବିଭିନ୍ନ ଲୋକଙ୍କୁ ଅସୁବିଧାରେ ସାହାଯ୍ୟ କରନ୍ତି ବୋଲି ଗଣମାଧମ ପ୍ରତିନିଧିଙ୍କୁ କହିଛନ୍ତି ।

# ୪୦ ପ୍ରତିଶତ ଭାରତୀୟଙ୍କ ଶରୀରରେ ରହିଛି ଟିବି ଜୀବାଣୁ: ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଲୋକସଂଖ୍ୟାର ୪୦ ପ୍ରତିଶତ ବ୍ୟକ୍ତିଙ୍କ ଶରୀରରେ ଟ୍ୟୁବରକ୍ୟୁଲୋସିସ୍ ବା ଯକ୍ଷ୍ମା ରୋଗର ଜୀବାଣୁ ରହିଛି ଯଦିଓ ସେମାନଙ୍କର ମାଇକ୍ରୋବାୟୋଲଜିକାଲ୍ ପରୀକ୍ଷା ରିପୋର୍ଟ ନେଗେଟିଭ ଦର୍ଶାଇଥାଏ। ଏହା ସତ୍ତ୍ୱେ ମଧ ଏହି ୪୦ ପ୍ରତିଶତ ବ୍ୟକ୍ତି ଟିବି ଜୀବାଣୁ ଦ୍ୱାରା ସଂକ୍ରମିତ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି । ଯଦିଓ ସେମାନେ ଏହି ଜୀବାଣୁ ବହନ କରିଥାନ୍ତି ତଥାପି ଏହି ବ୍ୟାଧିଜନିତ ସମସ୍ୟା ପ୍ରାଥମିକ ସ୍ତରରେ ଦେଖାଦେଇ ନଥାଏ ଏବଂ ପରବର୍ତ୍ତୀ ସମୟରେ ଏହି ରୋଗ ପ୍ରାୟ ୧୦ ପ୍ରତିଶତ ଲୋକଙ୍କ ଠାରେ ସମସ୍ୟା ସୃଷ୍ଟି କରିଥାଏ। ତେବେ ଏହି ଲକ୍ଷଣବିହୀନ ଟିବି ରୋଗୀମାନେ ଏହି ରୋଗକୁ ଅଧିକ ସଂକ୍ରମିତ କରିଥାନ୍ତି ବୋଲି କହିଛନ୍ତି ପୁରୀର ଶ୍ରୀ ଜଗନ୍ନାଥ ମେଡିକାଲ୍ କଲେଜ ଏବଂ ହସ୍ପିଟାଲର ପ୍ରଫେସର (ଡାକ୍ତର) ସୁଦର୍ଶନ ପୋଥାଳ। ପ୍ରଫେସର ପୋଥାଳ କହିଛନ୍ତି ଯେକୌଣସି ସମସ୍ୟା ନେଇ ଡାକ୍ତରଙ୍କ ପାଖକୁ ହସ୍ପିଟାଲ୍କୁ ଆସୁଥିବା ପ୍ରତ୍ୟେକ ରୋଗୀଙ୍କର ସ୍କ୍ରିନିଂ ଦ୍ୱାରା ଟ୍ୟୁବରକ୍ୟୁଲୋସିସ୍ ପରୀକ୍ଷଣ କରାଯିବାର ଆବଶ୍ୟକତା ରହିଛି। ଟିବି ଜୀବାଣୁ ଶରୀରରେ ଧାରଣ କରି ନୀରବରେ ସଂକ୍ରମିତ କରୁଥିବା ବ୍ୟକ୍ତିମାନଙ୍କର ସ୍କ୍ରିନିଂ ଦ୍ୱାରା ହିଁ ଅଧିକ ସଂକ୍ରମଣକୁ ରୋକାଯାଇ ପାରିବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଗୁରୁଗ୍ରାମ ସ୍ଥିତ ମେଦାନ୍ତ-ଦ ମେଡ୍ସିଟିର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଚେଷ୍ଟ ସର୍ଜରୀ, ଚେଷ୍ଟ ଅଙ୍କୋ ସର୍ଜରୀ ଆଣ୍ଡ ଲଙ୍ଗ ଟ୍ରାନ୍ସପ୍ଲାନ୍ଟେସନର କନ୍ସଲ୍ଟାଂଟ ଥୋରାସିକ୍ ସର୍ଜନ ଡାକ୍ତର ମୋହନ ଭେଙ୍କଟେଶ ପୁଲେ, ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଓ ରେସ୍ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ତଥା ଓଡ଼ିଶା ଚେଷ୍ଟ ସୋସାଇଟିର ସଭାପତି ପ୍ରଫେସର (ଡାକ୍ତର) ବନାନୀ ଜେନା ବକ୍ତବ୍ୟ ରଖିଥିଲେ।

# ଭଗବାନପୁର କଣ୍ଢେଇ ମେଳଣର ପ୍ରଥମ ବର୍ଷ ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର, (ସବ୍ୟୁ): ନିକଟସ୍ଥ ଭଗବାନପୁର-ପାତ୍ରପଡ଼ାରେ ସବୁ ବର୍ଷ ପରି ଚଳିତବର୍ଷ ଭଗବାନପୁରରେ ଓଡ଼ିଶା ପ୍ରସିଦ୍ଧ କଣ୍ଢେଇ ମେଳଣ ଆରମ୍ଭ ହୋଇଛି। ଏଥିରେ ପାତ୍ରପଡ଼ା, ଭଗବାନପୁର, ତମାଣ୍ଡୋ, କାଶୀପୁର, ବାଲିଆପଡ଼ା, ସିଜୁଆ ଆଦି ବହୁ ଗ୍ରାମରୁ ପିଲାମାନେ ବିମାନରେ କଣ୍ଢେଇ ରଖି ମା' ଛୋଟୀ ଭୁଆସୁଣୀଙ୍କ ନିକଟକୁ ଆଣିଛନ୍ତି । ଏହି ଉପଲକ୍ଷେ ପ୍ରଥମ କରି ଚଳିତବର୍ଷର ସମ୍ବର୍ଦ୍ଧନା ଉତ୍ସବକୁ ଏକାମ୍ର ବିଧାୟକ ବାବୁ ସିଂ ଉଦ୍ଘାଟନ କରିବା ସଙ୍ଗେ ସଙ୍ଗେ ଭୁବନେଶ୍ୱର କ୍ଲବର ପୂର୍ବତନ ଚେୟାରମ୍ୟାନ୍ ଦୁଃଶାସନ ସ୍ୱାଇଁ, ୬୫ନଂ ୱାର୍ଡର କର୍ପୋରେଟର ରଶ୍ମୀରଞ୍ଜନ ପାଟ୍ଟଶାଣୀ, ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ଗୁମାନସିଂହ, କଣ୍ଢେଇ ମେଳଣ କମିଟିର ସଭାପତି ରବୀନ୍ଦ୍ର ନାଥ ସାହୁ, ଅଭିମନ୍ୟୁ ଚମ୍ପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ପୁରୁଖା ସଭ୍ୟ ଅପନି ବେହେରା, ଶତ୍ରୁଘନ ଚମ୍ପତି ଉପସ୍ଥିତ ଥିଲେ । ଏହି ସମାରୋହରେ ଖୋର୍ଦ୍ଧା ଜିଲ୍ଲା ପାଇକ ଆଖଡ଼ାର ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ସାମ୍ବାଦିକ ଅମ୍ବିକା ପ୍ରସାଦ ପଟ୍ଟନାୟକ, ହାଡ଼ିବନ୍ଧୁ ବିଶୋଇ, ବିଜୟ ସେଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାକୁ ସତ୍ୟନାରାୟଣ ମହାନ୍ତି ଓ ପ୍ରିୟଦର୍ଶିନୀ ସାହୁ ପରିଚାଳନା କରିଥିଲେ ।

# କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ପାଳିତ




ଭୁବନେଶ୍ୱର, (ସବ୍ୟୁ): କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଛି । ଇତି ମଧ୍ୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ ବିଗତ ୩ ଦଶନ୍ଧୀ ଧରି ଓଡ଼ିଶାର ବିକାଶରେ କିଟ୍ ଓ କିସ୍ର ଯୋଗଦାନ ରହିଆସିଛି ଏବଂ ଆଗାମୀ ଦିନରେ ମଧ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀ ସାମନ୍ତ କହିଥିଲେ । କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଉଚ୍ଚ ପ୍ରଶଂସା କରି ୟୁନେସ୍କୋ ସାଂସ୍କୃତିକ ଐତିହ୍ୟରେ କଟକ ବାଲିଯାତ୍ରା ସ୍ଥାନ ପାଇବାକୁ ଯାଉଥିବା ବିଷୟ ଉଲ୍ଲେଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉତ୍କଳ ଦିବସ ଉପରେ ନିଜନିଜର ମତ ରଖିଥିଲେ । ଶେଷରେ କିଟ୍ ଓ କିସ୍ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା ।

# ପୁରୀରେ ଆରମ୍ଭ ହେଲା ୫୭ତମ ସିନିୟର ନ୍ୟାସନାଲ ଖୋ ଖୋ ଚାମ୍ପିଅନସିପ

ଭୁବନେଶ୍ୱର (ସବ୍ୟୁ): ପୁରୀ ଜିଲ୍ଲା କ୍ରୀଡା କଂପ୍ଲେକ୍ସରେ ୫୭ତମ ଜାତୀୟ ଖୋ ଖୋ ଚାମ୍ପିଅନସିପ ଆରମ୍ଭ ହୋଇଛି । ମାର୍ଚ୍ଚ ୩୧ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ସଂସ୍କରଣ ଖୋ ଖୋ ନ୍ୟାସନାଲଗୁଡିକ ମଧ୍ୟରେ ଏକ ଐତିହାସିକ ମାଇଲଖୁଣ୍ଟ ହୋଇଛି । କାରଣ ଏଥିରେ ସମସ୍ତ ମ୍ୟାଚ ମ୍ୟାଟ୍ରେ ଖେଳାଯାଉଛି। ଏଥିରେ ୪୦ ପୁରୁଷ ଓ ୪୦ ମହିଳା ଦଳ ପ୍ରତିଯୋଗିତା କରୁଥିବାବେଳେ ଟୁର୍ଣ୍ଣାମେଣ୍ଟ ଇତିହାସରେ ଏଥିରେ ସର୍ବାଧିକ ଦଳ ଅଂଶଗ୍ରହଣ କରୁଛନ୍ତି। ଉଦଘାଟନୀ ଉତ୍ସବରେ ସୁସଂହତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା, ଯେଉଁଥିରେ କଳାକାରମାନେ ପାରମ୍ପରିକ ରଙ୍ଗୀନ ପୋଷାକରେ ସେମାନଙ୍କର ଚିତ୍ତାକର୍ଷକ ଲୋକନୃତ୍ୟ ପ୍ରଦର୍ଶନ ଜରିଆର ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ଏହି ଅବସରରେ ଖୋ ଖୋ ଫେଡେରେସନ ଅଫ ଇଣ୍ଡିଆ(କେକେଏଫଆଇ) ସଭାପତି ସୁଧାଂଶୁ ମିତ୍ତଲ, ଜେନେରାଲ ସେକ୍ରେଟାରୀ କେକେଏଫଆଇ ଏମ.ଏସ.ତ୍ୟାଗୀ, ଓଡ଼ିଶା ଖୋ ଖୋ ଆସୋସିଏସନ ସେକ୍ରେଟାରୀ ପ୍ରଦ୍ୟୁମ୍ନ ମିଶ୍ର ଏବଂ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆଙ୍କ ସହିତ ଅନ୍ୟ ଅଫିସିଆଲ ଓ ବିଶିଷ୍ଟ ଅତିଥିମାନେ ସାମିଲ ଥିଲେ । କାର୍ଯ୍ୟକ୍ରମର ବିଶେଷତ୍ୱ ଥିଲା ବିଜେତା ପୁରୁଷ ଓ ମହିଳା ଦଳଗୁଡିକ ନିମନ୍ତେ ଆକର୍ଷଣୀୟ ଚାମ୍ପିଅନସିପ ଟ୍ରଫିର ପ୍ରଦର୍ଶନ। ସୁଧାଂଶୁ ମିତ୍ତଲ ଏବଂ ଅନ୍ୟ ବିଶିଷ୍ଟ ଅତିଥିଙ୍କ ନେତୃତ୍ୱରେ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଚାମ୍ପିଅନସିପ ଶୁଭାରମ୍ଭ ସମ୍ପର୍କରେ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଥିଲା।

# ଭିଏସ୍ଏସ୍ ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ପବିତ୍ର ଉତ୍କଳ ଦିବସ

ଭୁବନେଶ୍ୱର (ସବ୍ୟୁ): ଭିଏସ୍ଏସ୍ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷୟତ୍ରୀ ଚପଳା



ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୀରସୁରେନ୍ଦ୍ର ସାଏ, ମଧୁସୁଦନ ଦାସ, ଫକିର ମୋହନ ସେନାପତୀ, ଗୋପବନ୍ଧୁ ଦାସ ଓ ଅନ୍ୟ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶୋଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବିଦ୍ୟାଳୟର ପରିଚାଳନା ବିକାଶ କମିଟିର ସଭାପତି କୈଳାଶ ଚନ୍ଦ୍ର ମିଶ୍ର ଏଥିରେ ଯୋଗଦାନ କରି ଉତ୍କଳର ବରପୁତ୍ରମାନଙ୍କର ସ୍ମୃତିଚରଣ କରି ଜଣେ ଓଡ଼ିଆ ହିସାବରେ ଗର୍ବ ଅନୁଭବ କରିବା ଓ ମାତୃଭାଷା ପ୍ରତି ଅନୁରକ୍ତ ହେବା ଆଦି ଉପରେ ଗୁରୁତ୍ୱ ଦେଇଥିଲେ ।

ବରିଷ୍ଠ ଶିକ୍ଷକ ସମୀର କୁମାର ପୃଷ୍ଟି ଓଡିଆ ଓ ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚିତ କରାଇବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ଆଚାର୍ଯ୍ୟ ଉତ୍କଳ ଦିବସର ଆଭିମୁଖ୍ୟ ଓ ଏହାର ବଜାୟ ରଖିବାରେ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଦତ୍ତ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମର ଅଦ୍ୟ ଶୁଭାରମ୍ଭ ହୋଇଥିଲା । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଶ୍ରୀମତୀ ସରସ୍ୱତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ପୁରୀ, (ସବ୍ୟୁ) : ଜିଲ୍ଲା ପୋଲିସ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ୍ ପକ୍ଷରୁ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିଥିଲେଛ ଏହି ଅବସରରେ ଏସପି ଶ୍ରୀ ଅଗ୍ରୱାଲ ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତ୍ତା ପଠନ କରି ଥିଲେଛ ଏସପି ଶ୍ରୀ ଅଗ୍ରୱାଲ କହି ଥିଲେ ଯେ, ୧୯୩୬ ମସିହା ଆଜିର ଦିନରେ ଓଡ଼ିଶା ପୋଲିସ ବାହିନୀ ଗଠନ କରାଯାଇଥିଲା । ଅପରାଧ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦୈବ ଦୁର୍ବିପାକ ସମୟରେ ପୋଲିସର କାର୍ଯ୍ୟ ପ୍ରଶଂସନୀୟ । ଲୋକଙ୍କର ଆସ୍ଥାଭାଜନ ହୋଇ ପୋଲିସ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେବା ସହ କର୍ତ୍ତବ୍ୟ ସମ୍ପାଦନରେ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଥିଲେଛ ସଂରକ୍ଷିତ ଆରକ୍ଷୀ ନିରୀକ୍ଷକଙ୍କ ନେତୃତ୍ୱରେ ଆରକ୍ଷୀ ବାହିନୀ ଚିତ୍ତାକର୍ଷକ ମାର୍ଚ୍ଚ ପାଷ୍ଟ ରେ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରିଥିଲେ । ଏହି ଅବସରରେ ସବ ଇନ୍ସପେକ୍ଟର କୌଶଲ୍ୟା ବେହେରା, ଏଏସଆଇ କାଳନ୍ଦୀ ଚରଣ ଲେଙ୍କା, ହାବିଲଦାର ରବୀନ୍ଦ୍ର ସେଠୀ, କନଷ୍ଟେବଳ ରବୀନ୍ଦ୍ର ସାହୁ,ଅଭିମନ୍ୟୁ ସ୍ୱାଇଁ ଏବଂ ଟ୍ରାଫିକ କନଷ୍ଟେବଳ କଳ୍ପନା ସେଠୀଙ୍କୁ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଗ୍ରୱାଲ ପୁଷ୍ପଗୁଚ୍ଛ ଓ ଆର୍ଥିକ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବରେ ଅତିରିକ୍ତ ଏସପି ସୁଶିଲ ମିଶ୍ର, ବିଷ୍ଣୁ ପ୍ରସାଦ ପତିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ ।

### ଉତ୍କଳ ଦିବସ ଅବସରରେ ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶ

# ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଆଜି ରାଜ୍ୟର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ ସଫଳତାକୁ ପାଳନ କରି ଉତ୍କଳ ଦିବସ ଅବସରରେ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ବାର୍ତାରେ, ଶ୍ରୀ ଅଗ୍ରୱାଲ ଓଡ଼ିଶାର ଆଧ୍ୟାତ୍ମିକତା, କଳା, ସଂସ୍କୃତି, ବୟନଶିଳ୍ପ, ଖାଦ୍ୟ, ଭୂଦୃଶ୍ୟ ଏବଂ ସ୍ଥାପତ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବିଶ୍ୱ ସ୍ତରରେ ନିଜର ପ୍ରତିଭା ଦେଖାଇଛି। ସେ ଓଡିଆ ଲୋକଙ୍କ ପ୍ରତିଭା ଏବଂ କଠିନ ପରିଶ୍ରମ ମାଧ୍ୟମରେ ଭାରତର ବିଶ୍ୱ ପ୍ରତିଷ୍ଠାକୁ ନିରନ୍ତର ବୃଦ୍ଧି କରିବା ପାଇଁ ଓଡ଼ିଆ ସମ୍ପ୍ରଦାୟକୁ ପ୍ରଶଂସା କରିଥିଲେ ।

ଓଡ଼ିଶାକୁ 'ବିଶ୍ୱର ଆଲୁମିନିୟମ୍ ରାଜଧାନୀ' ଭାବରେ ମାନ୍ୟତା ଦେଇ, ଶ୍ରୀ ଅଗ୍ରୱାଲ ରାଜ୍ୟ ସହିତ ବେଦାନ୍ତର ଗଭୀର ସମ୍ପର୍କ ପାଇଁ ଧନ୍ୟ ମନେକରିଥିଲେ। ସେ କହିଥିଲେ, 'ଓଡ଼ିଶା, ପ୍ରଚୁର ପ୍ରାକୃତିକ ସମ୍ପଦ ମାଧ୍ୟମରେ ଭାରତକୁ ଏକ ଦୃଢ଼ ବିଶ୍ୱ ପରିଚୟ ପ୍ରଦାନ କରିଛି। ଆମେ ଏହି ଅଭିବୃଦ୍ଧିରେ ଅବଦାନ ରଖି ଆଜି ପର୍ଯ୍ୟନ୍ତ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରି ଗର୍ବିତ । କିନ୍ତୁ ଆମ ପାଇଁ, ଏହା କେବଳ ବ୍ୟବସାୟ ନୁହେଁ - ଲୋକଙ୍କ କଲ୍ୟାଣ ଏବଂ ସ୍ଥାୟୀତ୍ୱ ଆମର ପ୍ରମୁଖ ପ୍ରାଥମିକତା ଅଟେ । ବେଦାନ୍ତର ସାମୁଦାୟିକ ପ୍ରୟାସ ଉପରେ ପ୍ରତିଫଳିତ କରି



ସେ ଆହୁରି କହିଛନ୍ତି, 'କଳାହାଣ୍ଡିରେ ସମୃଦ୍ଧି ଆଣିବାର ସ୍ୱପ୍ନ ସାକାର ହୋଇଛି ବୋଲି ମୋତେ ଅତ୍ୟନ୍ତ ଖୁସି ଲାଗୁଛି । ଆମେ ସେଠାକାର ପ୍ରତ୍ୟେକ ପରିବାର ତଥା ଘରେ ଘରେ ଖୁସି ଆଣିବାରେ ସକ୍ଷମ ହୋଇଛୁ ।

ସେ ନବନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇ କହିଛନ୍ତି, 'ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ, ଓଡ଼ିଶାର ଗତିଶୀଳ ମୁଖ୍ୟମନ୍ତ୍ରୀ ମୋହନ ମାଝି ରାଜ୍ୟର ବିକାଶ କାହାଣୀକୁ ଆହୁରି ଆଗକୁ ବଢ଼ାଇବେ । ଓଡ଼ିଶାର ଶିଳ୍ପ ଏବଂ ଅର୍ଥନୈତିକ ବିକାଶରେ ପ୍ରମୁଖ ଅବଦାନକାରୀ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ୩.୫ ଏମଟିପିଏ ଆଲୁମିନା ରିଫାଇନାରୀ ଏବଂ ଝାରସୁଗୁଡ଼ାରେ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟର ପରିଚାଳନା କରୁଛି। ୨୫,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହିତ, କମ୍ପାନୀ ରାଜ୍ୟରେ ନିଯୁକ୍ତି ସୃଷ୍ଟି, ଭିତିଭୂମି ବିକାଶ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତିରେ ଯୋଗଦାନ ଦେଇ ଏହାର କାର୍ଯ୍ୟକୁ ବୃଦ୍ଧି କରିବାକୁ ପ୍ରସ୍ତୁତ ରହିଛି। ବେଦାନ୍ତ ସ୍ଥାନୀୟ ସମ୍ପ୍ରଦାୟ ସହିତ ଘନିଷ୍ଠ ଭାବରେ ସହଭାଗୀତା ଜାରି ରଖିଛି, ଭାରତର ଶିଳ୍ପ ଏବଂ ସାମାଜିକ-ଆର୍ଥିକ ପ୍ରଗତି ପାଇଁ ଏକ ଗତିଶୀଳ ଅଭିବୃଦ୍ଧି କେନ୍ଦ୍ର ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ପରିବେଶ ପୁନରୁଦ୍ଧାର କ୍ଷେତ୍ରରେ ନିରନ୍ତର ପ୍ରୟାସ ମାଧ୍ୟମରେ, କମ୍ପାନୀ ଓଡ଼ିଶାର ଲୋକଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିବଦ୍ଧ ।

# ବର୍ଷକ ମଧ୍ୟରେ ନକ୍ସଲବାଦ ଲୋପ ପାଇବ: ଶାହ

## ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୨ରୁ ୬କୁ ଖସିଆସିଛି



ନୂଆଦିଲ୍ଲୀ: ନକ୍ସଲମୁକ୍ତ ଭାରତ ଗଠନ ଦିଗରେ ଏକ ବିଶାଳ ପଦକ୍ଷେପ ଗ୍ରହଣ କରି ଆମ ଦେଶ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ଜିଲ୍ଲା ସଂଖ୍ୟା ୧୨ରୁ ମାତ୍ର ୬କୁ ହ୍ରାସ କରି ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି ।

ସାମାଜିକ ଗଣମାଧ୍ୟମ ଏକ୍ସ ପୋଷ୍ଟରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ମୋଦୀ ସରକାର ନକ୍ସଲବାଦ ପ୍ରତି କଠୋର ଆଭିମୁଖ୍ୟ ସହିତ ଏକ ସଶକ୍ତ, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ ନିର୍ମାଣ କରୁଛନ୍ତି । ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବାକୁ ଭାରତ ସଂକଳ୍ପବଦ୍ଧ । ଦେଶରେ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୮ ଥିଲା । ଏମାନଙ୍କ ମଧ୍ୟରୁ ସର୍ବାଧିକ ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୨ରୁ ୬କୁ ହ୍ରାସ ପାଇଛି, ସମ୍ବେଦନଶୀଳ ଜିଲ୍ଲା ସଂଖ୍ୟା ମଧ୍ୟ ୯ରୁ ୬କୁ ହ୍ରାସ ପାଇଛି ଏବଂ ଅନ୍ୟାନ୍ୟ ମାଓ ହିଂସା ପ୍ରଭାବିତ ଜିଲ୍ଲା ସଂଖ୍ୟା ମଧ୍ୟ ୧୭ରୁ ୬କୁ ହ୍ରାସ ପାଇଛି । ଛତିଶଗଡ଼ର ୪ଟି ଜିଲ୍ଲା (ବିଜାପୁର, କାଙ୍କେର, ନାରାୟଣପୁର ଏବଂ ସୁକମା), ଝାଡ଼ଖଣ୍ଡର ୧ଟି (ପଶ୍ଚିମ ସିଂହଭୂମ) ଏବଂ ମହାରାଷ୍ଟ୍ର (ଗଡ଼ଚିରୋଲି)ର ଗୋଟିଏ ଜିଲ୍ଲା ଅନ୍ତର୍ଭୁକ୍ତ ।

ସେହିପରି ସମୁଦାୟ ୩୮ଟି ପ୍ରଭାବିତ ଜିଲ୍ଲା ମଧ୍ୟରୁ ଗୁରୁତର ଭାବେ ପ୍ରଭାବିତ ଜିଲ୍ଲାବ୍ୟତୀତ ଅତିରିକ୍ତ ସମ୍ବଳ ଯୋଗାଇ ଦେବାକୁ ପଡୁଥିବା ଜିଲ୍ଲା ସଂଖ୍ୟା ୯ରୁ ୬କୁ ହ୍ରାସ ପାଇଛି । ଏହି ୬ଟି ଜିଲ୍ଲା ହେଲା ଆନ୍ଧ୍ରପ୍ରଦେଶ (ଅଲୁରି ସୀତାରାମ ରାଜୁ), ମଧ୍ୟପ୍ରଦେଶ (ବାଲାଘାଟ), ଓଡ଼ିଶା (କଳାହାଣ୍ଡି, କନ୍ଧମାଳ ଓ ମାଲକାନଗିରି) ଏବଂ ତେଲେଙ୍ଗାନା (ଭଦ୍ରାଦ୍ରି-କୋଠାଗୁଡେମ) ।

ନକ୍ସଲବାଦ ବିରୋଧରେ ଲଗାତାର କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓ ହିଂସା ପ୍ରଭାବିତ ଜିଲ୍ଲା ସଂଖ୍ୟା ମଧ୍ୟ ୧୭ରୁ ୬କୁ ହ୍ରାସ ପାଇଛି । ଏଥିରେ ଛତିଶଗଡ଼ (ଦାନ୍ତେୱାଡ଼ା, ଗରିଆବନ୍ଦ ଓ ମୋହଲା-ମାନପୁର-ଆମ୍ବାଗଡ଼ ଚୌକି), ଝାଡ଼ଖଣ୍ଡ (ଲାତେହାର), ଓଡ଼ିଶା (ନୂଆପଡ଼ା) ଏବଂ ତେଲେଙ୍ଗାନା (ମୁଲୁଗୁ) ଜିଲ୍ଲା ଅନ୍ତର୍ଭୁକ୍ତ ।

ସର୍ବସାଧାରଣ ଭିତ୍ତିଭୂମିରେ ଥିବା ଅଭାବକୁ ପୂରଣ କରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସସିଏ) ନାମକ ଏକ ସ୍ୱତନ୍ତ୍ର ଯୋଜନା ଅଧୀନରେ ସର୍ବାଧିକ ପ୍ରଭାବିତ ଜିଲ୍ଲା ଏବଂ ସମ୍ବେଦନଶୀଳ ଜିଲ୍ଲାଗୁଡିକୁ ଯଥାକ୍ରମେ ୩୦ କୋଟି ଟଙ୍କା ଏବଂ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରନ୍ତି । ଏତଦ୍ ବ୍ୟତୀତ ଆବଶ୍ୟକତା ଅନୁଯାୟୀ ଏହି ଜିଲ୍ଲାଗୁଡ଼ିକ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ମଧ୍ୟ ଯୋଗାଇ ଦିଆଯାଉଛି । ବିଗତ ଏକ ବର୍ଷ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ ସ୍ଥିତିରେ ଦ୍ରୁତ ଉନ୍ନତି ମୁଖ୍ୟତଃ ନକ୍ସଲ ପ୍ରଭାବିତ ଅଞ୍ଚଳରେ ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା ଏବଂ ସରକାରଙ୍କ ରାସ୍ତା ସମ୍ପ୍ରସାରଣ, ପରିବହନ ସୁବିଧା, ପାଣି, ବିଜୁଳି ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନା ତଥା ଗ୍ରାମବାସୀଙ୍କ ପାଖରେ ପହଂଚିବା ଭଳି ବିକାଶମୂଳକ କାର୍ଯ୍ୟ ଯୋଗୁଁ ସମ୍ଭବ ହୋଇପାରିଛି ।

# କଥା ହେଲେ ଭାରତ-ଚୀନ୍ ରାଷ୍ଟ୍ରପତି



ନୂଆଦିଲ୍ଲୀ: ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତୀୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ କଥା ହୋଇଛନ୍ତି । ଜନସଂଖ୍ୟା ଏବଂ ବଜାର ଦୃଷ୍ଟିରୁ ବିଶ୍ୱର ଦୁଇଟି ବୃହତ୍ତମ ଦେଶର ରାଷ୍ଟ୍ରପତି ଦ୍ୱିପାକ୍ଷିକ ସମ୍ପର୍କର ୭୫ ବର୍ଷ ପୂରଣ ପାଇଁ ପରସ୍ପରକୁ ଅଭିନନ୍ଦନ ଜଣାଇଛନ୍ତି । ଏହା ସହିତ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ରାଷ୍ଟ୍ରପତି ମୁର୍ମୁ ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଏହି ଆଲୋଚନା ଏପରି ଏକ ସମୟରେ ହୋଇଥିଲା ଯେତେବେଳେ ଆମେରିକାର ଟ୍ରମ୍ପ ସରକାର ଏକ ଶୁଳ୍କ ଯୁଦ୍ଧ ଚଳାଇଛି । ଟ୍ରମ୍ପ ସରକାରଙ୍କ ମନୋଭାବ ଯୋଗୁଁ, ଆମେରିକାକୁ ଅର୍ଥନୀତି ଏବଂ ରଣନୀତି ସ୍ତରରେ ଗମ୍ଭୀର ପରିଣାମ ଭୋଗ କରିବାକୁ ପଡ଼ିପାରେ । ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ମଧ୍ୟରେ, ଚୀନ୍ ଭାରତ ସହିତ ଆର୍ଥିକ ସମ୍ପର୍କ ଉନ୍ନତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ସୂଚିତ କରିଛି ।

ଡୋନାଲ୍ଡ ଟ୍ରମ୍ପ ପାରସ୍ପରିକ ଶୁଳ୍କ (ଦେଶ ବିରୁଦ୍ଧରେ ଆମଦାନୀ ଟିକସ ଲାଗୁ କରୁଥିବା ସମାନ ଶୁଳ୍କ ଲାଗୁ କରିବା) ପାଇଁ ଏପ୍ରିଲ ୨ ତାରିଖ ଘୋଷଣା କରିଛନ୍ତି । ଏହାର ଅର୍ଥ ହେଉଛି ଯଦି ଟ୍ରମ୍ପ ତାଙ୍କ ମତରେ ଦୃଢ଼ ରୁହନ୍ତି, ତେବେ ୨ ଏପ୍ରିଲ ଅର୍ଥାତ ବୁଧବାର ଠାରୁ ବିଶ୍ୱର ଅର୍ଥନୈତିକ ଏବଂ ଦ୍ୱିପାକ୍ଷିକ ସମ୍ପର୍କର ଚିତ୍ର ବଦଳିପାରେ । ଟ୍ରମ୍ପ ସରକାରଙ୍କ ମନୋଭାବ ଯୋଗୁଁ ଆମେରିକାକୁ ଅର୍ଥନୀତି ଏବଂ ରଣନୀତି ସ୍ତରରେ ଗମ୍ଭୀର ପରିଣାମ ଭୋଗ କରିବାକୁ ପଡ଼ିପାରେ । ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ମଧ୍ୟରେ, ଚୀନ୍ ଭାରତ ସହିତ ଆର୍ଥିକ ସମ୍ପର୍କ ଉନ୍ନତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ସୂଚିତ କରିଛି ।

# ଭାରତରେ ଗଡ଼ିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

ନୂଆଦିଲ୍ଲୀ: ରେଳଯାତ୍ରୀଙ୍କ ପାଇଁ ଖୁସି ଖବର । ଭାରତରେ ଗଡିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ । ହରିୟାଣା ଜିନ୍ଦ-ସୋନିପତ ରୁଟରେ ଗଡିବ ଟ୍ରେନ୍ । ଦିଲ୍ଲୀ ଡିଭିଜନର ୮୯ କିଲୋମିଟର ରୁଟରେ ପ୍ରଥମ ଥର ପାଇଁ ହାଇଡ୍ରୋଜେନ୍ ଟ୍ରେନ୍ ଗଡିବାକୁ ଯାଉଛି । ତେବେ ଏହି ହାଇଡ୍ରୋଜେନ୍ ଟ୍ରେନରେ ମୋଟ ୮ଟି ଯାତ୍ରୀବାହୀ କୋଚ୍ ରହିବ । ଯେଉଁଥିରେ ଏକା ସାଙ୍ଗରେ ୨୬୩୮ ଜଣ ଯାତ୍ରୀ ଯାତ୍ରା କରିପାରିବେ । ଯାତ୍ରୀବାହୀ କୋଚ୍ ଛଡା ଅନ୍ୟ ୨ଟି କୋଚ୍ ହାଇଡ୍ରୋଜେନ୍ ସିଲିଣ୍ଡର ପାଇଁ ରହିବ ।

ଚେନ୍ନାଇ ଇଣ୍ଟେଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରେ ଏହାର କାମ ଚାଲୁ ରହିଛି । ତେବେ ଏହି ହାଇଡ୍ରୋଜେନ୍ ଟ୍ରେନର ସର୍ବାଧିକ ଗତି ଘଣ୍ଟାପ୍ରତି ୧୧୦ କିଲୋମିଟର ରହିବ । ଜର୍ମାନୀରେ ଏହି ହାଇଡ୍ରୋଜେନ୍ ଟ୍ରେନର ୨ଟି ବଗି ଟ୍ରାକରେ ଗଡୁଥିବା ବେଳେ ଅନ୍ୟ କେଉଁଠି ଏହି ଅଭିଯାନ ସଫଳ ହୋଇନି । ଏହି ହାଇଡ୍ରୋଜେନ୍ ଟ୍ରେନ ଶବ୍ଦ ପ୍ରଦୂଷଣକୁ କମ୍ କରିବ ଅର୍ଥାତ ଏହାର ହର୍ଣ୍ଣ ଖୁବ କମ୍ ଅଟେ । ତେବେ ଏହି ଟ୍ରେନ୍ ଥରକେ ୧୪୦ କିମି ଘଣ୍ଟା ପ୍ରତି ବେଗରେ ୧୦୦୦ କିଲୋମିଟର ଯାଏଁ ଚାଲିବ ।

# ଭାରତ ଆସିବେ ସୁନୀତା



ନୂଆଦିଲ୍ଲୀ: ମହାକାଶରେ ୯ମାସ ଫଶି ରହିବାପରେ ସୁନୀତା ୱିଲିଅମ୍ସ ଓ ବୁଚ୍ ୱିଲ୍ମୋର ନିକଟରେ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସୁନୀତା ମହାକାଶ ଯାତ୍ରାକୁ ନେଇ ନିଜର ଅନୁଭବ ସେୟାର କରିଥିବା ବେଳେ ଭାରତକୁ ତାଙ୍କ ବାପାଙ୍କ ଦେଶ ବୋଲି କହିଛନ୍ତି । ଭାରତ ବିଷୟରେ ଆଲୋଚନା କରି ସୁନୀତା କହିଥିଲେ 'ମୁଁ ଆଶା କରୁଛି ଏବଂ ମୁଁ ନିଶ୍ଚିତ ଯେ ମୁଁ ମୋ ବାପାଙ୍କ ଦେଶକୁ ଫେରିବି ଏବଂ ଲୋକମାନଙ୍କୁ ଭେଟିବି । ମୁଁ ଇସ୍ରୋ ମିସନରେ ଯାଉଥିବା ଭାରତୀୟ ମହାକାଶଚାରୀମାନଙ୍କ ବିଷୟରେ ଜାଣିବାକୁ ଖୁବ ଆଗ୍ରହୀ । ଏଥିସହ ଇସ୍ରୋ ସହିତ ମହାକାଶରେ ମୋର ଅଭିଜ୍ଞତା କିପରି ଥିଲା ତାହା ବାଣ୍ଟିବାକୁ ଇଚ୍ଛୁକ ଅଛି । ଯେତେବେଳେ ବି ମୁଁ ଭାରତ ଉପରେ ଦେଇ ଯାଉଥିଲି ମହାକାଶରୁ ଭାରତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରୁଥିଲି । ହିମାଳୟ ପାଦଦେଶ, ଜମ୍ମୁକାଶ୍ମୀର ଠାରୁ ଆରମ୍ଭ କରି ଗୁଜରାଟ, ମହାରାଷ୍ଟ୍ର ଆଦି ଅନେକ ସ୍ଥାନର ଫଟୋ ଉଠାଇବାର ସୁଯୋଗ ମୁଁ ହାତ ଛାଡ଼ କରିନାହିଁ ।'

# ଇସ୍ରୋ ପଠାଇଲା ଭୂକମ୍ପ ଛବି



ନୂଆଦିଲ୍ଲୀ: ମ୍ୟାମାରରେ ଭୂକମ୍ପ ମୃତ୍ୟୁସଂଖ୍ୟା ୨ ହଜାର ଟପିଯାଇଛି । ଗତସୋମବାର ଦେଶର ସାମରିକ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଭୂକମ୍ପରେ ୨,୦୫୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩,୯୦୦ ଆହତ ହୋଇଛନ୍ତି । ପାଖାପାଖି ୨୭୦ ଜଣ ନିଖୋଜ ଅଛନ୍ତି । ଭାରତୀୟ ମହାକାଶ ଗବେଷଣା ସଂଗଠନ କିଛି ଫଟୋ ଜାରି କରିଛି । ଏହି ଫଟୋଗୁଡ଼ିକରେ ମ୍ୟାମାରରେ ଭୂମିକମ୍ପ ପରର ଦୃଶ୍ୟ ଦେଖିବାକୁ ମିଳୁଛି ।

ମାର୍ଚ୍ଚ ୨୮ରେ ମ୍ୟାମାରରେ ହୋଇଥିବା ଭୂମିକମ୍ପ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା । ଏହି ବିପର୍ଯ୍ୟୟରେ ହଜାରହଜାର ଲୋକ ପ୍ରାଣ ହରାଇଥିଲେ । ଇସ୍ରୋର ସାଟେଲାଇଟ୍ କାର୍ଟୋସେଟ-୩ ମାର୍ଚ୍ଚ ୧୮ରେ ମ୍ୟାମାରର ମେଣ୍ଡଲେ ଏବଂ ସେଙ୍ଗେଗ ସହରର କିଛି ଅଞ୍ଚଳର ଫଟୋ ଉଠାଇଥିଲା ।

ଭୂମିକମ୍ପ ପରେ କାର୍ଟୋସେଟ-୩ ମାର୍ଚ୍ଚ ୨୯ରେ ଉଠାଇଥିବା ଫଟୋଗୁଡ଼ିକରେ ଉକ୍ତ ଅଞ୍ଚଳଗୁଡ଼ିକରେ ଭୂମିକମ୍ପର ତୀବ୍ରତା କେତେ ଶକ୍ତିଶାଳୀ ଥିଲା ତାହା ଦେଖିବାକୁ ମିଳୁଛି । କାର୍ଟୋସେଟ-୩ ହେଉଛି ଏକ ତୃତୀୟ ପିଢ଼ିର ଉନ୍ନତ ଉପଗ୍ରହ, ଯାହା ଭୂମିର ଉଚ୍ଚ ରିଜୋଲ୍ୟୁସନ୍ ଫଟୋ ଉଠାଇବାରେ ସକ୍ଷମ ହୋଇଥାଏ । ଇସ୍ରୋର ଫଟୋଗୁଡ଼ିକ ଦର୍ଶାଉଛି ଯେ ଭୂମିକମ୍ପ ପରର ଓ ପୂର୍ବର ଅବସ୍ଥା କିପରି ଥିଲା ।

# ୱେଭ୍ସ 'କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ': ଫାଇନାଲରେ ୭୫୦

ନୂଆଦିଲ୍ଲୀ : ମୁମ୍ବାଇର ଜିଓ ୱାର୍ଲ୍ଡ ସେଣ୍ଟରରେ ମେ ୧ରୁ ୪, ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୱାର୍ଲ୍ଡ ଅଡିଓ ଭିଜୁଆଲ ଆଣ୍ଡ ଏଣ୍ଟରଟେନମେଣ୍ଟ ସମିଟ (ୱେଭ୍ସ)ର ଏକ ଅଂଶ ଭାବରେ ଆରମ୍ଭ ହୋଇଥିବା କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ (ସିଆଇସି) ସିଜନ-୧ ପ୍ରାୟ ୧,୧୦୦ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସମେତ ୮୫,୦୦୦ ପଞ୍ଜୀକରଣ ଅତିକ୍ରମ କରି ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି । ୩୨ଟି ଭିନ୍ନ ଭିନ୍ନ ଚ୍ୟାଲେଞ୍ଜର ଚୟନ ପ୍ରକ୍ରିୟା ମାଧ୍ୟମରେ ବଛା ହୋଇଥିବା ୭୫୦ରୁ ଅଧିକ ଫାଇନାଲିଷ୍ଟମାନେ ସେମାନଙ୍କର ବ୍ୟକ୍ତିଗତ ଚ୍ୟାଲେଞ୍ଜ, ସେମାନଙ୍କ ପ୍ରତିଭା ଏବଂ ଦକ୍ଷତାର ଫଳାଫଳ ଏବଂ ଉତ୍ପାଦନ ପ୍ରଦର୍ଶନ କରିବା ସହିତ ପିଚିଂ ଅଧିବେଶନ ଏବଂ ମାଷ୍ଟରକ୍ଲାସ, ପ୍ୟାନେଲ ଆଲୋଚନା, ସମ୍ମିଳନୀ ଇତ୍ୟାଦି ମାଧ୍ୟମରେ ବିଶ୍ୱସ୍ତରୀୟ ଜାଏଣ୍ଟମାନଙ୍କଠାରୁ ଶିଖିବା ସମେତ ନିଜ ନିଜ କ୍ଷେତ୍ରର ବ୍ୟବସାୟୀ ନେତାମାନଙ୍କ ସହିତ ନେଟୱାର୍କିଂ ସୁଯୋଗ ପ୍ରଦର୍ଶନ କରିବାର ଅନନ୍ୟ ସୁଯୋଗ ପାଇବେ । ମୁମ୍ବାଇରେ ଆୟୋଜିତ ଏକ ଭବ୍ୟ ସମାରୋହରେ କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜର ବିଜେତାଙ୍କୁ 'ୱେଭ୍ସ କ୍ରିଏଟର ଆୱାର୍ଡ'ରେ ସମ୍ମାନିତ କରାଯିବ ।

ଏହି ଆହ୍ୱାନଗୁଡ଼ିକ କଳା କ୍ଷେତ୍ରରେ ଏକ ପ୍ରଭାବଶାଳୀ ପ୍ରବେଶ କରିଛି, ଯାହା ସମଗ୍ର ଭାରତ ଏବଂ ଏହା ବାହାରେ ଅଭିନବତା ଏବଂ ସଂପୃକ୍ତିର ଏକ ଲହର ସୃଷ୍ଟି କରିଛି, ଯାହା ବିଶ୍ୱସ୍ତରରେ ସୃଜନଶୀଳ ପ୍ରତିଭାଙ୍କ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ ଉଭା ହୋଇଛି । ହାଇ-ଏନର୍ଜି ରିଲ୍ ମେକିଂ ପ୍ରତିଯୋଗିତା, ସମାଧାନ ଭିତ୍ତିକ ଟ୍ରୁଥ୍ ଟେଲ୍ ହାକାଥନ୍, ଦୂରଦର୍ଶୀ ଯୁବ ଚଳଚ୍ଚିତ୍ର ନିର୍ମାତା ଚ୍ୟାଲେଞ୍ଜ ଏବଂ କାଳ୍ପନିକ କମିକ୍ସ କ୍ରିଏଟର ଚାମ୍ପିୟନସିପ୍ ସମେତ ୩୨ଟି ବିବିଧ ଏବଂ ଗତିଶୀଳ ଚ୍ୟାଲେଞ୍ଜକୁ ପ୍ରଦର୍ଶିତ କରି ସିଆଇସି ନିର୍ମାତାଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଥାଏ । ଅନ୍ୟ ଫ୍ଲାଗସିପ୍ ଇଭେଣ୍ଟ ଯେପରିକି ଏଆଇ ଅବତାର କ୍ରିଏଟର ଚ୍ୟାଲେଞ୍ଜ, ୱାମ୍! ଆନିମେ ଚ୍ୟାଲେଞ୍ଜ, ଇ-ସ୍ପୋର୍ଟସ ଟୁର୍ଣ୍ଣାମେଣ୍ଟ, ଟ୍ରେଲର ମେକିଂ ପ୍ରତିଯୋଗିତା, ଥିମ୍ ମ୍ୟୁଜିକ୍ କମ୍ପିଟିସନ୍ ଏବଂ ଅତ୍ୟାଧୁନିକ ଏକ୍ସଆର୍ କ୍ରିଏଟର୍ ହ୍ୟାକାଥନ୍ ଆଦି ପରବର୍ତ୍ତୀ ପିଢ଼ିର କାହାଣୀକାର, ଡିଜାଇନର୍ ଏବଂ ଡିଜିଟାଲ୍ ଉଦ୍ଭାବକଙ୍କ ନିଶ୍ଚିତ ଲଞ୍ଚପ୍ୟାଡ୍ ଭାବରେ ସିଆଇସିକୁ ପ୍ରତିଷ୍ଠା କରିଛି ।

# ଟ୍ରମ୍ପଙ୍କ ଯୁଦ୍ଧ ବିରତି ପ୍ରସ୍ତାବକୁ ରୁଷର ଅଗ୍ରାହ୍ୟ



ମସ୍କୋ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ଯୁଦ୍ଧବିରତି ପ୍ରସ୍ତାବକୁ ଗମ୍ଭୀରତାର ସହ ବିଚାର କରାଯାଉଛି, କିନ୍ତୁ ରୁଷ ଏହାର ବର୍ତ୍ତମାନର ଡ୍ରାଫ୍ଟ ରୂପରେ ଏହାକୁ ଗ୍ରହଣ କରିପାରିବ ନାହିଁ ବୋଲି ରୁଷ କହିଛି । ଡେଲି ମେଲର ଏକ ରିପୋର୍ଟ ଅନୁଯାୟୀ, ମସ୍କୋ ମଧ୍ୟ କିଛି ନୂତନ ଦାବି ଜାରି କରିଛି । ଏହି ଗଣମାଧ୍ୟମ ରିପୋର୍ଟରେ ରୁଷ ସରକାରୀ ଗଣମାଧ୍ୟମ ପ୍ରତିଷ୍ଠାନଗୁଡ଼ିକୁ ଉଦ୍ଧୃତ କରାଯାଇଛି । ରୁଷର ଉପ-ବୈଦେଶିକ ମନ୍ତ୍ରୀ ସେରଗେଇ ରିଆବକୋଭ କହିଛନ୍ତି ଯେ 'ଆମେରିକୀୟମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମଡେଲ ଏବଂ ସମାଧାନକୁ ଆମେ ବହୁତ ଗମ୍ଭୀରତାର ସହ ନେଉଛୁ ।' କିନ୍ତୁ ଆମେ ଏହାକୁ ବର୍ତ୍ତମାନର ରୂପରେ ଗ୍ରହଣ କରିପାରିବୁ ନାହିଁ ।

ରୁଷର ଉପ-ବୈଦେଶିକ ମନ୍ତ୍ରୀ ସେରଗେଇ ରିଆବକୋଭ ଇଣ୍ଟରନ୍ୟାସନାଲ ଆଫେୟାର୍ସକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ 'ଯେପର୍ଯ୍ୟନ୍ତ ଆମେ ଦେଖିପାରୁଛୁ, ଆଜି ଆମର ମୁଖ୍ୟ ଦାବି ପାଇଁ ସେମାନଙ୍କ ମଧ୍ୟରେ କୌଣସି ସ୍ଥାନ ନାହିଁ ।' ଏହି ସଂଘର୍ଷର ମୂଳ କାରଣ ସହ ଜଡିତ ସମସ୍ୟାଗୁଡ଼ିକର ସମାଧାନ ହେବାକୁ ବାକି ଅଛି । ଯାହା ବର୍ତ୍ତମାନର ଡ୍ରାଫ୍ଟରେ ସମ୍ପୂର୍ଣ୍ଣ ଅନୁପସ୍ଥିତ । ଏହି ପ୍ରସ୍ତାବର ତ୍ରୁଟିଗୁଡ଼ିକୁ ଦୂର କରିବାକୁ ପଡିବ ।

ଉଲ୍ଲେଖନୀୟ ଯେ ରବିବାର ଦିନ ହିଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି ଉଭୟଙ୍କୁ ସମାଲୋଚନା କରିଥିଲେ । ୟୁକ୍ରେନରେ ଚାଲିଥିବା ଯୁଦ୍ଧ ଉପରେ ଟ୍ରମ୍ପ ନିଜର ହତାଶା ପ୍ରକାଶ କରିଥିଲେ, ଯାହାକୁ ସେ ଶୀଘ୍ର ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେ ଦାବି କରିଥିଲେ ଯେ ଆଲୋଚନାରେ ଅଗ୍ରଗତି ହେଉଛି, କିନ୍ତୁ ଚେତାବନୀ ଦେଇଥିଲେ ଯେ ମସ୍କୋ ଉପରେ ଚାପ ପକାଇବା ପାଇଁ ସେ ଅତିରିକ୍ତ କଟକଣା ଲଗାଇପାରନ୍ତି ।

# ମାର୍ଚ୍ଚରେ ୧.୯୬ ଲକ୍ଷ କୋଟିର ଜିଏସଟି ଆଦାୟ

ନୂଆଦିଲ୍ଲୀ : ନୂତନ ଆର୍ଥିକ ବର୍ଷ ୧ ଏପ୍ରିଲରୁ ଆରମ୍ଭ ହୋଇଛି । ଏହା ସହିତ, ସରକାରଙ୍କ ପାଇଁ ଏକ ଭଲ ଖବର ଆସିଛି । ନିକଟରେ ସମାପ୍ତ ମାର୍ଚ୍ଚ ମାସରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସଟି) ସଂଗ୍ରହ ୯.୯ ପ୍ରତିଶତ ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ମାସରେ ଏହା ୧.୮୪ ଲକ୍ଷ କୋଟି ଟଙ୍କା ଥିଲା ।

ଏହାସହିତ କ୍ରମାଗତ ୧୩ ବର୍ଷ ଧରି ଜିଏସଟି ସଂଗ୍ରହ ୧.୭ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା । ଏହି ତ୍ରୈମାସିକରେ ଜିଏସଟି ସଂଗ୍ରହ ୫.୮ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୦.୪ ପ୍ରତିଶତ ଅଧିକ । ରିଫଣ୍ଡ୍ କାଟିବା ପରେ ନିଟ୍ ଜିଏସଟି ସଂଗ୍ରହ ମଧ୍ୟ ଗତ ବର୍ଷ ତୁଳନାରେ ଏହି ମାର୍ଚ୍ଚ ମାସରେ ୭.୬ ପ୍ରତିଶତ ଅଧିକ ଥିଲା ।

ବଜେଟରେ ସରକାର ଚଳିତ ବର୍ଷ ପାଇଁ ଜିଏସଟି ରାଜସ୍ୱରେ ୧୧% ବୃଦ୍ଧି ଆକଳନ କରିଥିଲେ । କେନ୍ଦ୍ରୀୟ ଜିଏସଟି ଏବଂ କ୍ଷତିପୂରଣ ସେସ୍‌କୁ ମିଶାଇ ୧୧.୭୮ ଲକ୍ଷ କୋଟି ଟଙ୍କାର ଜିଏସଟି ଆଦାୟ ହେବ ବୋଲି ଆକଳନ କରାଯାଇଛି ।




ନୂଆଦିଲ୍ଲୀଠାରେ ନୀଳାଚଳ ସେବାସଂଘ ପକ୍ଷରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ସୂଚକାଙ୍କ ଖସିଲା ୧୩୯୦ ପଏଣ୍ଟ

## ଷ୍ଟକ୍ ବଜାରରେ ହାହାକାର



ମୁମ୍ବାଇ : ଭାରତୀୟ ଷ୍ଟକ୍ ବଜାରରେ ସୁଧାରର କୌଣସି ସଙ୍କେତ ଦେଖାଯାଉ ନାହିଁ । ବେଶ କେତୋଟି ସେସନରେ ବୃଦ୍ଧି ପରେ ଆଜି ବଜାର ପୁଣି ଥରେ ବଜାରରେ ବଡ଼ଧରଣର ହ୍ରାସ ପରିଲକ୍ଷିତ ହୋଇଛି । ବିଏସଇ ସେନସେକ୍ସ ୧୩୯୦.୪୧ ପଏଣ୍ଟ ହ୍ରାସ ପାଇ ୭୬୦୨୪.୫୧ ରେ ବନ୍ଦ ହୋଇଥିଲା । ସେହିପରି ଏନଏସଇ ନିଫ୍ଟି ମଧ୍ୟ ୩୫୩.୬୫ ପଏଣ୍ଟ ହ୍ରାସ ପାଇ ୨୩୧୬୫.୭୦ ପଏଣ୍ଟରେ ବନ୍ଦ ହୋଇଛି । ଆଜି ବଜାରରେ ଚାରିଆଡ଼େ ବିକ୍ରୟ ହେଉଥିଲା । କୁହାଯାଉଛି ଯେ ଟ୍ରମ୍ପଙ୍କ ଦ୍ୱାରା ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିବା ଆଶଙ୍କାରେ ସମଗ୍ର ବିଶ୍ୱର ପ୍ରମୁଖ ଷ୍ଟକ ବଜାରଗୁଡ଼ିକରେ ହ୍ରାସ ପରିଲକ୍ଷିତ ହୋଇଛି । ସେହିପରି ତେଲଦର ବୃଦ୍ଧି ନିବେଶକଙ୍କ ମନୋଭାବକୁ ଦୁର୍ବଳ କରିଛି ।

ବଜାରରେ ବଡ଼ଧରଣର ହ୍ରାସ ଯୋଗୁଁ ଆଜି ନିବେଶକଙ୍କ କୋଟି କୋଟି ଟଙ୍କା କ୍ଷତି ହୋଇଛି । ୨୮ ମାର୍ଚ୍ଚରେ ଯେତେବେଳେ ବଜାର ବନ୍ଦ ହୋଇଥିଲାସେତେବେଳେ ବିଏସଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ୪୧୨୮୭୬୪୬ କୋଟି ଟଙ୍କା ଥିଲା । ଆଜିର ବିକ୍ରୟରେ ବଜାର ପୁଞ୍ଜି ୪୦୯୬୪୮୨୧.୬୫ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି । ଏହିପରି ଭାବରେ ନିବେଶକମାନେ ଆଜି ୩.୪୯ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ଏବେ ପ୍ରଶ୍ନ ଉଠୁଛି ଯେ ବଜାର ଏତେ ହ୍ରାସ ପାଇଲା କାହିଁକି ? କୁହାଯାଉଛି ଯେ ଟ୍ରମ୍ପଙ୍କ ଦ୍ୱାରା ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିବା ଆଶଙ୍କାରେ ସମଗ୍ର ବିଶ୍ୱର ପ୍ରମୁଖ ଷ୍ଟକ ବଜାରଗୁଡ଼ିକରେ ହ୍ରାସ ପରିଲକ୍ଷିତ ହୋଇଛି । ସେହିପରି ତେଲଦର ବୃଦ୍ଧି ନିବେଶକଙ୍କ ମନୋଭାବକୁ ଦୁର୍ବଳ କରିଛି ।

# ରାଜଗିରିରେ ଏସିଆ କପ୍ ହକି

ନୂଆଦିଲ୍ଲୀ, ୧୪ (ଏଜେନ୍ସି): ବିହାରକୁ ପୁଣି ହକି ଫେରିଛି । ବିହାରର ରାଜଗିରି ସହରରେ ଏସିଆ କପ ଆୟୋଜିତ ହେବ । ହକି ଇଣ୍ଡିଆ ଏବଂ ବିହାର ରାଜ୍ୟ କ୍ରୀଡ଼ା ପ୍ରାଧିକରଣ ମଧ୍ୟରେ ଏ ସମ୍ପର୍କରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜଗିରି ହକି ଷ୍ଟାଡିୟମରେ ଖେଳାଯିବ । ନଭେମ୍ବର ୨୦୨୪ରେ ଅନୁଷ୍ଠିତ ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ପରେ ରାଜଗିରିରେ ଏହା ଦ୍ୱିତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ହେବାକୁ ଯାଉଛି । ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ଭାରତ ବିଜୟ ହାସଲ କରିଥିଲା ।

ମହାଦେଶୀୟ ଟୁର୍ଣ୍ଣାମେଣ୍ଟର ୧୨ତମ ସଂସ୍କରଣରେ ଆୟୋଜକ ଭାରତ ସମେତ ପାକିସ୍ତାନ, ଜାପାନ, କୋରିଆ, ଚୀନ୍ ଏବଂ ମାଲେସିଆ ଭଳି ୮ଟି ଦଳ ଅଂଶଗ୍ରହଣ କରିବେ । ବାକି ଦୁଇଟି ଦଳ ଏଏଚ୍‌ଏଫ୍ କପ୍ ମାଧ୍ୟମରେ ଯୋଗ୍ୟତା ଅର୍ଜନ କରିବେ ।

ପୁରୁଷ ଏସିଆ କପ୍ ଇତିହାସରେ ଦକ୍ଷିଣକୋରିଆ ୫ ଥର ଯଥା– ୧୯୯୪, ୧୯୯୯, ୨୦୦୯, ୨୦୧୩ ଓ ୨୦୨୨ରେ ଚାମ୍ପିଅନ ହୋଇଥିଲା । ଏହାପରେ ଭାରତ ୨୦୦୩, ୨୦୦୭ ଓ ୨୦୧୭ରେ ୩ ଥର ଚାମ୍ପିଅନ ହୋଇଥିଲା । ପାକିସ୍ତାନ ମଧ୍ୟ ୩ ଥର ଚାମ୍ପିଅନ ହୋଇଛି । ଦଳ ୧୯୮୨, ୧୯୮୫ ଓ ୧୯୮୯ରେ ତିନିଥର ଟୁର୍ଣ୍ଣାମେଣ୍ଟ ଜିତିଥିଲା ।

ଚଳିତ ଏସିଆ କପ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ । କାରଣ ବେଲ୍‌ଜିୟମ ଓ ନେଦରଲାଣ୍ଡସରେ ଆୟୋଜିତ ହେବାକୁ ଥିବା ୨୦୨୬ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ ପାଇଁ ଏହା ଯୋଗ୍ୟତା ଇଭେଣ୍ଟ । ଏହି ଟୁର୍ଣ୍ଣାମେଣ୍ଟର ବିଜେତା ଦଳ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ । ହକି ଇଣ୍ଡିଆ ସଭାପତି ଡ. ଦିଲୀପ ତିର୍କୀ କହିଛନ୍ତି, ରାଜଗିରିରେ ଏସିଆ କପ୍ ଆୟୋଜନ କରିବା ଭାରତୀୟ ହକି ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଷ୍ଟାଡିୟମଟି ଅନ୍ତର୍ଜାତୀୟ ମାନର । ମୁଁ ନିଶ୍ଚିତ ଯେ ଏହା ଖେଳାଳି ଓ ଦର୍ଶକଙ୍କ ପାଇଁ ରୋମାଞ୍ଚକର ପରିବେଶ ପ୍ରଦାନ କରିବେ । ୨୦୨୬ ବିଶ୍ୱକପ୍ ପାଇଁ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ ସବୁ ମ୍ୟାଚ୍‌ଗୁଡ଼ିକ ବେଶ୍ ରୋମାଞ୍ଚକର ହେବ ।

## ଆଇପିଏଲ୍ ମହାସମର

# ପଞ୍ଜାବକୁ ଜିତାଇଲେ ଶ୍ରେୟାସ, ପ୍ରଭସିମ୍ରନ





ଲକ୍ଷ୍ନୌ, ୧୪ (ଏଜେନ୍ସି): ଆଇପିଏଲ୍‌ର ୧୩ତମ ମ୍ୟାଚ୍‌ରେ ଘରୋଇ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ୮ ୱିକେଟରେ ଧରାଶାୟୀ କରିଛି ପଞ୍ଜାବ କିଙ୍ଗ୍ସ । ଚଳିତ ସଂସ୍କରଣରେ ଏହା ପଞ୍ଜାବ କିଙ୍ଗ୍ସର କ୍ରମାଗତ ଦ୍ୱିତୀୟ ବିଜୟ । ପଞ୍ଜାବ ଦୁଇ ମ୍ୟାଚ୍‌ରୁ ୪ ପଏଣ୍ଟ ସହ ପଏଣ୍ଟ ଟେବୁଲରୁ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ମ୍ୟାଚ୍‌ରେ ୩୪ ବଲରୁ ୬୯ ରନର ଜମାଣିଆ ଇନିଂସ ଖେଳିଥିବା ପ୍ରଭସିମ୍ରନ ସିଂହଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ପ୍ରଭସିମ୍ରନ୍ (୬୯) ଓ ଶ୍ରେୟାସ ଆୟର (୫୨) ଜମାଣିଆ ଇନିଂସ୍ ଖେଳି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ୨୦ ଓଭରରେ ୭ ୱିକେଟ ହରାଇ ୧୭୧ ରନ କରିଥିଲା । ଜବାବରେ ପଞ୍ଜାବ କିଙ୍ଗ୍ସ ୧୬.୨ ଓଭରରେ ୧୭୭/୨ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ଘରୋଇ ଲକ୍ଷ୍ନୌ ଦଳକୁ ଭେଟିଥିଲା ପଞ୍ଜାବ କିଙ୍ଗ୍ସ । ଟସ୍ ଜିତି ପଞ୍ଜାବ କିଙ୍ଗସ୍ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଓପନର ଆଦିନ ମାକ୍ରାମ୍‌ଙ୍କ ସହ ମିଚେଲ ମାର୍ସ ପାଳି ଆରମ୍ଭ କରିଥିଲେ । ଦଳୀୟ ସ୍କୋର ୧ ରନ ବେଳେ ବିନା ସ୍କୋରରେ ଆଉଟ ହୋଇଥିଲେ ମିଚେଲ ମାର୍ସ । ଏହା ପରେପରେ ୩୨ ଓ ୩୫ ରନ୍‌ରେ ଆଉ ଦୁଇଟି ଝଟ୍‌କା ଲାଗିଥିଲା । ଆଦିନ ମାକ୍ରାମ ୨୮ ରନ କରି ଫର୍ଗୁସନଙ୍କ ଶିକାର ହୋଇଥିବାବେଳେ ରିଷଭ ପନ୍ତ ୨ ରନ କରି ମାକ୍ସୱେଲ୍‌ଙ୍କ ବଲ୍‌ରେ କ୍ୟାଚ୍‌ଆଉଟ ହୋଇଥିଲେ । ନିକୋଲାସ ପୁରନ ୩୦ ବଲ୍‌ରୁ ୪୪ ରନ, ଆୟୁଷ ବଦୋନି ୩୩ ବଲ୍‌ରୁ ୪୧ ରନ, ଡେଭିଡ୍ ମିଲର ୧୮ବଲ୍‌ରୁ ୧୯ ରନ, ଅବ୍ଦୁଲ ସମଦ ୧୨ ବଲରୁ ୨୭ ରନ କରିବାରୁ ଲକ୍ଷ୍ନୌ ୨୦ ଓଭରରେ ୭ ୱିକେଟ ହରାଇ ୧୭୧ ରନର ସମ୍ମାନଜନକ ସ୍କୋର କରିଥିଲା । ବୋଲିଂରେ ପଞ୍ଜାବ କିଙ୍ଗସ୍‌ର ଅର୍ଶଦୀପ ସିଂ ୩ଟି, ଲୋକି ଫର୍ଗୁସନ, ଗ୍ଲେନ୍ ମାକ୍ସୱେଲ, ମାର୍କୋ ଜନସେନ୍ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ୧୭୨ ରନର ବିଜୟଲକ୍ଷ୍ୟକୁ ପିଛା କରି ପଞ୍ଜାବ କିଙ୍ଗସ୍ ଓପନର ପ୍ରିୟାଂଶ ଆର୍ଯ୍ୟଙ୍କୁ ହରାଇଥିଲା । ଦଳୀୟ ସ୍କୋର ୨୬ ରନ୍‌ରେ ପ୍ରାରମ୍ଭିକ ଝଟ୍‌କା ସତ୍ତ୍ୱେ ପ୍ରଭସିମ୍‌ରନ ସିଂ, ଶ୍ରେୟାସ ଆୟର ଓ ନେହାଲ ୱାଧେରା ସ୍ଥିତି ସମ୍ଭାଳିଥିଲେ । ସବୁଠୁ ଜମାଣିଆ ଇନିଂସ୍ ଖେଳିଥିଲେ ପ୍ରଭସିମ୍ରନ ସିଂ । ସେ ୩୪ ବଲ୍‌ରୁ ୯ଟି ଚୌକା ଓ ୩ଟି ଛକା ସହାୟତାରେ ୬୯ ରନ କରିଥିଲେ । ଏହାପରେ ଶ୍ରେୟାସ ଓ ନେହାଲ ତୃତୀୟ ୱିକେଟରେ ଦଳକୁ ଜିତାଇଥିଲେ । ଶ୍ରେୟାସ ୩୦ଟି ବଲ୍‌ରୁ ୪ଟି ଛକା ଓ ୩ଟି ଚୌକା ସହାୟତାରେ ଅପରାଜିତ ୫୨ ରନ କରିଥିବାବେଳେ ନେହାଲ ୱାଧେରା ୨୫ ବଲ୍‌ରୁ ୪ଟି ଛକା ସହାୟତାରେ ଅପରାଜିତ ୪୩ ରନ କରି ବିଜୟ ମୁଣ୍ଡି ମାରିଥିଲେ । ବୋଲିଂରେ ଲକ୍ଷ୍ନୌର ଦିଗ୍‌ଭେସ୍ ରାଠି ଦୁଇଟି ୱିକେଟ ସଫଳତା ପାଇଥିଲେ ।

### ଆଜିର ମ୍ୟାଚ

ବେଙ୍ଗାଲୁରୁ–ଗୁଜରାଟ
ସମୟ: ରାତି ୭.୩୦
ସ୍ଥାନ: ବେଙ୍ଗାଲୁରୁ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

# ବନ୍ଦନାଙ୍କ ଅବସର



ନୂଆଦିଲ୍ଲୀ, ୧୪ (ଏଜେନ୍ସି): ଭାରତୀୟ ମହିଳା ହକି ଦଳର ତାରକା ଖେଳାଳି ବନ୍ଦନା କାଟାରିଆ ମଙ୍ଗଳବାର ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି । ୧୫ ବର୍ଷ ଧରି ଭାରତୀୟ ହକି ସହ ଜଡ଼ିତ ଥିବା ବନ୍ଦନା ୩୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୫୮ ଗୋଲ ସହିତ ଭାରତୀୟ ମହିଳା ହକି ଇତିହାସରେ ସର୍ବାଧିକ କ୍ୟାପ୍ ଖେଳାଳି ଭାବେ ଇତିହାସ ରଚିଛନ୍ତି ।

୨୦୦୯ ମସିହାରେ ସିନିଅର ମହିଳାରେ ଡେବ୍ୟୁ କରିଥିବା ବନ୍ଦନା ୩୨ ବର୍ଷରେ ପଦାର୍ପଣ କରିସାରିଛନ୍ତି । ଏହି ତାରକା ଫରୱାର୍ଡ୍ ଜଣଙ୍କ ଜାତୀୟ ଦଳର ମଙ୍ଗ ମଧ୍ୟ ଧରିଛନ୍ତି । କିଛି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ତାଙ୍କର ଯୋଗଦାନ ମଧ୍ୟ ଅତୁଳନୀୟ । ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଭାରତର ଐତିହାସିକ ୪ର୍ଥ ସ୍ଥାନ ହାସଲ କରିଥିବା ଦଳରେ ବନ୍ଦନା ସାମିଲ ଥିଲେ । ଏହି ଅଲିମ୍ପିକ୍ସରେ ସେ ହ୍ୟାଟ୍ରିକ ଗୋଲ କରିଥିବା ପ୍ରଥମ ଏବଂ ଏକମାତ୍ର ଭାରତୀୟ ମହିଳା ଖେଳାଳି ହୋଇଥିଲେ ।

ଗତ ଫେବୃଆରୀରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ମ୍ୟାଚ୍ ଖେଳାଯାଇଥିଲା । ଭୁବନେଶ୍ୱର ପର୍ଯ୍ୟାୟରେ ବନ୍ଦନା ଭାରତ ପାଇଁ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ଅବସର ପରେ ବନ୍ଦନା କହିଛନ୍ତି ଯେ ଏହି ନିଷ୍ପତ୍ତି ସହଜ ନଥିଲା । କିନ୍ତୁ ଜାଣେ ଏହା ସଠିକ୍ ସମୟ । ଭାରତୀୟ ଜର୍ସି ପିନ୍ଧିବା ସବୁଠାରୁ ସମ୍ମାନ ଥିଲା । କିନ୍ତୁ ପ୍ରତ୍ୟେକ ଯାତ୍ରାର ଏକ ଅନ୍ତ ମଧ୍ୟ ଥାଏ । ମୁଁ ଅତ୍ୟନ୍ତ ଗର୍ବ, କୃତଜ୍ଞତା ଓ କ୍ରୀଡ଼ା ପ୍ରତି ଭଲ ପାଇବା ସହିତ ବିଦାୟ ନେଉଛି । ମୁଁ ସର୍ବଦା ଭାରତୀୟ ହକିର ବଡ଼ ସମର୍ଥକ ହୋଇ ରହିବି ।

୧୫ ବର୍ଷ ଧରି ଜାତୀୟ ହକି ସହ ଜଡ଼ିତ ଥିବା ସମୟରେ ତାଙ୍କୁ ସମର୍ଥନ ଦେଇଥିବା ସମସ୍ତଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି । ମୁଁ ମୋର ପ୍ରଶିକ୍ଷକ, ସାଥୀ ଖେଳାଳି, ସହାୟକ କର୍ମଚାରୀ, ହକି ଇଣ୍ଡିଆ, ମୋ ପରିବାର ଏବଂ ବର୍ଷବର୍ଷ ଧରି ମୋତେ ସମର୍ଥନ କରିଥିବା ସମସ୍ତ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି । ପ୍ରତିଟି ଚିୟର୍ସ, ପ୍ରତ୍ୟେକ ବାର୍ତ୍ତା, ଉତ୍ସାହର ଶବ୍ଦ ମୋ ପାଇଁ ହକି ଦୁନିଆଁ ଥିଲା । ଭାରତୀୟ ହକିରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏକାଧିକ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଛି । ୨୦୧୧ରେ ଅର୍ଜ୍ଜୁନ ପୁରସ୍କାର, ୨୦୨୨ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ୨୦୧୪ରେ ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ଭାବେ ହକି ଇଣ୍ଡିଆ ବଲବୀର ସିଂ ସିନିୟର ପୁରସ୍କାର, ୨୦୨୧ରେ ଉତ୍କୃଷ୍ଟ ସଫଳତା ପାଇଁ ହକି ଇଣ୍ଡିଆନ ପ୍ରେସିଡେଣ୍ଟ ପୁରସ୍କାର, ୨୦୨୧–୨୨ ଲାଗି ଫରୱାର୍ଡ୍ ଅଫ୍ ଦି ଇୟର ଧନରାଜ ପିଲେ ପୁରସ୍କାର ଏବଂ ଅନ୍ୟାନ୍ୟ ଅନେକ ପୁରସ୍କାରରେ ସେ ସମ୍ମାନିତ ହୋଇଛନ୍ତି । ଭାରତର ଶ୍ରେଷ୍ଠ ଫରୱାର୍ଡ୍‌ଙ୍କ ମଧ୍ୟରୁ ଅନ୍ୟତମ ବନ୍ଦନା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ଅବଦାନକୁ ଭାରତୀୟ ମହିଳା ହକି ସବୁଦିନ ମନେରଖିବ ।

# ଜାତୀୟ ସିନିୟର ଖୋ ଖୋ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧୪ (ସବ୍ୟୁ): ପୁରୀ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସରେ ୫୭ତମ ଜାତୀୟ ଖୋ ଖୋ ଚାମ୍ପିଅନ୍‌ସିପ୍ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ସାରେ ଯାହାଁସେ ଆଚ୍ଛା ଧୁନ୍‌ରେ ଉଭୟ ପୁରୁଷ ଓ ମହିଳା ଦଳଗୁଡ଼ିକ ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିଥିଲେ । ଆଗାମୀ ୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଜାରି ରହିବ । ଏହି ସଂସ୍କରଣରେ ସମସ୍ତ ମ୍ୟାଚ୍‌ଗୁଡ଼ିକ ମ୍ୟାଟ୍‌ରେ ଖେଳାଯିବା ରାଜ୍ୟ ଖୋ ଖୋ ପାଇଁ ଏକ ଐତିହାସିକ ସଫଳତା ହୋଇଛି । ଏହି ପ୍ରତିଯୋଗିତାରେ ୪୦ଟି ପୁରୁଷ ଓ ୪୦ଟି ମହିଳା ଦଳ ଅଂଶ ଗ୍ରହଣ କରିଛନ୍ତି ।

ଉଦ୍‌ଘାଟନୀ ଉତ୍ସବରେ ପାରମ୍ପରିକ ପୋଷାକରେ ଚିତ୍ତାକର୍ଷକ ଲୋକନୃତ୍ୟ ପରିବେଷଣ ହୋଇଥିଲା । ଅତିଥିଙ୍କ ମଧ୍ୟରେ ଖୋ ଖୋ ଫେଡେରେସନ ଅଫ୍ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ, ସାଧାରଣ ସମ୍ପାଦକ ଏମ୍‌ଏସ୍ ତ୍ୟାଗୀ, ଓଡ଼ିଶା ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆଙ୍କ ସହିତ ଅନ୍ୟ ଅଫିସିଆଲ ଓ ବରିଷ୍ଠ ଅତିଥିମାନେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଉତ୍ସବରେ ସଭାପତି ସୁଧାଂଶୁ ମିତ୍ତଲ, ବିଶିଷ୍ଟ ବ୍ୟକ୍ତି, ଅତିଥି, କୋଚ୍ ଓ ବିଭିନ୍ନ ରାଜ୍ୟ ଫେଡେରେସନର ପ୍ରତିନିଧିଙ୍କୁ ସାଲ୍ ଓ ସ୍ମାରକୀ ସିଲ୍ଡ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

ଚାମ୍ପିଅନସିପ୍‌ରେ ୧୬୦ଟି ଲିଗ୍ ଏବଂ ୩୦ଟି ନକ୍‌ଆଉଟ ମ୍ୟାଚ୍ ସହିତ ମୋଟ ୧୯୦ଟି ମ୍ୟାଚ୍ ଖେଳାଯିବ । ୨୦୨୫ ଖୋ ଖୋ ବିଶ୍ୱକପ ପରେ ଏହା ଦ୍ୱିତୀୟ ସର୍ବବୃହତ୍ତ ପ୍ରତିଯୋଗିତା । ଖୋ ଖୋ ବିଶ୍ୱକପ ଗତ ଜାନୁଆରୀରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୬ଟି ମହାଦେଶର ୨୩ଟି ରାଷ୍ଟ୍ରରୁ ୩୯ ଦଳ ଅଂଶଗ୍ରହଣ କରିଥିଲେ । ସେଥିରେ ଭାରତ ଉଭୟ ପୁରୁଷ ଓ ମହିଳା ବର୍ଗରେ ବିଜେତା ହୋଇଥିଲା ।

# ସାଙ୍ଗାକାରାଙ୍କ ପ୍ରେମରେ ମଲାଇକା !




ନୂଆଦିଲ୍ଲୀ, ୧୪ (ଏଜେନ୍ସି): ବଲିଉଡ୍ ଅଭିନେତ୍ରୀ ଏବେ କ୍ରିକେଟରଙ୍କ ପ୍ରେମରେ ପଡ଼ିଛନ୍ତି । ପ୍ରାୟତଃ ସେ ନିଜର ବ୍ୟକ୍ତିଗତ ଜୀବନ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ସେ ହେଉଛନ୍ତି ଅମିନେତ୍ରୀ ମଲାଇକା ଅରୋରା । ମଲାଇକାଙ୍କର ଅର୍ଜ୍ଜୁନଙ୍କ ସହ ବ୍ରେକ୍‌ଅପ୍ ପରେ ସେ ସିଙ୍ଗଲ ଅଛନ୍ତି । ଆଇପିଏଲ୍ ସମୟରେ ମଲାଇକାଙ୍କୁ ଗୌହାଟୀରେ ମ୍ୟାଚ୍ ଦେଖୁଥିବାର ନଜର ଆସିଥିଲେ । ଏହା ମଧ୍ୟରେ ତାଙ୍କ ସହ ପୂର୍ବତନ କ୍ରିକେଟର କୁମାର ସାଙ୍ଗାକାରାଙ୍କ ସମେତ ଥଟ୍ଟା ମଜା ହେଉଥିବା ଦେଖିବାକୁ ମିଳିଥିଲା । ଦୁହେଁ ଏକାଠି ମ୍ୟାଚ୍ ଉପଭୋଗ କରୁଥିବା ଦେଖି ପ୍ରଶଂସକ ନାନାଦି କଳ୍ପନାଜଳ୍ପନା ଆରମ୍ଭ କରିଛନ୍ତି । କୁହାଯାଉଛି ଯେ ସାଙ୍ଗାକାରାଙ୍କ ପ୍ରେମରେ ମଲାଇକା । ନିଶ୍ଚିତ ଭାବେ ଉଭୟଙ୍କ ମଧ୍ୟରେ କିଛି ଚାଲିଛି । ମଲାଇକା ଅରୋରା ନିକଟରେ ଆଇପିଏଲ୍ ପାଇଁ ଗୌହାଟୀ ଯାଇଥିଲେ । ସେ ଷ୍ଟାଡିୟମରେ ଚେନ୍ନାଇ ଓ ରାଜସ୍ଥାନ ମ୍ୟାଚ୍ ଦେଖିଥିଲେ । ଭାଇରାଲ ହୋଇଥିବା ଏକ ଫଟୋରେ ମଲାଇକାଙ୍କୁ କୁମାର ସାଙ୍ଗାକାରାଙ୍କ ସହ ରାଜସ୍ଥାନ ରୟାଲ୍ସ ଜର୍ସି ପିନ୍ଧିଥିବା ନଜର ଆସିଥିଲେ । ଦୁହେଁ ଏକାଠି ବସି ମ୍ୟାଚ୍ ଉପଭୋଗ କରୁଥିଲେ । ତାଙ୍କର ଏହି ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ଏହି ଫଟୋକୁ ଦେଖି ଦର୍ଶକ କହୁଛନ୍ତି, ଉଭୟଙ୍କ ମଧ୍ୟରେ ନିଶ୍ଚିତ କିଛି ଚାଲିଛି । ତଥାପି ଏହା କେବଳ ଏକ ମ୍ୟାଚ୍‌ର ସିନ୍ । ଯାହାକୁ ଉଭୟ ଉପଭୋଗ କରୁଛନ୍ତି । ହେଲେ ମଲାଇକା ଅରୋରାଙ୍କ ଜଣେ ପ୍ରଶଂସକ ଲେଖିଛନ୍ତି ଯେ ଏହା କେବଳ ଗୁଜବ । ଉଭୟଙ୍କ ମଧ୍ୟରେ କିଛି ନାହିଁ । କହିବାକୁ ଗଲେ ଅର୍ବାଜ ଖାନ୍‌ଙ୍କଠାରୁ ଛାଡ଼ପତ୍ର ପରେ ମଲାଇକା ଅଭିନେତା ଅର୍ଜ୍ଜୁନ କପୁରଙ୍କୁ ଡେଟ୍ କରିଥିଲେ । କିନ୍ତୁ କିଛି ମାସ ପୂର୍ବରୁ ମଲାଇକା ଓ ଅର୍ଜୁନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା । ଯାହା ଫଳରେ ଅଭିନେତ୍ରୀଙ୍କୁ ଏବେ ଏକୁଟିଆ ଜୀବନ ବିତାଇବାକୁ ପଡୁଛି । ସେ ପୁଣି ମନର ମଣିଷ ସନ୍ଧାନରେ ଅଛନ୍ତି ।

# ଜାତୀୟ ରେଟିଙ୍ଗ ଚେସ୍ : ଲଳିତ ଚାମ୍ପିଅନ, ଶ୍ରେୟସ୍କର ରନର୍ସଅପ୍



କଟକ, (ସ୍ୱପ୍ର): ଆଇଏସ୍ ଚେସ୍ ସେଣ୍ଟର ଓ ଅଲ୍ ଓଡ଼ିଶା ଚେସ ସଂଘର ମିଳିତ ଆନୁକୂଲ୍ୟରେ ମହାନଦୀବିହାର ସ୍ଥିତ ରିଦ୍ଧୀ ସିଦ୍ଧି କଲ୍ୟାଣ ମଣ୍ଡପରେ ଚାଲିଥିବା ଆନ୍ତଃ ଜାତୀୟ ଫିଡେ ରେଟିଂ ଓପନ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଦୀୟମାନ ଖେଳାଳି ଲଳିତ ରଂଜନ ସାହୁ ମୋଟ୍ ୮ ପଏଣ୍ଟ ସହ ଚାମ୍ପିଅନ ହୋଇ ୧୫ ହଜାର ଟଙ୍କା ସହ ଆକର୍ଷଣୀୟ ଟ୍ରଫି, ପଶ୍ଚିମବଙ୍ଗର ଶ୍ରେୟସ୍କର ତନ୍ତୀ ୭.୫ ପଏଣ୍ଟ ପାଇ ୨ୟ ହେବା ସହ ୧୨୦୦୦ ଟଙ୍କା ଓ ଓଡ଼ିଶାର ରବୀନ୍ଦ୍ର ଓଝା ୭.୫ ପଏଣ୍ଟ ପାଇ ୩ୟ ୧୦ହଜାର ଟଙ୍କା ସହ ଆକର୍ଷଣୀୟ ଟ୍ରଫି ହାସଲ କରିଥିଲେ । ମନୀଷ ମିଶ୍ର, ବିଶ୍ୱପ୍ରୀତ ରାୟ, ଅହାନ୍ ଜିତ ବାନାର୍ଜୀ, ସମ୍ବିତ୍ ଘୋଷ, ଶୁଭେନ୍ଦୁ ପାତ୍ର, ଆଦଭିକ୍ ଆଦିତ୍ୟ ସ୍ୱାଇଁ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିଲେ । ଶ୍ରୀୟଂସ ସାହୁ, ଆରାଧା ମହାରଣା, ସିଦ୍ଧାର୍ଥ ମଲ୍ଲିକ, ଅଦିତି ମହାରଣା, ଦେବରାଜ ସେନାପତି, ପ୍ରିତିକା ପ୍ରଧାନ, ପ୍ରିୟଦର୍ଶନ ରାୟ, ଇ ରାଗିଣୀ, ପ୍ରଂଶୁ ଦାଶ, ଶ୍ରଦ୍ଧା ସ୍ମରଣିକା ନନ୍ଦ ପ୍ରମୁଖ ବିଭିନ୍ନ ବୟସ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ସେହିପରି ଉଦୟକାନ୍ତ ନାୟକ, ଆରାଧା ବୁଦେକ୍, ଆୟୁଷ ଦାଶ, ଭିୟନ୍ ଖାର୍ବ, ସ୍ଥିତପ୍ରଜ୍ଞ ଖୁଣ୍ଟିଆ, ପ୍ରତ୍ୟୁଷ ଦୀକ୍ଷିତ, ଶ୍ରୀହର୍ଷ ମହାନ୍ତି, ସାଇ ବିଦ୍ୟାଶ୍ରି, ସୁମିତ କୁମାର ସିହ୍ନା ଓ ଶୁଭ୍ରଜିତ ମହାରଣା ବେଷ୍ଟ ଅନ୍ ରେଟେଡ ଖେଳାଳି ଭବେ ଅର୍ଥରାଶି ପୁରସ୍କାର ପ୍ରାପ୍ତ କରିଥଲେ । ପ୍ରଥମ ଥର ପାଇଁ କଟକରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟରୁ ୨୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୭୪ ଜଣ ଅର୍ନ୍ତଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ରହିଥିଲେ । ଉଦଯାପନୀ ଉତ୍ସବରେ ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ଅମିୟ ରଞ୍ଜନ ରାଉତରାୟ, ସମ୍ପାଦକ ଦେବବ୍ରତ ଭଞ୍ଜ, ଆଇଏସ ଚେସ ସେଣ୍ଟର ସଭାପତି ମନୋଜ କୁମାର ପତି, ଏମଡିଏ ସଭାପତି ସଞ୍ଜୟ ଜେନା, କର୍ପୋରେଟର ଇଂ ସୁବ୍ରତ ଘଡ଼େଇ, ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ଦୁଇ ଲକ୍ଷ ଟଙ୍କା ସହ ୫୩ ଗୋଟି ଆକର୍ଷଣିୟ ଟ୍ରଫି ପ୍ରଦାନ କରିଥିଲେ । ପ୍ରତିଯୋଗିତାକୁ ଆଇଏ ସୁରେଶ ସାହୁ, ସନ୍ତୋଷ ମହାପାତ୍ର, ସୁରଜ୍ ମହାରଣା ପରିଚାଳନା କରିଥିଲେ । ଶଙ୍କର ରାଓ, ପ୍ରଣିତା ସେନ୍, ଭେଙ୍କଟ ରାଓ, ଏ ପନୀ, ଗୁଣନିଧି ମହାନ୍ତି, ରୁଦ୍ରାଶିଷ ମଣ୍ଡଳ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଜାତୀୟ ପାରା ଫେନ୍‌ସିଂ : ଓଡ଼ିଶାକୁ ୨୯ ପଦକ

ଭୁବନେଶ୍ୱର, ୧୪ (ସବ୍ୟୁ): ଜାତୀୟ ପାରା ଫେନ୍‌ସିଂ ଚାମ୍ପିଅନସିପ୍‌ରେ ଓଡ଼ିଶା ପ୍ରତିଯୋଗୀ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ୨୯ ପଦକ ଜିତିଛନ୍ତି । ଏଥିରେ ୯ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଓ ୯ଟି ବ୍ରୋଞ୍ଜ ପଦକ ରହିଛି । ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ରାଖାଲ କୁମାର ସେଠୀ, ଆଶା ସିଂ, ରୁଦ୍ରନାରାୟଣ ବେହେରା, ମାଳତି ପାନାଉର, ଓମ୍ ପ୍ରକାଶ ବେହେରା, ପୁରୁଷ ଫୋଲି ଦଳ, ମହିଳା ଫୋଲି ଦଳ । ରୌପ୍ୟ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ଶିଳା ମନ୍ତ୍ରୀ, ମହିଳା ଇପୀ ଦଳ, ବି. ରମେଶ ରାଓ, ମାଳତି ପାନାଉର, ଆଶା ସିଂ, ପୁରୁଷ ଇପୀ ଦଳ, ଏ ଓ ବି ମହିଳା ସାବ୍ରେ ଦଳ । ସେହିଭଳି ବ୍ରୋଞ୍ଜ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ପୁଜାସ୍ୱିନୀ ନାୟକ, ଶିଳା ମନ୍ତ୍ରୀ, ରାଖାଲ କୁମାର ସେଠୀ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ପୁଜାସ୍ୱିନୀ ନାୟକ, ଭି.ରମେଶ ରାଓ, ଶିଳା ମନ୍ତ୍ରୀ, ପୁଜାସ୍ୱିନୀ ନାୟକ ଓ ଆଶା ସିଂ ।





### ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି